R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୫
ତିଥି : ଦଶମୀ
୧୦ ଜୁନ୍ ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 245
10 June 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## କେନ୍ଦ୍ର ସରକାରଙ୍କ ସେବା, ସମର୍ପଣର ୧୨ ବର୍ଷ ପୂର୍ତ୍ତି

# ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶା ବିକାଶରେ ଅଗ୍ରସର ହେଉଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୬ (ସବ୍ୟୁ) : କେନ୍ଦ୍ର ଓ ରାଜ୍ୟର ଡବଲ୍ ଇଞ୍ଜିନ ସରକାରର ମିଳିତ ସମନ୍ୱୟ ବଳରେ ଓଡ଼ିଶାର ବିକାଶ ପ୍ରକ୍ରିୟା ଏକ ପ୍ରଭାବଶାଳୀ ଗତି ଦେଇ ଅଗ୍ରସର ହେଉଛି । ଯୋଗାଯୋଗ, ଶିଳ୍ପ, ଭିତ୍ତିଭୂମି, କୃଷି, ନାରୀ ସଶକ୍ତୀକରଣ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନାର ଦୃଢ଼ ରୂପାୟନ ମାଧ୍ୟମରେ ପ୍ରତିଟି ନାଗରିକଙ୍କୁ ସଶକ୍ତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

କେନ୍ଦ୍ର ସରକାରଙ୍କ ସେବା ଓ ସମର୍ପଣର ୧୨ ବର୍ଷ ଏବଂ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ରେଳ ବଜେଟର ଅଭୂତପୂର୍ବ ଅଭିବୃଦ୍ଧି, ସାଗରମାଳା



ପ୍ରକଳ୍ପ, ପିଏମ୍ କିଷାନ, ଲକ୍ଷପତି ଦିଦି ଏବଂ ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଭଳି ଯୁଗାନ୍ତକାରୀ କାର୍ଯ୍ୟକ୍ରମ ରାଜ୍ୟର ସାମଗ୍ରିକ ବିକାଶକୁ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି । କେନ୍ଦ୍ର ସରକାରଙ୍କ ସହଯୋଗୀ ମାର୍ଗଦର୍ଶନ ଓ ଆମ ସରକାରଙ୍କ ନିଷ୍ଠାପର କାର୍ଯ୍ୟଶୈଳୀ ଦ୍ୱାରା ଓଡ଼ିଆ ଅସ୍ମିତାର ସୁରକ୍ଷା ସହ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମର ଏହି ପ୍ରତିଶ୍ରୁତିବଦ୍ଧ ଯାତ୍ରା ନିରନ୍ତର ଜାରି ରହିବ। ଶ୍ରୀ ମୋଦୀଙ୍କ ଏହି ୧୨ ବର୍ଷ ହେଉଛି ପୂର୍ଣ୍ଣ ରୂପାନ୍ତରଣର ଯୁଗ ।

ଏହି ଅବସରରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ, ପୂର୍ବରୁ ଯୋଜନା ଥିଲା, ହେଲେ ୨୦୧୪ରେ ନରେନ୍ଦ୍ର ସରକାରରେ ପ୍ରତି ପଞ୍ଚାୟତରୁ ୩ରୁ ୪ ଜଣଙ୍କ ନାଁ ଇନ୍ଦିରା ଆବାସ ଘର ଲାଗି ଆବେଦନ ଆସୁଥିଲା । ଇନ୍ଦିରା ଆବାସ ଏବେ ପିଏମ ଆବାସ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୋଗୁ ଟେକ୍ନୋଲୋଜି ବ୍ୟବହାର ବଢ଼ିଛି । ଫଳରେ ପିମ୍ ଆବାସ ଯୋଜନାରେ

### ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସ୍ୱାବଲମ୍ବୀ, ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ

### ମୋଦୀ ଆସିବା ପରେ ପ୍ରଗତିର ଗତି ବଢ଼ିଛି : କେନ୍ଦ୍ର ଆଇନ ମନ୍ତ୍ରୀ

ମୋଦୀଙ୍କ ସରକାର ଆସିବା ପରେ ଯୋଜନାର ସ୍କେଲ, ସ୍ପିଡ୍ ବଢ଼ିବା ସହିତ ଟେକ୍ନୋଲୋଜି ଯୋଡ଼ି ହେବା ଦ୍ୱାରା ଦେଶର ବିକାଶ ହୋଇଛି । ହଜାରେ ଦିନରେ ୧୮,୦୦୦ ଗାଁରେ ବିଜୁଳି ସଂଯୋଗ କରାଯାଇପାରିଛି । ପୂର୍ବ ୪ କୋଟି ହିତାଧିକାରୀଙ୍କୁ ପକ୍କା ଘର ମିଳିଛି । ଦେଶରେ ରାସନ କାର୍ଡକୁ ବହୁ ପ୍ରଭାବଶାଳୀ ଓ ଦଲାଲ ହାତେଇଥିଲେ । ହେଲେ ଶ୍ରୀ ମୋଦୀଙ୍କ ଯୋଗୁ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର(ଡିବିଟି) ବା (୯ ପୃଷ୍ଠାରେ)

## ଦୁର୍ନୀତୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ

# ୩ ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୯।୬ (ସବ୍ୟୁ) : ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜଳସମ୍ପଦ ବିଭାଗର ୩ ଯନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ବରଗଡ ଡିଷ୍ଟ୍ରିବ୍ୟୁଟାରୀ ଉପରେ ବାକ୍ସ କଣ୍ଡକ୍ଟ ନିର୍ମାଣ ବରଗଡ କେନାଲ ଫ୍ରଣ୍ଟ ଡେଭେଲପ୍‌ମେଣ୍ଟ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନାରେ ଅନିୟମିତତା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବିତ ହୋଇଥିବା ଯନ୍ତ୍ରୀମାନେ ହେଉଛନ୍ତି ବରଗଡ ଜଳସେଚନ, ଡିଭିଜନ ସୁପରିଟେଣ୍ଡେଣ୍ଟ ଇଂଜିନିୟର ମଦନମୋହନ ସେଠୀ, ଭେଡେନ୍ ଜଳସେଚନ ସବ୍‌ଡିଭିଜନ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜକୁମାର ମିଶ୍ର, ବରଗଡ କେନାଲ ବିଭାଗ ସହକାରୀ ଇଂଜିନିୟର ରଞ୍ଜନ ପଟେଲ ଆର୍ଥିକ ଅନିୟମିତତା ଅଭିଯୋଗରେ ଏହି ନିଲମ୍ବନ କରାଯାଇଛି। ନିଲମ୍ବନ (୯ ପୃଷ୍ଠାରେ)

# ଗୃହରକ୍ଷୀଙ୍କ ଦୈନିକ ଭତ୍ତା ବୃଦ୍ଧି

ଭୁବନେଶ୍ୱର, ୯।୬ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତା ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁ ହେବ।

ସୂଚନାଯୋଗ୍ୟ ଯେ, ୨୦୨୫ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ୨୦୨୬ ଜାନୁଆରୀ ପହିଲାରୁ ବୃଦ୍ଧି କରିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ଗୃହରକ୍ଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

# ୧୨ ପରମାଣୁ ଅସ୍ତ୍ର ମୁତୟନ କରିଛି ଭାରତ

ନୂଆଦିଲ୍ଲୀ, ୯।୬ : ଭାରତ ୧୨ ପାରମାଣିକ ଅସ୍ତ୍ର ୨୦୨୫ ରୁ ମୁତୟନ କରିଛି। ତେବେ ଚାଇନା ଏହି ଅସ୍ତ୍ରର ସଂଖ୍ୟା ୨୪ ରୁ ୩୪ କୁ ବୃଦ୍ଧି କରିଛି। ଭାରତ ପ୍ରଥମ ଥର ପାଇଁ ଏହି ପରମାଣିକ ଯୁଦ୍ଧାସ୍ତ୍ର ମୁତୟନ କରିଥିବା ସିପ୍ରି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସିପ୍ରିର ୨୦୨୬ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ, ପରମାଣିକ ଅସ୍ତ୍ରକୁ ଜାତୀୟ କ୍ଷମତାର ଶକ୍ତିଭାବେ ପ୍ରଦର୍ଶନ କରାଯାଉଛି। ପ୍ରାୟ ୪୦୧୨ ପରମାଣିକ ଅସ୍ତ୍ର, ମିଶାଇଲ ଓ ଏୟାରକ୍ରାଫ୍ଟ ମାଧ୍ୟରେ ସମଗ୍ର ଦେଶ ମୁତୟନ ଅଛି। ପ୍ରଥମ ଥର ପାଇଁ ସିପ୍ରି ରିପୋର୍ଟରେ ଉଲ୍ଲେଖ




କରାଯାଇଛି ଯେ, ଭାରତ ପରମାଣିକ ଅସ୍ତ୍ରଶସ୍ତ୍ରକୁ ମୁତୟନ କରିଛି। ତେବେ ଆଉ କିଛି ଅସ୍ତ୍ରଶସ୍ତ୍ରକୁ ମଧ୍ୟ ଗଚ୍ଛିତ କରାଯାଇଛି। ଏହାକୁ ସାମରିକ ବାହିନୀକୁ ଦିଆଯାଇଛି ମାତ୍ର ତାକୁ ବ୍ୟବହାର ନକରିବା ପାଇଁ କୁହାଯାଇଛି। (୯ ପୃଷ୍ଠାରେ)

# ଦେବାଶିଷଙ୍କ ପ୍ରାର୍ଥୀପତ୍ର କାଏମ

ଭୁବନେଶ୍ୱର, ୯।୬ (ସବ୍ୟୁ) : ରାଜ୍ୟସଭା ଉପନିର୍ବାଚନ ଲାଗି ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଦେବାଶିଷ ସାମନ୍ତରାୟଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେ ମୋଟ୍ ୪ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ରାଜ୍ୟସଭା ଉପନିର୍ବାଚନ ପାଇଁ ଗତ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସେ ନାମାଙ୍କନ ଦାଖଲ କରିଥିଲେ। ଆଜି ଯାଞ୍ଚ କରାଯାଇ ତାଙ୍କର ୪ ସେଟ୍ ପ୍ରାର୍ଥୀପତ୍ରକୁ କାଏମ ରଖାଯାଇଛି। ଆଉ କେହି ପ୍ରାର୍ଥୀ ନିର୍ବାଚନ ମୈଦାନରେ ନଥିବାରୁ ଦେବାଶିଷଙ୍କ ଜିତିବା ସ୍ପଷ୍ଟ ହୋଇଛି।

## ପିଓକେରେ ହିଂସା

# ପାକ୍ ସେନା ଗୁଳିମାଡ଼ରେ ୩୦ ମୃତ

ନୂଆଦିଲ୍ଲୀ, ୯।୬ : ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନ ସେନାଙ୍କର ଗୁଳି ମାଡରେ ୩୦ ପ୍ରତିବାଦକାରୀ ମୃତ୍ୟୁବରଣ କରିଥିବା ବେଳେ ୨ ଶହରୁ ଉର୍ଦ୍ଧ୍ୱ ଆହାତ ହୋଇଛନ୍ତି। ପିଓକେରେ ପୂର୍ବରୁ ନିଷିଦ୍ଧ ହୋଇଥିବା ଜଏଣ୍ଟ ଆୱାମୀ ଆକ୍ସନ

### ୨୦୦ରୁ ଉର୍ଦ୍ଧ୍ୱ ଆହତ

କମିଟି (ଜେଏସିସି) ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏହି ସଂଗଠନ ଆର୍ଥିକ ଓ ରାଜନୈତିକ ଅଭିଯୋଗ ନେଇ ପ୍ରତିବାଦ କରିଥିଲେ।

ଜ୍ୟାକ୍ ପକ୍ଷରୁ ଗସ୍ତ ସପ୍ତାହେ ଧରି କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ଦାବି ସମ୍ପର୍କରେ ଅବଗତ କରାଯାଇଥିଲା। ରାୱାଲକୋଟରେ ଏହି ପ୍ରତିବାଦ ରାୱାଲକୋଟ ସହରରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରିଥିଲା। ଜ୍ୟାକ୍‌କୁ ପିଓକେରେ ଏକ ନିଷିଦ୍ଧ ସଂଗଠନ



ଘୋଷଣା କରାଯାଇଥିଲା। ଜ୍ୟାକ୍‌ର ସମର୍ଥକମାନେ ଲେଜିସ୍ଲେଟିଭ୍ ସଂସ୍ଥାରେ ୧୨ ଆସନ ପାଇଁ ଦାବି କରୁଛନ୍ତି। ଏହି ଆନ୍ଦୋଳନ ସମୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ଏହି ଗୋଷ୍ଠୀ ସହ ଜଡିତ ଥିବା ବ୍ୟକ୍ତିଙ୍କୁ ବାହାର କରିବାକୁ ଚେଷ୍ଟା କରିଥିଲା। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ୪ ଜଣ ପୋଲିସ କର୍ମଚାରୀ ଓ ଜଣେ ପଥପଦର୍ଶକଙ୍କ ମୃତ୍ୟୁ ହୋଇଥିଲା। ଜ୍ୟାକ୍ ସମର୍ଥକମାନେ ହସ୍ପିଟାଲ ମର୍ଗ ବାହାରେ ଏକାଠି ହୋଇଥିଲେ। ଯେଉଁଠି ପୂର୍ବରୁ ଗୁଳିକାଣ୍ଡ ଘଟି ଜଣେ କର୍ମୀର ମୃତ ଦେହ ରଖାଯାଇଥିଲା। କମିଶନର ସର୍ଦାର ୱାଦ ଖାନ୍ କହିଛନ୍ତି ଯେ, ଜ୍ୟାକ୍ ସମର୍ଥକମାନେ ହସ୍ପିଟାଲରେ ଯେଉଁଠି ଶବ ରହୁଥିଲା ସେଠାକୁ ମୃତକଙ୍କ ଶରୀର ନେବାକୁ ଚେଷ୍ଟା କରିଥିଲେ। ସୁରକ୍ଷାକର୍ମୀମାନେ ପ୍ରତିବାଦକାରୀଙ୍କୁ ଘଉଡେଇବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ସ୍ୱୟଂ ଚାଳିତ ରାଇଫଲ, ପେଟ୍ରୋଲ ବମ୍ ଓ ଅନ୍ୟ ଅସ୍ତ୍ରରେ ଟାର୍ଗେଟ କରିଥିଲେ। ଫଳରେ ୬ ପ୍ରତିବାଦକାରୀଙ୍କ ମୃତ୍ୟୁ ହୋଇଥିଲା। ତେବେ ପୁଣି ଦିନକ ପରେ ଏହି ଆନ୍ଦୋଳନ ଆହୁରି ଉଗ୍ରରୂପ ନେଇଥିଲା। ଏହି ସଂଗଠନ ପୂର୍ବରୁ ମଧ୍ୟ ପ୍ରତିବାଦ କରିଆସୁଥିଲା। ଜ୍ୟାକ୍‌ର ସମର୍ଥକମାନଙ୍କୁ (୯ ପୃଷ୍ଠାରେ)

# ଦୀଘା ଜଗନ୍ନାଥ ମନ୍ଦିରରୁ ହଟିବ 'ଧାମ'

ଭୁବନେଶ୍ୱର, ୯।୬ (ସବ୍ୟୁ) : ଦୀଘାରେ ଥିବା ଜଗନ୍ନାଥ ମନ୍ଦିରରେ ଲେଖାଯାଇଥିବା 'ଧାମ' ଶବ୍ଦକୁ ହଟାଯିବ। ଦୀଘା ଜଗନ୍ନାଥ ଧାମ ନିକଟରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ସାଂସ୍କୃତିକ କେନ୍ଦ୍ର ଉଲ୍ଲେଖ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠି ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ନିଷ୍ପତ୍ତି ନେଇଛନ୍ତି। ସୁଭେନ୍ଦୁ କହିଛନ୍ତି ଯେ, ପୂର୍ବ ସରକାର ସନାତନ ବିରୋଧୀ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ ସୋସିଆଲ ମିଡ଼ିଆରେ ଲେଖିଛନ୍ତି ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱର ପ୍ରାଣବିନ୍ଦୁ ଏବଂ ଆମ ସାଂସ୍କୃତିକ ଆଧ୍ୟାତ୍ମିକ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତିକ। ଶାସ୍ତ୍ରୀୟ ଓ ପୌରାଣିକ ମାନ୍ୟତା ଅନୁଯାୟୀ ଶ୍ରୀକ୍ଷେତ୍ର ପୁରୀହିଁ




ସନାତନ ଧର୍ମର ଅନନ୍ୟ ଏବଂ ଅଦ୍ୱିତୀୟ ଜଗନ୍ନାଥ ଧାମ। ଓଡ଼ିଶା ସ୍ୱାଭିମାନ ରକ୍ଷା ପାଇଁ ପ.ବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଆପତ୍ତି ଜଣାଇଥିଲି। ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ପୂର୍ବ ସରକାରଙ୍କ ଦୂରଦୃଷ୍ଟିହୀନ ନୀତିକୁ ବଦଳାଇ ଏହି ସମ୍ବେଦନଶୀଳ ପ୍ରସଙ୍ଗର ମହତ୍ତ୍ୱକୁ ଉପଲବ୍ଧି କରିଛନ୍ତି।

ଶୁଭେନ୍ଦୁ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଭଳି ଦୀଘାରେ ମଧ୍ୟ ନୀତିକାନ୍ତି ଓ ପୂଜାପାଠ କରଯିବ। ମମତା ବାନାର୍ଜୀ ମଧ୍ୟ ଦୀର୍ଘାରେ ପୁରୀ ଜଗନ୍ନାଥ ମନ୍ଦିର ଭଳି ମନ୍ଦିର ପ୍ରତିଷ୍ଠା କରି ତାକୁ ଧାମ ନାମକରଣ କରି ବର୍ଷେ ହେଲା ବିରୋଧ କରାଯାଇଥିଲା। ଏବେ ସେଥିରେ ପୂର୍ଣ୍ଣଚ୍ଛେଦ ପଡିଛି। (୯ ପୃଷ୍ଠାରେ)

- ଲେଖାଯିବ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ସାଂସ୍କୃତିକ କେନ୍ଦ୍ର
- ପ.ବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ମୋହନ

## ହୋଇପାରିଲାନି ଧାନ ବିକ୍ରି

# ଚିକିତ୍ସା ଅଭାବରୁ ଆଖି ବୁଜିଲେ ଚାଷୀ

ପଦ୍ମପୁର, ୯।୬ (ସବ୍ୟୁ): ଚାଷୀଙ୍କ ଜୀବନ ସହ ଜଡ଼ିତ ଧାନ କ୍ରୟ ବ୍ୟବସ୍ଥାର ଅବ୍ୟବସ୍ଥା ଓ ପ୍ରଶାସନିକ ବିଳମ୍ବର ଏକ ହୃଦୟ ବିଦାରକ ଚିତ୍ର ଏବେ ପଦ୍ମପୁର ଉପଖଣ୍ଡରେ ଦେଖିବାକୁ ମିଳିଛି । ବର୍ଷସାରା ଖଟି ଖଟି ଚାଷ କରିଥିବା ଧାନକୁ ସରକାରୀ ଦରରେ ବିକ୍ରି କରି ଚିକିତ୍ସା ଖର୍ଚ୍ଚ ଓ ପରିବାରର ଆର୍ଥିକ ସମସ୍ୟା ଦୂର କରିବାର ଆଶା ରଖିଥିବା ଜଣେ ଚାଷୀ ଧାନ ବିକ୍ରି ପୂର୍ବରୁ ହିଁ ଆଖି ବୁଜିଛନ୍ତି । ମୃତ୍ୟୁ ପରେ ମଧ୍ୟ ତାଙ୍କର କଷ୍ଟାର୍ଜିତ ଧାନ ମଣ୍ଡିରେ ପଡ଼ିରହିଛି । ଏହି ଘଟଣା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ଚାଷୀ ସମାଜର ଦୀର୍ଘଦିନର ଯନ୍ତ୍ରଣା ଓ ଅବହେଳାର ଏକ ନିର୍ମମ ପ୍ରତିଛବି ।



ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଗୁଦେରପାଲି ଗ୍ରାମର ଚାଷୀ ହରିଶଙ୍କର ପାତ୍ର ଚଳିତ ରବି ଋତୁରେ ଉତ୍ପାଦିତ ଧାନ ବିକ୍ରୟ ପାଇଁ କୁଣ୍ଡାଖାଇ କୃଷି ସମବାୟ ସମିତିରେ ପଞ୍ଜିକରଣ କରିଥିଲେ । ସରକାରୀ ନିୟମ ଅନୁଯାୟୀ ତାଙ୍କୁ ଟୋକନ ନମ୍ବର ୨୪୮୯୨୫୮ ପ୍ରଦାନ କରାଯାଇଥିଲା । ଏହି ଟୋକନ ଅନୁଯାୟୀ ସେ ୬୨.୯୨ କ୍ୱିଣ୍ଟାଲ ଧାନ ଗୁଦେରପାଲି ଧାନ କ୍ରୟ କେନ୍ଦ୍ରରେ ୨୧ ମଇ ୨୦୨୬ ତାରିଖରେ ବିକ୍ରି କରିବା ପାଇଁ ଅନୁମତି ପାଇଥିଲେ । ନିୟମ ଅନୁସାରେ ଧାନ ବିକ୍ରି ହେବ ବୋଲି ଆଶା ରଖି ସେ ଗତ ୩୦ ମଇରେ ପ୍ରାୟ ୧୫୦ ବସ୍ତା ଧାନ ମଣ୍ଡିକୁ ଆଣି (୯ ପୃଷ୍ଠାରେ)



# ବାଜି ମାରିଲେ ପିସି

ଫର୍ଚ୍ୟୁନ୍ ଇଣ୍ଡିଆ ଏବଂ ଇଣ୍ଟରବ୍ରାଣ୍ଡ ପକ୍ଷରୁ ଦେଶର ୨୫ ଜଣ ସବୁଠାରୁ ମୂଲ୍ୟବାନ ସେଲିବ୍ରିଟିଙ୍କୁ ନେଇ ଏକ ସ୍ୱତନ୍ତ୍ର ଗବେଷଣାତ୍ମକ ରିପୋର୍ଟ ପ୍ରକାଶ ପାଇଛି । ଏଥିରେ ବିରାଟ କୋହଲି ୩,୫୪୨ କୋଟି ଟଙ୍କାର ବ୍ରାଣ୍ଡ ଭାଲ୍ୟୁ ସହ ଭାରତର ସବୁଠାରୁ ମୂଲ୍ୟବାନ ବ୍ୟକ୍ତିତ୍ୱ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବଲିଉଡର ବାଦଶାହା ଶାହରୁଖ ଖାନ ଦ୍ୱିତୀୟ ଏବଂ ଗ୍ଲୋବାଲ ଆଇକନ ପ୍ରିୟଙ୍କା ଚୋପ୍ରା ଜୋନସ ତୃତୀୟ ସ୍ଥାନରେ ରହି ମହିଳା ସେଲିବ୍ରିଟିଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସମସ୍ତ ଅଭିନେତ୍ରୀଙ୍କୁ ପଛରେ ପକାଇ ବାଜି ମାରିଛନ୍ତି ପିସି । ଏହି ପ୍ରତିଷ୍ଠିତ ତାଲିକାର ଶୀର୍ଷ ୧୦ ମଧ୍ୟରେ ୩ ଜଣ କ୍ରିକେଟର ଏବଂ ୭ ଜଣ ଚଳଚ୍ଚିତ୍ର ତାରକା ସ୍ଥାନ ପାଇଛନ୍ତି । ମୋଟ ୨୫ ଜଣଙ୍କ ମଧ୍ୟରେ ଅଭିନେତ୍ରୀ ଦୀପିକା ପାଦୁକୋନ (୧୧ତମ ସ୍ଥାନ), ରଶ୍ମିକା ମନ୍ଦାନା (୧୭ତମ ସ୍ଥାନ), କୃତି ସାନନ, ଦକ୍ଷିଣ ଭାରତୀୟ ସୁପରଷ୍ଟାର ନୟନତାରା ଏବଂ ଭାରତୀୟ ମହିଳା କ୍ରିକେଟର ସ୍ମୃତି ମନ୍ଧାନାଙ୍କ ସମେତ ଚର୍ଚ୍ଚିତ କଳାକାର ଦିଲଜିତ ଦୋସାଞ୍ଜ, କରନ ଜୋହର, ସୌରଭ ଗାଙ୍ଗୁଲି ଓ ବିକ୍କି କୌଶଲଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ସାମିଲ ଅଛନ୍ତି । ବିଶେଷ କଥା ହେଉଛି, ଏହି ଅଧ୍ୟୟନରେ କେବଳ ସେଲିବ୍ରିଟିଙ୍କ ଆୟ, ସୋସିଆଲ ମିଡିଆ ଫଲୋଅର୍ସ କିମ୍ବା ବକ୍ସ ଅଫିସ୍ ସଫଳତାକୁ ଆଧାର କରାଯାଇ ନାହିଁ, ବରଂ ଜନସାଧାରଣଙ୍କ ସହ ନିବିଡ଼ ସଂଯୋଗ, ବିଶ୍ୱସନୀୟତା, ଆତ୍ମୀୟତା ଏବଂ ଦାୟିତ୍ୱବୋଧ ଭଳି ମାନଦଣ୍ଡକୁ ଗଭୀର ଭାବେ ପରଖି ଏହି ଚୂଡ଼ାନ୍ତ ବ୍ରାଣ୍ଡ ଭାଲ୍ୟୁ ସ୍ଥିର କରାଯାଇଛି ।

# ପୃଥିବୀ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ



ଜଳବାୟୁ ପରିବର୍ତ୍ତନ ପୃଥିବୀକୁ ଅନେକ ଦିଗରୁ ପ୍ରଭାବିତ କରୁଥିବା ବେଳେ ଏହା ଏବେ ଗ୍ରହର ଆବର୍ତ୍ତନ ଗତିକୁ ମଧ୍ୟ ମନ୍ଥର କରିଦେଉଛି ବୋଲି ଜଣାପଡିଛି । ଯାହାଫଳରେ ପୃଥିବୀରେ ଦିନର ଅବଧି ଧୀରେ ଧୀରେ ବୃଦ୍ଧି ପାଉଛି ବୋଲି 'ଫୋର୍ବସ'ର ଏକ ନୂତନ ରିପୋର୍ଟରୁ ପ୍ରକାଶ ପାଇଛି । ୟୁନିଭର୍ସିଟି ଅଫ୍ ଭିଏନା ଏବଂ ଇଟିଏଚ୍ ଜ୍ୟୁରିକ୍‌ର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ବର୍ତ୍ତମାନ ପୃଥିବୀରେ ଦିନର ସମୟ ସୀମା ପ୍ରତି ଶତାବ୍ଦୀରେ ପ୍ରାୟ ୧.୩୩ ମିଲିସେକେଣ୍ଡ ହାରରେ ବଢ଼ିବାରେ ଲାଗିଛି । ଏହାର ମୂଳ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗ୍ଲେସିୟର ଏବଂ ମେରୁ ଅଞ୍ଚଳର ବରଫ ସ୍ତର ତରଳି ସମୁଦ୍ର ପତ୍ତନ ବୃଦ୍ଧି ପାଇବା । ବରଫ ତରଳିବା ଯୋଗୁଁ ମେରୁ ଅଞ୍ଚଳର ପାଣି ମହାସାଗର ଆଡ଼କୁ ଗତି କରୁଛି, ଯାହା ପୃଥିବୀର ସାମଗ୍ରିକ ବସ୍ତୁତ୍ୱର ପୁନଃବିତରଣ କରୁଥିବା ବେଳେ ଏହି ପରିବର୍ତ୍ତନ ଯୋଗୁଁ ପୃଥିବୀ ବିଷୁବରେଖା ନିକଟରେ ସାମାନ୍ୟ ସ୍ଫୀତ ହୋଇ ନିଜ ଅକ୍ଷ ଚାରିପଟେ ଧୀରେ ଧୀରେ ଘୂରୁଛି । ଯଦିଓ ଏହି ସମୟ ପରିବର୍ତ୍ତନ ଅତି ସୂକ୍ଷ୍ମ, ତଥାପି ଏହା ସାଟେଲାଇଟ୍ ନେଭିଗେସନ୍, ମହାକାଶ ଅଭିଯାନ ଏବଂ ବୈଶ୍ୱିକ ସମୟ ନିର୍ଦ୍ଧାରଣ ପ୍ରଣାଳୀ ଭଳି ସୂକ୍ଷ୍ମ ବ୍ୟବସ୍ଥା ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିପାରେ । ଯାହା ସମ୍ପୂର୍ଣ୍ଣ ଭାବେ ପୃଥିବୀର ସଠିକ ଆବର୍ତ୍ତନ ଉପରେ ନିର୍ଭରଶୀଳ। ଜର୍ଣ୍ଣାଲ ଅଫ୍ ଜିଓଫିଜିକାଲ ରିସର୍ଚ୍ଚ ସଲିଡ୍ ଆର୍ଥରେ ପ୍ରକାଶିତ ଏହି ଅଧ୍ୟୟନ ପାଇଁ ବୈଜ୍ଞାନିକମାନେ ସମୁଦ୍ର ଶଯ୍ୟାରେ ରହୁଥିବା ଏକକୋଷୀ ସାମୁଦ୍ରିକ ଅଣୁଜୀବ 'ବେନ୍ଥିକ୍ ଫୋରାମିନିଫେରା'ର ଜୀବାଶ୍ମ ଏବଂ ଆଡଭାନ୍ସଡ୍ ମେସିନ୍ ଲର୍ଣ୍ଣିଂ କୌଶଳ ବ୍ୟବହାର କରି ଗତ ୩୬ ଲକ୍ଷ ବର୍ଷର ଦିନର ଅବଧିକୁ ପୁନର୍ନିର୍ମାଣ କରିଛନ୍ତି। ଯେଉଁଥିରୁ ଜଣାପଡ଼ିଛି ଯେ ୩୬ ଲକ୍ଷ ବର୍ଷ ମଧ୍ୟରେ କେବେ ବି ଜଳବାୟୁ ଜନିତ କାରଣରୁ ଦିନର ଅବଧି ଏତେ ଦ୍ରୁତ ଗତିରେ ବଢ଼ି ନଥିଲା ଯେପରି ୨୦୦୦ ରୁ ୨୦୨୦ ମସିହା ମଧ୍ୟରେ ରେକର୍ଡ କରାଯାଇଛି । ସାଧାରଣତଃ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ପୃଥିବୀର ଆବର୍ତ୍ତନ ଗତିକୁ ଧୀମା କରିବାର ମୁଖ୍ୟ ଦୀର୍ଘକାଳୀନ କାରକ ହୋଇ ରହିଆସିଛି । କିନ୍ତୁ ଏହି ଗବେଷଣା ଚେତାବନୀ ଦେଇଛି ଯେ ଯଦି ୨୧ତମ ଶତାବ୍ଦୀରେ ଗ୍ରୀନଲ୍ୟାଣ୍ଡ, ଆଣ୍ଟାର୍କଟିକା ଏବଂ ପାର୍ବତ୍ୟ ଗ୍ଲେସିୟରଗୁଡ଼ିକ ଏହିଭଳି ଦ୍ରୁତ ଗତିରେ ତରଳିବା ଜାରି ରହେ, ତେବେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଚନ୍ଦ୍ରର ପ୍ରଭାବକୁ ମଧ୍ୟ ଟପିଯାଇପାରେ ।

# ମହାକାଶରେ ଫ୍ୟାଶନ

ଲଗଜୁରୀ ଫ୍ୟାଶନ ଏବଂ ମହାକାଶ ଅଭିଯାନର ଏକ ଅଭୂତପୂର୍ବ ସମନ୍ୱୟ ବର୍ତ୍ତମାନ ଦେଖିବାକୁ ମିଳିଛି । ଇଟାଲୀର ପ୍ରସିଦ୍ଧ ଲଗଜୁରୀ ଫ୍ୟାଶନ ହାଉସ୍ 'ପ୍ରାଡା' ମହାକାଶଚାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପୋଷାକର ଆବରଣ ଉନ୍ମୋଚନ କରିଛି । ପ୍ରାଡା ପକ୍ଷରୁ ରବିବାର ଦିନ ଉନ୍ମୋଚିତ ଏହି ଶରୀର-ସଂଲଗ୍ନ ଭିତର ସ୍ତରର ସୁଟ୍‌କୁ ଆଗାମୀ ଦିନରେ ନାସାର ମହାକାଶଚାରୀମାନେ ସେମାନଙ୍କ ମହାକାଶ ଅଭିଯାନ ସମୟରେ ପିନ୍ଧିବେ । ଏହା ସହିତ ଦ୍ରୁତ ଗତିରେ ବଢୁଥିବା ମହାକାଶ ଶିଳ୍ପରେ ନିଜର ସ୍ଥିତି ଜାହିର କରିବାରେ ପ୍ରାଡା ପ୍ରଥମ ପ୍ରମୁଖ ବିଳାସପୂର୍ଣ୍ଣ ବ୍ରାଣ୍ଡ ପାଲଟିଛି । ଆମେରିକାର ହ୍ୟୁଷ୍ଟନ ସ୍ଥିତ ମହାକାଶ ଭିତ୍ତିଭୂମି କମ୍ପାନୀ 'ଆକ୍ସିୟମ ସ୍ପେସ୍' ସହଯୋଗରେ ବିକଶିତ ଏହି ସ୍ୱତନ୍ତ୍ର ଗାର୍ମେଣ୍ଟରେ ଭେଣ୍ଟିଲେସନ୍ ଟ୍ୟୁବ୍‌ଗୁଡ଼ିକୁ ସିଧାସଳଖ ପୋଷାକ ଭିତରେ ବୁଣା ଯାଇଛି । ଯାହାକୁ 'ଲିକ୍ୱିଡ୍ କୁଲିଂ ଆଣ୍ଡ ଭେଣ୍ଟିଲେସନ୍ ଗାର୍ମେଣ୍ଟ' କୁହାଯାଉଛି । ଏହାପୂର୍ବରୁ ୨୦୨୪ ମସିହାରେ ପ୍ରାଡା ମହାକାଶ ଫ୍ୟାଶନ ଜଗତରେ ପ୍ରବେଶ କରି ନାସାର ଆର୍ଟେମିସ୍-୩ ପୃଥିବୀ କକ୍ଷପଥ ଅଭିଯାନ ଏବଂ ଆର୍ଟେମିସ୍-୪ ଚନ୍ଦ୍ର ଅବତରଣ ଅଭିଯାନ ପାଇଁ ଏକ ସ୍ପେସସୁଟ୍ ଡିଜାଇନ କରିଥିଲା ।



# ବିରଳ ଜୈବ ବିବିଧତା

ସାରା ପୃଥିବୀରେ ଏମିତି ଅନେକ ଦେଶ ଅଛନ୍ତି ଯେଉଁଠାରେ ସିଂହ ଦେଖାଯାନ୍ତି ଏବଂ ଏମିତି ମଧ୍ୟ ଅନେକ ଦେଶ ଅଛନ୍ତି ଯେଉଁଠାରେ ବାଘ ବାସ କରନ୍ତି । ହେଲେ ଭାରତ ହେଉଛି ବିଶ୍ୱର ଏକମାତ୍ର ଏପରି ଦେଶ ଯେଉଁଠାରେ ଏହି ଦୁଇ ପ୍ରକାରର ମହାବଳୀ ବନ୍ୟଜନ୍ତୁ ପ୍ରାକୃତିକ ପରିବେଶରେ ଏକାଠି ବାସ କରୁଛନ୍ତି । ଇଣ୍ଟରନ୍ୟାସନାଲ ୟୁନିଅନ ଫର କଞ୍ଜରଭେସନ ଅଫ ନେଚରର ରିପୋର୍ଟ ଅନୁଯାୟୀ, ସାଧାରଣତଃ ସିଂହକୁ ଆଫ୍ରିକାର ସାଭାନା ତୃଣଭୂମି ଏବଂ ବାଘକୁ ଏସିଆର ଘଞ୍ଚ ଜଙ୍ଗଲ ସହିତ ଯୋଡ଼ା ଯାଉଥିବାରୁ ଏହି ଦୁଇ ବିରଳ ପ୍ରଜାତି ଗୋଟିଏ ଦେଶରେ ମିଳିବା କଥାଟି ବହୁତ କମ୍ ଲୋକ ଜାଣନ୍ତି । ଭାରତରେ ମିଳୁଥିବା ସିଂହଗୁଡ଼ିକ ଏକ ବିରଳ ପ୍ରଜାତିର ଏସୀୟ ସିଂହ ଅଟନ୍ତି, ଯେଉଁମାନେ ମୁଖ୍ୟତଃ ଗୁଜରାଟର ଗିର୍ ଜାତୀୟ ଉଦ୍ୟାନ ଓ ଏହାର ଆଖପାଖ ଅଞ୍ଚଳରେ ଦେଖାଯାନ୍ତି । ୨୦୨୦ ଗଣନା ସୁଦ୍ଧା ଏହି ସିଂହ ସଂଖ୍ୟା ୬୭୦ ଅତିକ୍ରମ କରିଛି । ଅନ୍ୟପଟେ, ବେଙ୍ଗଲ ଟାଇଗର ବା ମହାବଳ ବାଘଙ୍କ କାହାଣୀ ସାମାନ୍ୟ ଭିନ୍ନ, ଯେଉଁଠି ଜଙ୍ଗଲ କ୍ଷୟ ଓ ଶିକାର ଯୋଗୁଁ ସଙ୍କଟରେ ପଡ଼ିଥିବା ବାଘ ବଂଶକୁ ବଞ୍ଚାଇବା ପାଇଁ ୧୯୭୩ ମସିହାରେ 'ପ୍ରୋଜେକ୍ଟ ଟାଇଗର' ଆରମ୍ଭ କରାଯାଇଥିଲା । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣର ତଥ୍ୟ ଅନୁଯାୟୀ, ବର୍ତ୍ତମାନ ସାରା ବିଶ୍ୱର ପ୍ରାୟ ୭୫ ପ୍ରତିଶତ ବନ୍ୟ ବାଘ କେବଳ ଭାରତରେ ରହିଛନ୍ତି । ଯେଉଁମାନେ ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ଆସାମ , ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଭଳି ବିଭିନ୍ନ ରାଜ୍ୟର ଅଭୟାରଣ୍ୟ ତଥା ମୁକ୍ତ ଜଙ୍ଗଲରେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି ।





# ଇତିହାସ

୧୨୪୬- ନାସିରୁଦ୍ଦିନ୍ ମହମ୍ମଦ ଶାହ ଦିଲ୍ଲୀର ପ୍ରଥମ ଶାସକ ହେଲେ ।

୧୭୮୬- ଚୀନ୍‌ର ସିଚୁଆନ ପ୍ରାନ୍ତରେ ଭୂମିକମ୍ପ କାରଣରୁ ଦାଦୁ ନଦୀବନ୍ଧ ଭାଙ୍ଗି ୧ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ ।

୧୮୨୯- ବ୍ରିଟେନ୍‌ର ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଥମ ବୋଟ୍ ରେସ୍ ହୋଇଥିଲା ।

୧୯୪୪- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ସେନା ୟୁନାନ୍‌ର ୨୧୮ ଜଣଙ୍କୁ ହତ୍ୟା କରିଥିଲା ।

୧୯୪୬- ରାଜଶାହି ସମାପ୍ତ ହେବା ପରେ ଇଟାଲି ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଚିତ ହେଲା ।

୧୯୫୭- ଇସ୍ରାଏଲ୍ ଏବଂ ସିରିଆ ମଧ୍ୟରେ ୬ ଦିନିଆ ଯୁଦ୍ଧ ସମାପ୍ତ ।

୧୯୭୭- ପ୍ରଥମ ଆପଲ୍ ୧୧ ସିରିଜ୍‌ର କମ୍ପ୍ୟୁଟରର ବିକ୍ରି ଆରମ୍ଭ କରାଗଲା ।

୧୯୮୬- ଇଂଲଣ୍ଡକୁ ୫ ୱିକେଟ୍‌ରେ ହରାଇ ଭାରତ ପ୍ରଥମ ଥର ଲର୍ଡସ୍‌ରେ ଟେଷ୍ଟ ମ୍ୟାଚ୍ ଜିତିଥିଲା ।

୧୯୯୫- ୟୁରୋପର ବିକ୍ସଲେଟ୍ ଅଞ୍ଚଳରେ ୫୧୦୦ କିଲୋବିଶିଷ୍ଟ ବିଶ୍ୱର ସବୁଠୁ ଓଜନିଆ ଘଡି ସ୍ଥାପିତ କରାଗଲା ।

୧୯୯୯- କେରଳସ୍ଥିତ କୋଚିରେ ଏକ ଘରୋଇ ଅନ୍ତର୍ଜାତୀୟ ବିମାନବନ୍ଦରର ପରିଚାଳନା ଆରମ୍ଭ କରାଗଲା ।

୨୦୦୩- ନାସାର ପକ୍ଷରୁ ମଙ୍ଗଳାୟାନ ରୋବର୍ ଲଞ୍ଚ୍ କରାଗଲା ।

୨୦୦୮- ୫୪ତମ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାରର ଘୋଷଣା କରାଗଲା । ଏଥିରେ ସଞ୍ଜୟ ଦତ୍ତଙ୍କ ଅଭିନୀତ ଲଗେ ରହୋ ମୁନ୍ନାଭାଇ ସର୍ବଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ରୂପେ ଚୟନ କରାଗଲା ।

# ସୋସିଆଲ କୋଟ୍ସ



ସେହି କୁକୁରଟିକୁ ଖୁବ ନିର୍ଦ୍ଦୟଭାବେ ପିଟିପିଟି ମାରି ଦିଆଯାଇଛି । ସେ ଶୋଇଥିବା ଅବସ୍ଥାରେ ତା ଉପରେ ଆକ୍ରମଣ କରାଯାଇଥିଲା । ଏହି ଘଟଣାରେ ମୋତେ ନ୍ୟାୟ ଦରକାର ।

**ମଞ୍ଜରୀ ଫଡନିସ, ଅଭିନେତ୍ରୀ**



ଏଭଳି ଅନେକଥର ଘଟିଛି । ଅନେକ ସମୟରେ ନିର୍ଦ୍ଦେଶକଙ୍କୁ ଜଣା ନଥାଏ କି ସେମାନେ ଫିଲ୍ମରେ ମହିଳାଙ୍କ ଅବଜେକ୍ଟିଫାଏ କରୁଛନ୍ତି । ହେଲେ ଏହା ଉକ୍ତ ଅଭିନେତ୍ରୀଙ୍କ କ୍ୟାରିୟର ଉପରେ ଖରାପ ପ୍ରଭାବ ପକାଇଥାଏ ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ଶିଲ୍ପା ନିଜ ଭୁଲ ମାନି ସାରିଲେଣି ତେଣୁ ତାଙ୍କୁ ବର୍ତ୍ତମାନ ଖଳନାୟକ ଭଳି ବ୍ୟବହାର କରନ୍ତୁ ନାହିଁ । ସବୁବେଳେ ଅନ୍ୟକୁ ନିଚା ଦେଖାନ୍ତୁ ନାହିଁ ।

**ଉପାସନା ସିଂ, ଅଭିନେତ୍ରୀ**



**ମେଷ:** ସମ୍ପର୍କହାନି, ଅର୍ଥସମସ୍ୟା, ପାରିବାରିକ ସହଯୋଗ, ଶତ୍ରୁସମସ୍ୟା, ଶରୀର ସୁସ୍ଥ, ଦୂରଯାତ୍ରା, ବ୍ୟବସାୟରେ ଶତ୍ରୁତା, ବନ୍ଧୁଲାଭ, ସନ୍ତାନଖୁସି, ଚିଡ଼ିଚିଡ଼ା ସ୍ୱଭାବ ହେତୁ କଷ୍ଟ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ଭ୍ରମଣକଷ୍ଟ, ନୂତନ କାର୍ଯ୍ୟରେ ଲାଭ, ପାରିବାରିକ ସମସ୍ୟା, କର୍ମକ୍ଷେତ୍ରେ ସଫଳ, ପଦବୀଲାଭ, ମନ ଅସ୍ଥିର, ବନ୍ଧୁଲାଭ, ଅର୍ଥସମସ୍ୟା, ସମ୍ପତ୍ତିଲାଭ, ଶୁଭଖବର, ବିବ୍ୟାରେ ସଫଳ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ମା' ଭୁବନେଶ୍ୱରୀ ।

**ମିଥୁନ:** କାର୍ଯ୍ୟରେ ସଫଳ, ଶତ୍ରୁ ପରାଜିତ, ସମ୍ପତ୍ତିଲାଭ, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ସଫଳ, ପୁରାତନ ବିବାଦ ସମାଧାନ, ଅର୍ଥଲାଭ, ଦାମ୍ପତ୍ୟଖୁସି, ସନ୍ତାନପ୍ରାପ୍ତି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

**କର୍କଟ:** ଅର୍ଥସମସ୍ୟା, ଦୂରଯାତ୍ରା, ଶୁଭଖବର, ଯାନ୍ତ୍ରିକତ୍ରୁଟି, ବ୍ୟବସାୟରେ ସ୍ୱଳ୍ପଲାଭ, ପାରିବାରିକ ସହଯୋଗ, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନ, ସନ୍ତାନସମସ୍ୟା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ମାଣିକେଶ୍ୱରୀ ।

**ସିଂହ:** କାର୍ଯ୍ୟରେ ସଫଳ, ନୂତନ କାର୍ଯ୍ୟରେ ଲାଭ, ମାନସିକ ଶାନ୍ତି, ଅର୍ଥଲାଭ, ଦ୍ରବ୍ୟପ୍ରାପ୍ତି, ବିବାଦ ସମାଧାନ, ନୂତନ ଚୁକ୍ତି, ସମ୍ପତ୍ତିଲାଭ, କଳହ ସମାଧାନ, ଶୁଭଖବର, ପିଲାଙ୍କଚିନ୍ତା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ମା' ଭଗବତୀ ।

**କନ୍ୟା:** ଅଯଥାବ୍ୟୟ, କାର୍ଯ୍ୟରେ ବିଳମ୍ବ, ହଠାତ୍ ଦୂରଯାତ୍ରା, ଉଚ୍ଚସ୍ଥାନରୁ ପତନଭୟ, ଲୋକସମ୍ପର୍କ ବୃଦ୍ଧି, ଅଳ୍ପଧନଲାଭ, ସୁମିଷ୍ଟ ଭୋଜନ, ଶୁଭଖବର, ଦାମ୍ପତ୍ୟଖୁସି, ବିବାଦମୁକ୍ତ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ତୁଳା:** ଯାତ୍ରାରେ ସଫଳ, ସମ୍ମାନଲାଭ, ବନ୍ଧୁସମସ୍ୟା, ମାନସିକ ଶାନ୍ତି, ପଦବୀଲାଭ, ଅର୍ଥଲାଭ, ମାମଲା ସମାଧାନ, ବ୍ୟବସାୟରେ ଲାଭ, ପୁରାତନ ବନ୍ଧୁମିଳନ, ସନ୍ତାନଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଖୁସିଖବର, ବ୍ୟବସାୟରେ ଲାଭ, ଅର୍ଥଲାଭ, ପାରିବାରିକ ସମସ୍ୟା, ପଦବୀଲାଭ, ଯାତ୍ରା ସଫଳ, ଆଶାପୂର୍ଣ୍ଣ, ସମ୍ପତ୍ତିଲାଭ, ପୁରୁଣା ମାମଲା ସମାଧାନ, ଦାମ୍ପତ୍ୟଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ନୃସିଂହ ।

**ଧନୁ:** କାର୍ଯ୍ୟରେ ବାଧା, ଅର୍ଥସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଶାନ୍ତି, ଉଚ୍ଚଆଶା ବିଫଳ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟିକ କଷ୍ଟ, ପାରିବାରିକ ଖୁସି, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**ମକର:** ଅପମାନ, ଶରୀର ସୁସ୍ଥ, ପାରିବାରିକ ଖୁସି, ଉଚ୍ଚଆଶା ବିଫଳ, ଯାତ୍ରାରେ ସତର୍କ, ଦ୍ରବ୍ୟକଷ୍ଟ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁଦର୍ଶନ, ଗୁରୁଜନଙ୍କ ଆଶୀର୍ବାଦ, ବିବ୍ୟାରେ ସଫଳ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ପ୍ରୀତିବୃଦ୍ଧି, କାର୍ଯ୍ୟସଫଳ, ବନ୍ଧୁଲାଭ, ପଦବୀଲାଭ, ବ୍ୟବସାୟରେ ଉନ୍ନତି, ଶରୀର ସୁସ୍ଥ, ଅର୍ଥଲାଭ, ସମ୍ପତ୍ତିକ୍ରୟ, ମାମଲାରେ ଖୁସି, ପାରିବାରିକ ଖୁସି, ଭ୍ରାତୃସ୍ନେହ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମୀନ:** ଦ୍ରବ୍ୟଲାଭ, ପୁରାତନ ରୋଗ ଉପଶମ, ବ୍ୟବସାୟରେ ଲାଭ, ଅର୍ଥସମସ୍ୟା ସମାଧାନ, ସନ୍ତାନଖୁସି, ଶତ୍ରୁ ପରାଜିତ, ନୂତନଯୋଗ ପ୍ରାପ୍ତି, ଯାନବାହନ କ୍ରୟ, ଶରୀର ସୁସ୍ଥ, ଦାମ୍ପତ୍ୟଖୁସି, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ବାଟମଙ୍ଗଳା ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ଦଶମୀ**
**୧୦.୬.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ପ୍ରଗତି




କେନ୍ଦ୍ର ସରକାରଙ୍କ ଉଚ୍ଚକୋଟୀର, ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ, ରାଜ୍ୟ ସରକାରଙ୍କ ନିଷ୍ଠାପର, କର୍ମଠ କାର୍ଯ୍ୟଶୈଳୀ ଏବଂ ଜନସାଧାରଣଙ୍କ ଅକୁଣ୍ଠ, ସକ୍ରିୟ ସହଯୋଗ ଏହି ସକାରାତ୍ମକ ଶକ୍ତିର ସମନ୍ୱୟରେ ହିଁ ଓଡ଼ିଶାର ପ୍ରଗତି ରଥ ଆଜି ଦ୍ରୁତ, ଅପ୍ରତିହତ ଗତିରେ ଆଗେଇ ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସିଦ୍ଧିରେ ପରିଣତ କରିବା ପାଇଁ ଆମ ସରକାର ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଦୃଢ଼ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ସରକାରଙ୍କ ୧୨ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ।

## ଯୋଗାଯୋଗ, ଭିତ୍ତିଭୂମିର ମହାମେଳି

ଓଡ଼ିଶା ପାଇଁ ଚଳିତ ଆର୍ଥିକ ବର୍ଷରେ ରେଳ ବଜେଟ୍ ରେକର୍ଡ ସଂଖ୍ୟକ ୧୦,୯୨୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ବର୍ତ୍ତମାନ ରାଜ୍ୟରେ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଚାଲିଛି ଏବଂ ଓଡ଼ିଶା ଶତପ୍ରତିଶତ ରେଳ ବିଦ୍ୟୁତିକରଣ ହାସଲ କରିଛି । ଅମୃତ ଭାରତ ଷ୍ଟେସନ ଯୋଜନାରେ ୫୯ଟି ଷ୍ଟେସନର ଆଧୁନିକୀକରଣ ଚାଲିଛି ।

## ବନ୍ଦର ଓ ସାମୁଦ୍ରିକ ବାଣିଜ୍ୟ

ସାଗରମାଳା ଓ ପିଏମ୍ ଗତିଶକ୍ତି ଯୋଜନାରେ ଗଞ୍ଜାମର ବାହୁଦା ଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ସାଟେଲାଇଟ୍ ବନ୍ଦର ପ୍ରତିଷ୍ଠା ହେଉଛି । କେନ୍ଦ୍ରାପଡ଼ାର ମହାନଦୀ ମୁହାଣରେ ୨୨,୭୦୦ କୋଟି ଟଙ୍କା ବ୍ୟୟରେ ଏକ ମେଗା ଜାହାଜ ନିର୍ମାଣ କ୍ଲଷ୍ଟର, ଜଟାଧାର ମୁହାଣରେ କ୍ୟାପଟିଭ୍ ଜେଟି ଏବଂ ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ହେଉଛି । ୧୨,୨୦୦ କୋଟି ବ୍ୟୟରେ ନ୍ୟାସନାଲ୍ ୱାଟର ୱେ-୫ ର ବିକାଶ କରାଯାଉଛି, ଯାହା ଅନୁଗୋଳ ଓ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ପାରାଦୀପ ଓ ଧାମରା ବନ୍ଦର ସହ ଯୋଡ଼ିବ ।

## ଜାତୀୟ ରାଜପଥ

ଓଡ଼ିଶା ପାଇଁ ୮୦ ହଜାର କୋଟି ଟଙ୍କାର ୨୩୦ଟି ପ୍ରକଳ୍ପ ମଞ୍ଜୁର ହୋଇଛି । ଯେଉଁଥିରୁ ୪୩ ହଜାର କୋଟି ଟଙ୍କା ବ୍ୟୟରେ ୫୪୦୦ କିମି ରାଜପଥ ନିର୍ମାଣ ସରିଛି । ଖୁବ୍‌ଶୀଘ୍ର ୮,୩୦୭ କୋଟି ବ୍ୟୟରେ ୧୧୧ କିମି ବିଶିଷ୍ଟ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ଏବଂ ୮,୩୦୧ କୋଟି ବ୍ୟୟରେ ୧୬୦ କିମି ବିଶିଷ୍ଟ ଗ୍ରୀନଫିଲ୍ଡ କୋଷ୍ଟାଲ୍ ହାଇୱେ (ରାମେଶ୍ୱର-କୋଣାର୍କ-ପାରାଦୀପ) ନିର୍ମାଣ ହେବ । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ପାଇଁ କେନ୍ଦ୍ର ସରକାର ୫ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି ।

## ବିମାନ ଚଳାଚଳ କ୍ଷେତ୍ରରେ ଅଗ୍ରଗତି

ଉଡାନ ଯୋଜନାରେ ରଙ୍ଗେଇଲୁଣ୍ଡା, ଜୟପୁର, ଉତ୍କେଳା, ଅମର୍ଦାରୋଡ୍ ଏବଂ ଦାଣ୍ଡବୋଷ ବିମାନବନ୍ଦରର ବିକାଶ ପାଇଁ ବ୍ୟୟବରାଦ କରାଯାଇଛି । ପୁରୀରେ ଗୋଟିଏ ଇଣ୍ଟରନାସନାଲ ଏୟାରପୋର୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏଥିପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି ।



## କୃଷି, ସମବାୟ ଓ ମତ୍ସ୍ୟ ଚାଷୀଙ୍କ କଲ୍ୟାଣ

ପିଏମ୍ କିଷାନ: ରାଜ୍ୟର ୩୪ ଲକ୍ଷ ୫୯ ହଜାର କୃଷକଙ୍କୁ ବାର୍ଷିକ ୬ ହଜାର ଟଙ୍କାର ସହାୟତା ମିଳୁଛି । ଶ୍ରୀ ଅନ୍ନ ଓ ପାମ୍ ଅଏଲ୍ କୋରାପୁଟ ଓ ଗଞ୍ଜାମ ଭଳି ଜିଲ୍ଲାରେ ମାଣ୍ଡିଆ ଓ ଡାଲି ଜାତୀୟ ଫସଲ ଉତ୍ପାଦନ ୪୫% ବୃଦ୍ଧି ପାଇଛି । ରାଜ୍ୟରେ ପାମ୍ ଅଏଲ୍ ଚାଷ ୨ ହଜାର ହେକ୍ଟରରୁ ୩ ଗୁଣ ବୃଦ୍ଧି ପାଇ ୫ ହଜାର ହେକ୍ଟର ଅତିକ୍ରମ କରିଛି ।

## ସମବାୟ ବିପ୍ଳବ

ଭୁବନେଶ୍ୱରରେ ଦେଶର ପ୍ରଥମ ଜାତୀୟ ସମବାୟ ବିଶ୍ୱବିଦ୍ୟାଳୟ (ତ୍ରିଭୁବନ ବିଶ୍ୱବିଦ୍ୟାଳୟ)ର ଶାଖା ପ୍ରତିଷ୍ଠା ହେଉଛି । ଦୀର୍ଘ ୨୦ ବର୍ଷ ଧରି ବନ୍ଦ ଥିବା ବଡ଼ମ୍ବା ସମବାୟ ଚିନି କଳର ପୁନରୁଦ୍ଧାର କରାଯାଉଛି । ଏଥି ସହିତ ବଲାଙ୍ଗିର, ବରଗଡ ଓ ନୟାଗଡ ଚିନିକଳର ମଧ୍ୟ ପୁନରୁଦ୍ଧାର କରାଯିବ ।

## ପଞ୍ଚ ଲକ୍ଷପତି ଦିଦି

ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷ ୪୬ ହଜାର ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧,୧୬୦ ଜଣ 'ପଞ୍ଚ ଲକ୍ଷପତି ଦିଦି' ଏବଂ ୩୧୦ ଜଣ ମହାଲକ୍ଷପତି ଦିଦି (ଯେଉଁମାନେ ବାର୍ଷିକ ୧୦ ଲକ୍ଷରୁ ଅଧିକ ରୋଜଗାର କରୁଛନ୍ତି) ।

## ଜାତୀୟ ଶିକ୍ଷାନୀତି-୨୦୨୦

ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ସଫଳତାର ସହ ଲାଗୁ ହୋଇଛି । ୬୬୨ଟି ସ୍କୁଲକୁ ପିଏମ୍-ଶ୍ରୀ ସ୍କୁଲ ଭାବେ ବିକଶିତ କରାଯାଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏନସିଇଆରଟି ପାଠ୍ୟପୁସ୍ତକର ଓଡ଼ିଆ ଅନୁବାଦ ସହ ସ୍ଥାନୀୟ ପ୍ରସଙ୍ଗକୁ ସାମିଲ କରାଯାଇଛି । ୫,୨୫୦ଟି ବିଦ୍ୟାଳୟକୁ ନିପୁଣ ବିଦ୍ୟାଳୟ ଭାବେ ଗଢ଼ାଯାଉଛି । ଉଚ୍ଚଶିକ୍ଷାରେ ପିଏମ୍ ଉଷା ଯୋଜନା ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ ଶତାଧିକ କୋଟି ଟଙ୍କାର ଅନୁଦାନ ଦିଆଯାଇଛି ।

## ମତ୍ସ୍ୟ ସମ୍ପଦ ଯୋଜନାରେ ୧୨ ଲକ୍ଷ ମତ୍ସ୍ୟଜୀବୀ ଉପକୃତ

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ୧୨ ଲକ୍ଷ ମତ୍ସ୍ୟଜୀବୀ ଉପକୃତ ହେଉଛନ୍ତି । ହୀରାକୁଦଠାରେ ୧୦୦ କୋଟି ବ୍ୟୟରେ ପୂର୍ବ ଭାରତର ପ୍ରଥମ ସମନ୍ୱିତ ଆକ୍ୱା ପାର୍କ ଏବଂ ବାଲେଶ୍ୱରର ବସ୍ତାଠାରେ ୭୮ କୋଟି ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାରର ଶିଳାନ୍ୟାସ କରାଯାଇଛି । ଭୁବନେଶ୍ୱର ପାଣ୍ଡରାରେ ମଧ ଅତ୍ୟାଧୁନିକ ମତ୍ସ୍ୟ ବଜାର ପାଇଁ ମଧ ବ୍ୟବସ୍ଥା କରାଯାଇଛି ।

## ନକ୍ସଲ ମୁକ୍ତ ଓଡ଼ିଶା

ଦୃଢ଼ ନୀତି ଯୋଗୁଁ ରାଜ୍ୟରୁ ନକ୍ସଲବାଦ ପ୍ରାୟତଃ ଶେଷ ହୋଇଛି । ୨୭ ଜଣ ମାଓବାଦୀ କ୍ୟାଡରଙ୍କୁ ପ୍ରଭାବହୀନ କରାଯାଇଥିବା ବେଳେ ୭୨ ଜଣ ଆତ୍ମସମର୍ପଣ କରି ମୁଖ୍ୟ ସ୍ରୋତକୁ ଫେରିଛନ୍ତି । ୧୦ଟି ନକ୍ସଲମୁକ୍ତ ଜିଲ୍ଲାର ୪୮୪ଟି ଗାଁରେ 'ଗ୍ରାମୋଦୟ' କାର୍ଯ୍ୟକ୍ରମ ଚାଲିଛି ।

## ନାରୀ ସଶକ୍ତିକରଣରେ ପିଏମ୍ ମାତୃବନ୍ଦନା

୮ ଲକ୍ଷ ୮୦ ହଜାରରୁ ଅଧିକ ଗର୍ଭବତୀ ମହିଳାଙ୍କୁ ୮୫୬ କୋଟି ଟଙ୍କା ପ୍ରଦାନ କରାଯାଇଛି (ପୁଅ ଜନ୍ମରେ ୧୦,୦୦୦ ଓ ଝିଅ ଜନ୍ମରେ ୧୨,୦୦୦ ଟଙ୍କା) ।



## ପକ୍କା ଘର ଓ ପାନୀୟ ଜଳ

ପିଏମ୍ ଆବାସ ଯୋଜନା (ସହରୀ)-୨.୦ ଅଧୀନରେ ୧ ଲକ୍ଷ ୪୩ ହଜାରରୁ ଅଧିକ ଘର ସମ୍ପୂର୍ଣ୍ଣ କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ଗ୍ରାମାଞ୍ଚଳରେ ଗତ ୨ ବର୍ଷରେ ୪ ଲକ୍ଷ ୮୨ ହଜାର ୯୬୯ ପରିବାରକୁ ପକ୍କା ଘର ଯୋଗାଇ ଦିଆଯାଇଛି (ଦୈନିକ ହାରାହାରି ୭୦୦ ଘର) । ଜଳ ଜୀବନ ମିଶନରେ ୧୫ ହଜାରରୁ ଅଧିକ ଗାଁର ପ୍ରାୟ ୩.୫ ଲକ୍ଷ ପରିବାରକୁ ନୂଆ ଟ୍ୟାପ୍ ସଂଯୋଗ ଦିଆଯାଇଛି ।

## ପର୍ଯ୍ୟଟନରେ ଇକୋ-ଟୁରିଜିମ୍

କେନ୍ଦ୍ରୀୟ ସହାୟତାରେ ସାତକୋଶିଆ ଇକୋ-ଟୁରିଜିମ୍ ପାଇଁ ୧୦୦ କୋଟି ଏବଂ ହୀରାକୁଦ ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ପ୍ରାୟ ୧୧୧ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ ହୋଇଛି ।

## ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ

୧ ଲକ୍ଷ ୭୬ ହଜାର ଏମଏସଏମଇ ୟୁନିଟକୁ ବିନା ବନ୍ଧକରେ ୨୩,୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । ପିଏମ୍ ବିଶ୍ୱକର୍ମା ଯୋଜନାରେ ୧ ଲକ୍ଷରୁ ଅଧିକ ପାରମ୍ପାରିକ କାରିଗର ପଞ୍ଜୀକୃତ ହୋଇଛନ୍ତି ଏବଂ ସେମାନଙ୍କୁ ଆଧୁନିକ ଟୁଲକିଟ୍ ସହ ୧୪୪ କୋଟିର ଋଣ ଦିଆଯାଇଛି ।

## ଅମୃତ ଓ ସ୍ୱଚ୍ଛତା

ଅମୃତ-୨.୦ ଯୋଜନାରେ ଓଡ଼ିଶା ସାରା ଦେଶରେ ନଂ-୧ ରାଜ୍ୟ । ସ୍ୱଚ୍ଛ ସର୍ବେକ୍ଷଣରେ ଆସିକା ଓ ଚିକିଟି ପୌରପରିଷଦ ସ୍ୱଚ୍ଛ ସହର ଏବଂ ଭୁବନେଶ୍ୱର ପ୍ରୋମିସିଙ୍ଗ୍ ସ୍ୱଚ୍ଛ ସହର ମାନ୍ୟତା ପାଇଛି ।

## ପିଏମ୍ ସୂର୍ଯ୍ୟ ଘର ଯୋଜନା

ଓଡ଼ିଶାରେ ୧ ଲକ୍ଷ ୧୨ ହଜାରରୁ ଅଧିକ ରୁଫଟପ୍ ସୋଲାର ସ୍ଥାପନ କରାଯାଇଛି । ଓଡ଼ିଶା ଏହି କ୍ଷେତ୍ରରେ ଜାତୀୟ ସ୍ତରରେ ୧୩ତମ ସ୍ଥାନରୁ ୯ମ ସ୍ଥାନକୁ ଉନ୍ନୀତ ହୋଇ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ପୁରସ୍କାର ହାସଲ କରିଛି ।

## ୭ ନୂଆ ମେଡିକାଲ୍ କଲେଜ

କେନ୍ଦ୍ରୀୟ ସହାୟତାରେ ପୁରୀ, ଯାଜପୁର, ବାଲେଶ୍ୱର, ବଲାଙ୍ଗିର, ମୟୂରଭଞ୍ଜ, କୋରାପୁଟ ଓ ଅନଗୁଳରେ ୭ଟି ନୂଆ ନର୍ସିଂ କଲେଜ ଏବଂ ରାଜ୍ୟ ପାଣ୍ଠିରୁ କେନ୍ଦୁଝରରେ ଗୋଟିଏ ନର୍ସିଙ୍ଗ କଲେଜ ଖୋଲାଯିବ । ରାଇରଙ୍ଗପୁରରେ ନୂଆ ଆୟୁର୍ବେଦ ମେଡିକାଲ କଲେଜର ଶିଳାନ୍ୟାସ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ହୋଇଛି । ଏହା ସହ ରାୟଗଡ଼ା, ଗଜପତି, ମାଲକାନଗିରିରେ ଆୟୁର୍ବେଦିକ ଏବଂ ନୂଆପଡ଼ା ଓ ନୟାଗଡ଼ରେ ହୋମିଓପାଥିକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଛି ।

## ଆୟୁଷ୍ମାନରେ ୧.୩ କୋଟି ପରିବାର

ରାଜ୍ୟରେ ଲାଗୁ ହୋଇଥିବା ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୪୬ ଲକ୍ଷ ଲୋକ ସୁରକ୍ଷା ପାଇଛନ୍ତି । ୭୦ ବର୍ଷରୁ ଉର୍ଦ୍ଧ୍ୱ ୨୨.୪୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଲାଭ ମିଳୁଛି ।

## ଓଡ଼ିଶାର ଦକ୍ଷତା ବିକାଶ ମଡେଲକୁ ସର୍ବୋତ୍ତମ ସ୍ଥାନ

ଭାରତ ସରକାରଙ୍କ ଅର୍ଥନୈତିକ ସର୍ଭେରେ ଓଡ଼ିଶାର ଦକ୍ଷତା ବିକାଶ ମଡେଲକୁ ସର୍ବୋତ୍ତମ ଅଭ୍ୟାସର ସ୍ଥାନ ମିଳିଛି । ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ ଓଡ଼ିଶା ୫୭ଟି ପଦକ ସହ ଦେଶରେ ଶୀର୍ଷରେ ରହିଛି । ଭୁବନେଶ୍ୱରରେ ଜାତୀୟ ସେଣ୍ଟର ଅଫ୍ ଏକ୍ସଲେନ୍ସ ଏବଂ ୧୩ଟି ସରକାରୀ ଆଇଟିଆଇରେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଲ୍ୟାବ୍ ସ୍ଥାପନ କରାଯାଉଛି ।

## ପିଏମ୍ ଜନମାନ

୧୪ଟି ପିଭିଟିଜି (ବିଶେଷ ଭାବେ ଅନଗ୍ରସର ଜନଜାତି) ଜିଲ୍ଲାର ୧,୭୫୯ଟି ଗାଁକୁ ସଡ଼କ ସଂଯୋଗ କରାଯାଇଛି । ଯାହାଦ୍ୱାରା ୩ ଲକ୍ଷରୁ ଅଧିକ ଜନଜାତି ଭାଇଭଉଣୀ ଉପକୃତ ହୋଇଛନ୍ତି । ନୀତି ଆୟୋଗଙ୍କ ଫିସ୍କାଲ ହେଲଥ ଇଣ୍ଡେକ୍ସରେ ଓଡ଼ିଶା କ୍ରମାଗତ ଭାବେ ୨୦୨୫ ଓ ୨୦୨୬ରେ ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି । ଗତ ଦୁଇ ବର୍ଷରେ ୨୪ ଲକ୍ଷରୁ ଅଧିକ ନୂଆ ଜନଧନ ଆକାଉଣ୍ଟ ଖୋଲାଯାଇଛି ।



# କନିଷ୍ଠ ଯନ୍ତ୍ରୀଙ୍କ ବଦଳି କ୍ଷମତା ସମ୍ପୃକ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କର ନାହିଁ : ସରକାର ଦେଲେ ସତ୍ୟପାଠ

କଟକ,(ସବ୍ୟୁ): ଅତିରିକ୍ତ ଜେଇ(ଜୁନିୟର୍ ଇଞ୍ଜିନିୟର) ଏବଂ ଜେଇଙ୍କୁ ବଦଳି କରିବାର କ୍ଷମତା ସମ୍ପୃକ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କର ନାହିଁ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଅବଗତ କରିଛନ୍ତି । ଜେଇ ହୁଅନ୍ତୁ ଅବା ଏଜେଇ ସେମାନଙ୍କୁ ଯେହେତୁ ରାଜ୍ୟ ସରକାର ନିଯୁକ୍ତି ଦେଉଛନ୍ତି ତେଣୁ ଏମାନଙ୍କୁ ବଦଳି କରିବାର କ୍ଷମତା ମଧ୍ଯ କେବଳ ରାଜ୍ୟ ସରକାରଙ୍କର ରହିଛି। ଏହି ଜବାବ ପରେ ହାଇକୋର୍ଟ ଆବେଦନକାରୀ ଏଜେଇଙ୍କୁ ତାଙ୍କ ମୂଳ ଜାଗାରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହରେକୃଷ୍ଣ ଧଳ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ମୟୂରଭଞ୍ଜ ଜଳସମ୍ପଦ ବିଭାଗରେ କାର୍ଯ୍ୟ କରୁଥିବା ଆବେଦନକାରୀଙ୍କୁ ଡେପୁଟେସନ୍‌ରେ ବାଲେଶ୍ୱର ଜଳସମ୍ପଦ ବିଭାଗକୁ ବଦଳି କରାଯାଇଥିଲା । ଏହିଠାରେ ସେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ନିୟମିତ କରିବା ପାଇଁ ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ( ଚିଫ୍ ଇଞ୍ଜିନିୟର) ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଆଧାରରେ ଆବେଦନକାରୀଙ୍କୁ ବାଲେଶ୍ୱର ଜଳସମ୍ପଦ ବିଭାଗରେ ସ୍ଥାୟୀ ଭାବେ ନିଯୁକ୍ତି ମିଳିଥିଲା। କିନ୍ତୁ ଏହି ନିଯୁକ୍ତିର କିଛିଦିନ ପରେ ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଏହି ବଦଳି ସଂକ୍ରାନ୍ତ ଆଦେଶକୁ ବାତିଲ୍ କରି ଦେଇଥିଲେ। ଏବଂ ଆବେଦନକାରୀଙ୍କୁ ମୂଳ ଜାଗାକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଆଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ ଆଦେଶକୁ ବାତିଲ୍ ପାଇଁ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏଥିରେ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ । ଏଥିରେ ଚିଫ୍ ଇଞ୍ଜିନିୟର ସଞ୍ଜୀବ କୁମାର ମନ୍ତ୍ରୀ, ମୟୂରଭଞ୍ଜ ଜଳସମ୍ପଦ ବିଭାଗ ପରମେଶ୍ୱର ପାତ୍ର ଅଦାଲତରେ ବ୍ୟକ୍ତିଗତ ହାଜର ହୋଇ ଜବାବରେ ଦର୍ଶାଇଥିଲେ ଯେ, ଆବେଦନକାରୀଙ୍କୁ ବଦଳି କରିବାର କ୍ଷମତା ସର୍ବୋଚ୍ଚ ଯନ୍ତ୍ରୀଙ୍କର ନାହିଁ । । ତେଣୁ ସର୍ବୋଚ୍ଚ ଯନ୍ତ୍ରୀଙ୍କର ବଦଳି ଆଦେଶକୁ ବାତିଲ୍ କରି ଦିଆଯାଇଛି।

## ରଥ ଖଳାରେ ଭୋଇ ସେବକଙ୍କ ମୃତ୍ୟୁ

ପୁରୀ, (ସବ୍ୟୁ): ମଙ୍ଗଳବାର ଦିନ ରଥ ଖଳାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରଥ ନିର୍ମାଣରେ ନିୟୋଜିତ ଜଣେ ଭୋଇ ସେବକଙ୍କ ମୃତ୍ୟୁ ହୋଇଛି। ହୃଦଘାତରେ ମୃତ୍ୟୁବରଣ କରିଛନ୍ତି ଭୋଇ ସେବକ ଧୋବା ଭୋଇ। ତାଳଧ୍ୱଜ ରଥରେ ଭୋଇ ସେବକ ଭାବେ କାର୍ଯ୍ୟ କରୁଥିଲେ ଧୋବା। ଆଜି ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରି ଥିଲେ । ଚିକିତ୍ସା ପାଇଁ ତାଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲ କୁ ସ୍ଥାନାନ୍ତର କରା ଯାଇ ଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟି ଥିଲା। ଭୋଇ ସେବକଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ମୃତ ଭୋଇ ସେବକଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

# ଶହୀଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ଅବସରରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ଭାରତର ସ୍ୱାଧୀନତା ସଂଗ୍ରାମ ତଥା ଜନଜାତି ସମାଜର ଅଧିକାର ସୁରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ମହାନ ବିପ୍ଳବୀ ବିର୍ସା ମୁଣ୍ଡାଙ୍କୁ ତାଙ୍କ ଶ୍ରାଦ୍ଧଦିବସ ଅବସରରେ ଆଜି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଛି । ଜନଜାତି ସମାଜର ସ୍ୱାଭିମାନ, ଆତ୍ମସମ୍ମାନ ଓ ଅଧିକାର ପାଇଁ ତାଙ୍କର ସଂଗ୍ରାମ ଏବଂ ତ୍ୟାଗମୟ ଜୀବନ ଆଜି ମଧ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ମାତ୍ର ୨୫ ବର୍ଷ ବୟସରେ ସେ ଦେଶ ପାଇଁ ଶହୀଦ ହୋଇଥିଲେ । ତାଙ୍କର ତ୍ୟାଗ, ସଂଗ୍ରାମ ଓ ଜନଜାତି ସମାଜର ଅଧିକାର ପାଇଁ ଲଢ଼େଇ ତାଙ୍କୁ ଭାରତୀୟ ଇତିହାସର ଜଣେ ଅମର ବିପ୍ଳବୀ ଭାବେ ପ୍ରତିଷ୍ଠିତ କରିଛି ।

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପୁଷ୍ପମାଲ୍ୟ



ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ବାବୁ ସିଂ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ମହାନ ବିପ୍ଳବୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାସହ ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ଯୋଗଦେଇ ଶହୀଦ ବିର୍ସା ମୁଣ୍ଡାଙ୍କ ଅମର ସ୍ମୃତିଚାରଣ କରିଥିଲେ ।

# ପୁରୀ ମହାନଗର ନିଗମ ପକ୍ଷରୁ ଅଠରନଳା ଠାରେ ଜବର୍ ଦଖଲ ଉଚ୍ଛେଦ

ପୁରୀ, (ସବ୍ୟୁ) : ଆଗକୁ ଆସୁଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ରଥ ଯାତ୍ରା ଦେଖିବା ପାଇଁ ପୁରୀ କୁ ଆସିବେ ଲକ୍ଷାଧିକ ଭକ୍ତ ଓ ଯାନ ବାହନ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀରେ ଆରମ୍ଭ ହୋଇଛି ବଡ ଉଚ୍ଛେଦ କାର୍ଯ୍ୟକ୍ରମ ।ପୁରୀ - ଭୁବନେଶ୍ୱର ଜାତୀୟ ରାଜପଥର ପ୍ରବେଶ ପଥ ଅଠରନଳା ନିକଟରେ ମଙ୍ଗଳବାର ଠାରୁ ପୁନର୍ବାର ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ବାଟ ଗାଁ ଠାରୁ ହସ୍ପିଟାଲ ଛକ ସମ୍ପ୍ରସାରଣ ପାଇଁ ଏହି ଉଚ୍ଛେଦ ଅଭିଯାନ କରାଯାଉଛି। ଉଚ୍ଛେଦ ପାଇଁ ମାଜିଷ୍ଟ୍ରେଟ୍‌ଙ୍କ ସହ ଚାରି ପ୍ଲାଟୁନ ପୋଲିସ ଫୋର୍ସ ,ଅଗ୍ନିଶମ ବିଭାଗ ,ବିଦ୍ୟୁତ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।ଉଚ୍ଛେଦ ବେଳେ ଜେସିବି ଉପରେ ପଡ଼ିଥିଲା ଭଙ୍ଗା ଯାଉଥିବା କୋଠାର କିଛି ଅଂଶ ।ଏହା ଯୋଗୁଁ ଉଚ୍ଛେଦ କାର୍ଯ୍ୟ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା ।ପରେ ଆଉ ଏକ ଜେସିବି ଅଣାଯାଇ ପୁନର୍ବାର ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା ।ଉଚ୍ଛେଦ ପାଇଁ ପୁରୀ - ଭୁବନେଶ୍ୱର ଜାତୀୟ ରାଜପଥ ରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା ।୨୦୨୩ ମସିହାରୁ ବାଟ ଗାଁ ଛକ ଠାରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଚାରି ଲେନ ରାସ୍ତା ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ଉଚ୍ଛେଦ ଅଭିଯାନ କରାଯାଇ ପ୍ରାୟ ୯୮ ପ୍ରତିଶତ ଜମି ଅଧିଗ୍ରହଣ ହୋଇସାରିଛି ।୨୦୧୫ ନବକଳେବର ସମୟରେ ପୁରୀରୁ ଭୁବନେଶ୍ୱର ଚାରି ଲେନ ରାସ୍ତା ପାଇଁ ନିଷ୍ପତି ନିଆଯାଇଥିଲା ।ତେବେ ହସ୍ପିଟାଲ ଛକରୁ ବାଟ ଗାଁ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ହୋଇ ପାରିନଥିଲା ।ତେବେ ଏହି ପ୍ରକଳ୍ପ ପାଇଁ ୧୧ଟି ମୌଜାର ୬ ଏକର ଜମି ଅଧିଗ୍ରହଣ ପାଇଁ ଲକ୍ଷ୍ୟ ରହିଥିଲା ।ବାଟ ଗାଁ ଠାରୁ ମେଡିକାଲ ଛକ ଯାଏଁ ହେବାକୁ ଥିବା ଚାରି ଲେନ୍ ରାସ୍ତା ପାଇଁ ୧୧ଟି ମୌଜାର ୫ଏକର ପ୍ରାଇଭେଟ୍ ଲ୍ୟାଣ୍ଡ ସହ ୧ ଏକର ସରକାରୀ ଜାଗା ଅଧିଗ୍ରହଣ କରାଯାଇଛି। ଡ଼ାକ୍ତରଖାନା ଛକଠାରୁ ଅଠରନଳା ପର୍ଯ୍ୟନ୍ତ ୨୪ ମିଟର ଓ ଅଠରନଳା ଠାରୁ ବାଟ ଗାଁ ଛକ ପର୍ଯ୍ୟନ୍ତ ୨୨ମିଟର ପ୍ରଶସ୍ତ ରାସ୍ତା କରିବା ନେଇ ପ୍ରକଳ୍ପରେ ଯୋଜନା ରହିଛି ।ଅବଶିଷ୍ଟ ଜମି ଅଧିଗ୍ରହଣ ହୋଇପାରିନଥିଲା ।କିଛି ଜମି ମାଲିକ ଏ ନେଇ ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରସ୍ଥ ହୋଇଥିଲେ ।ଉଚ୍ଚ ନ୍ୟାୟାଳୟ ଓଡ଼ିଶା ସରକାରଙ୍କ ସପକ୍ଷରେ ରାୟ ଦେବା ପରେ ଅବଶିଷ୍ଟ ୧୧ ଟି ପ୍ଲଟ ଓ ୬ ଟି ମନ୍ଦିରର ଉଚ୍ଛେଦ କାର୍ଯ୍ୟ ଆଜି ଠାରୁ ଆରମ୍ଭ ହୋଇଛି ।ଆସନ୍ତା ୨ - ୩ ମଧରେ ଅବଶିଷ୍ଟ ଜମି ଉଚ୍ଛେଦ ହୋଇ ଅଧିଗ୍ରହଣ ପରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଭୂଅର୍ଜନ ଅଧିକାରୀ କହିଛନ୍ତି ।ତେବେ ଚିହ୍ନଟ ହୋଇଥିବା ସୀମା ଠାରୁ ଅଧିକ ଅଢେଇ ଫୁଟ ଜମି ଅଧିଗ୍ରହଣ ହେଉଥିବା ଓ ପୁରାତନ ମା ବସନ୍ତେଇ ମନ୍ଦିର ପାଇଁ କୌଣସି କ୍ଷତିପୂରଣ ଦିଆଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

# ରଙ୍ଗ ଦେବାକୁ କହି ୨ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିଭିନ୍ନ କମ୍ପାନୀର ୪ଲକ୍ଷ ଟଙ୍କାର ରଙ୍ଗ ସାମଗ୍ରୀ ଯୋଗାଇବା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ତାରେଶ୍ୱର ମହାରଣା ଓରଫ କୁନୁ (୩୬) ଅଭିଯୋଗକାରୀ ଲୁକେଶ୍ୱର ବେହେରାଙ୍କ ଠାରୁ ୨ଲକ୍ଷ ଟଙ୍କା ଅଗ୍ରୀମ ନେଇଥିଲେ । ଅଗ୍ରୀମ ନେବା ପରେ ଅଭିଯୁକ୍ତ ତାରେଶ୍ୱର ଟଙ୍କା ଦେଇନଥିଲେ କିମ୍ବା ରଙ୍ଗ ଯୋଗାଇ ନଥିଲେ । ଚେକ୍ ଦେଇଥିଲେ ତାହା ବାଉନ୍ସ ହୋଇଗଲା । ଉପାୟଶୂନ୍ୟ ହୋଇ ଲୁକେଶ୍ୱର ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ତାରେଶ୍ୱରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ରଙ୍ଗ ଦେବା ପାଇଁ ଅଭିଯୁକ୍ତ ପ୍ରତିଶ୍ରୁତି ଦେବା ପରେ ଅଭିଯୋଗକାରୀ ଗତ ଏପ୍ରିଲ୍ ୨୩ ତାରିଖରେ ମମତା ଶର୍ମାଙ୍କ ଆକାଉଣ୍ଟରୁ ଅଭିଯୁକ୍ତ ତାରେଶ୍ୱର ମହାରଣାଙ୍କ ଆକାଉଣ୍ଟକୁ ଅନ୍‌ଲାଇନ୍‌ରେ ୨ଲକ୍ଷ ଟଙ୍କା ପଠାଇବାକୁ ଆକାଶ ଜୈନ ନାମକ ଜଣେ ବନ୍ଧୁଙ୍କୁ କହିଥିଲେ । ସେ ଟଙ୍କା ପଠାଇବା ପରେ ଅଭିଯୁକ୍ତ ରଙ୍ଗ ଯୋଗାଇଲା ନାହିଁ । ଫୋନ୍‌ରେ ଟଙ୍କା ମାଗି ବିଫଳ ହେବା ପରେ ଅଭିଯୋଗକାରୀ ଅଭିଯୁକ୍ତର ଘରକୁ ଯାଇ ଅନୁରୋଧ କରିବାରୁ ସେ ଏକ ଚେକ୍ ଦେଇଥିଲା । ଯାହା ପରେ ବାଉନ୍ସ ହୋଇଗଲା । ଏ ସମ୍ପର୍କରେ ଅଭିଯୋଗକାରୀ ଅଭିଯୁକ୍ତକୁ ପଚାରିବାରୁ ଉଭୟଙ୍କ ମଧ୍ୟରେ କଳିଝଗଡା ହେଲା । ଉପାୟଶୂନ୍ୟ ହୋଇ ଲୁକେଶ୍ୱର ବେହେରା ସହିଦନଗର ଥାନାରେ ଏତଲା ଦାଏର କରିଥିଲେ । ଏତଲା ଆଧାରରେ ପୋଲିସ ଅନୁସନ୍ଧାନ କରି ଅଭିଯୁକ୍ତ ତାରେଶ୍ୱର ମହାରଣାକୁ ଗିରଫ କରିବା ପରେ ମଙ୍ଗଳବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ୫୦ ଦିନରେ ପହଞ୍ଚିଲା ରଥ ନିର୍ମାଣ କାର୍ଯ୍ୟ, ଦ୍ରୁତ ଗତିରେ ଚାଲିଛି ତିନି ରଥ ନିର୍ମାଣ

ପୁରୀ, (ସବ୍ୟୁ) : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ୫୦ ତମ ଦିନରେ ପହଂଚିଛି। ଚଳିତ ବର୍ଷ ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି । ରଥ ସଂହିତା,ଶିଳ୍ପ ଶାସ୍ତ୍ର ଅନୁଯାୟୀ ପବିତ୍ର ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ରଥ ନିର୍ମାଣ କାର୍ଯ୍ୟ ବେଶ୍ ଜୋର ଧରୁଛି । ଦେବସ୍ନାନ ପୂର୍ଣ୍ଣମୀ ର ଯଥେଷ୍ଟ ପୂର୍ବରୁ ତିନି ରଥର ଚାରି ନାହାକା ଉଠିବା ପରେ ତିନି ରଥରେ ଛଅ କାଠ (୬ କାଠ ) ଉଠି ସାରିଛି। ରଥର ଭୋଇ ସର୍ଦ୍ଦାରଙ୍କ ତତ୍ତ୍ୱାବଧାନରେ ପ୍ରତି ରଥରେ ୮ ଟି ଚଣକା ବାଡ଼ିଆ ଯାଇଥିଲା। ଗୋଟିଏ ପାର୍ଶ୍ୱରେ ଲାଗିଛି ଦୁଇଟି ଲେଖାଏଁ ଚଣକା।ଭୋଇ ସେବକମାନେ ଶୂନ୍ୟରେ ଝୁଲିଲା ଭଳି କାଠକୁ ଉଠାଇବା ପରେ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ଚାରି ନାହାକା ଉପରେ ଛଅ କାଠ (୬ କାଠ ) ଉଠିଛି। ଛଅ କାଠ (୬ କାଠ ) ଉଠିବା ରଥ ନିର୍ମାଣ ପରମ୍ପରାରେ ଭୋଇ ସେବକଙ୍କ ଚତୁର୍ଥ ହରି ବୋଲ।ଛଅ କାଠ (୬ କାଠ ) ଉଠିବା ରଥରେ ପ୍ରଥମ ଭୂଇଁ ଉଠିବାର ପୂର୍ବ ପ୍ରକ୍ରିୟା।ଏହା ପରେ ରଥରେ ଖଦୀ ଓରା ପଡ଼ି ଚଉଦ ନାହାକା ବୁଲିବ।ଦିନରେ ଖରା ଓ ଗୁଳୁଗୁଳି ଏବଂ ଅପରାହ୍ନରେ କାଳବୈଶାଖୀକୁ ଖାତିର ନ କରି ରଥ ନିର୍ମାଣରେ ନିୟୋଜିତ ସେବକ ମାନେ ନିଷ୍ଠା ଓ ସମର୍ପଣ ମନୋଭାବ ନେଇ ରଥ ନିର୍ମାଣ କାର୍ଯ୍ୟ ଜାରୀ ରଖିଛନ୍ତି।

# ରୋଟାରୀ ରୟାଲ୍‌ର୍ ଡିଜି ଓସିଭି ଅନୁଷ୍ଠିତ



ଭୁବନେଶ୍ୱର, (ସବ୍ୟୁ): ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲ୍ ପକ୍ଷରୁ ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀଙ୍କ ଅଧିକାରୀଙ୍କ କ୍ଲବ୍ ପରିଦର୍ଶନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ଅନ୍ତିମ ପଂକ୍ତିର ଲୋକ ପାଖରେ ରୋଟାରୀ ସେବାକୁ ପହଞ୍ଚାଇବା ପାଇଁ ସଂକଳ୍ପ ଘୋଷଣା କରାଯାଇଥିଲା। ଉତ୍ସବରେ କ୍ଲବ୍ ସଭାପତି ଅର୍ଜୁନ କୁମାର ସାହୁ ଅଧକ୍ଷତା କରି ଚଳିତ ରୋଟାରୀ ବର୍ଷରେ କ୍ଲବ୍ ପକ୍ଷରୁ ଆୟୋଜନ କରାଯାଇଥିବା ସାମୁହିକ ସ୍ୱାସ୍ଥ୍ୟ ସେବା ଓ ରକ୍ତଦାନ ଶିବିର ଶିବିର, ବୃଦ୍ଧାଶ୍ରମରେ ଅନ୍ନଦାନ,ପଳାଶୁଣି ସ୍କୁଲର ପାଠ୍ୟ ଭିତିଭୂମିର ବିକାଶ, ସ୍ୱାବଲମ୍ବୀ ମହିଳା ସୃଷ୍ଟି ଓ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଓ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ମାଧ୍ୟମରେ ନିଃଶୁଳ୍କ ଚିକିତ୍ସା ସେବା ଇତ୍ୟାଦି ଯୋଗାଇ ଦିଆଯାଇଥିବା ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ପ୍ରାନ୍ତପାଳ ଶ୍ରୀ ତ୍ରିପାଠୀ ରୋଟାରୀର ଉତ୍ସର୍ଗୀକୃତ ସେବାକୁ ଅଧିକ ପରିବ୍ୟାପ୍ତ କରିବାକୁ ପାଇଁ ଉପଯୋଗୀ ପରାମର୍ଶ ମାନ ଦେଇଥିଲେ। କ୍ଲବ୍ ସମ୍ପାଦକ ଦୀପକ୍ ସେହିପରି ବାର୍ଷିକ ବୀବରଣୀ ପ୍ରଦାନ କରିବା ସହ ପ୍ରାକ୍ତନ ସଭାପତି ବିଭୂତି ଭୂଷଣ କର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବୁଲେଟିନ ସମ୍ପାଦକ ସ୍ମରଣ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ କ୍ଲବ୍ ସ୍ମରଣୀକା ପାଠକାର୍ପିତ ହୋଇଥିଲା। କ୍ଲବ୍ କୋଷାଧକ୍ଷ କୁଳଦୀପ ରଥଙ୍କ ତତ୍‌ବାବଧାନରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ଅବସରରେ କ୍ଲବ୍ ର ପ୍ରଥମ ମହିଳା ପୁନମ୍ ସାହୁ,ପ୍ରାକ୍ତନ ପ୍ରାନ୍ତପାଳ ରବି ନାରାୟଣ ନନ୍ଦ, ଦେବାଶିଷ ମିଶ୍ର, ଶିବବ୍ରତ ଦାସ, ପରବର୍ତ୍ତୀ ପ୍ରାନ୍ତପାଳ ଅନିଲ କୁମାର ସାମଲ, ବାଦଲ ପରିଡା, ପ୍ରସନ୍ନ ଲେଙ୍କା, ଦେବ ମହାନ୍ତି, ପ୍ରଦୀପ୍ ଦାସ,ପ୍ରତାପ ଚଧୁରୀ , ପ୍ରଶାନ୍ତ ସାହୁ, ବିଶ୍ୱଜିତ ମିଶ୍ରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସପରିବାରେ ଉପସ୍ଥିତ ଥିଲେ। ପରବର୍ତ୍ତୀ କ୍ଲବ୍ ସଭାପତି ଧନ୍ୟବାଦ୍ ଦେଇଥିଲେ।

# ୯ଲକ୍ଷ ଟଙ୍କାର ଜୋତା ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୯ଲକ୍ଷ ଟଙ୍କାର ଜୋତା ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଅଭିଯୁକ୍ତ (ଦୋକାନର ସେଲ୍ସମ୍ୟାନ୍) ବିକାଶ ରଞ୍ଜନ ପଣ୍ଡା (୪୫)କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଶ୍ରୀୟା ଛକ ନିକଟରେ ସ୍କେଚର୍ସ ନାମରେ ଏକ ଜୋତା ଶୋ'ରୁମ୍ ଅଛି । ସେହି ଜୋତା ଶୋ'ରୁମ୍‌ରେ ଅଭିଯୁକ୍ତ ବିକାଶ ସେଲ୍ସମ୍ୟାନ୍ ଭାବେ କାମ କରେ । ଗତ ୩ ତାରିଖ ଦିନ ଷ୍ଟକ୍ ରିପୋର୍ଟରୁ ଅଭିଯୋଗକାରୀ ଅଭିଜିତ ପାଢୀ ଜାଣିବାକୁ ପାଇଥିଲେ ୧୦୦ହଳରୁ ଊର୍ଦ୍ଧ୍ୱର୍ ସ୍କେଚର୍ସ ଜୋତା ଚୋରି ହୋଇଛି । ଚୋରି ଜୋତାର ମୂଲ୍ୟ ପ୍ରାୟ ୯ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗକାରୀ କହିଛନ୍ତି । ଜୋତା ଦୋକାନ ଷ୍ଟୋରରୁମ୍ ସିସି କ୍ୟାମେରା ଦେଖିବାରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ବିକାଶ କେତେକ ଫୁଟେଜ୍ ଡିଲିଟ୍ କରିଦେଇଛି । ଏସବୁ ଯାଞ୍ଚ ପରେ ଅଭିଯୋଗକାରୀ ପ୍ରମାଣ ପାଇଥିଲେ ଯେ, ଚୋରାଜୋତା ଦେବା ପାଇଁ କେତେକ ଲୋକଙ୍କ ଠାରୁ ଅଭିଯୁକ୍ତ ଅଗ୍ରୀମ ଟଙ୍କା ଆଣିଛି । ଏସବୁ ଜାଣିବା ପରେ ଅଭିଜିତ ପାଢୀ ଖାରବେଳନଗର ଥାନାରେ ଏତଲା ଦାଏର କରିଥିଲେ । ଏତଲା ଆଧାରରେ ପ୍ରମାଣ ମିଳିବା ପରେ ଅଭିଯୁକ୍ତ ବିକାଶ ରଞ୍ଜନ ପଣ୍ଡାଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା । ଜାମିନ ଜାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଅସହ୍ୟ ଗ୍ରୀଷ୍ମର ଚ୍ୟାଲେଞ୍ଜ

# ଭୂତଳ କେବୁଲିଂ ଉପରେ ବିଶେଷଜ୍ଞଙ୍କ ଗୁରୁତ୍ୱ

ଭୁବନେଶ୍ୱର.(ସବ୍ୟୁ) : ଓଡ଼ିଶାର ଟ୍ୱିନ୍ ସିଟି (କଟକ ଓ ଭୁବନେଶ୍ୱର)ର ବାସିନ୍ଦାମାନଙ୍କ ପାଇଁ ପ୍ରବଳ ଗ୍ରୀଷ୍ମ ଋତୁର ପରିଚାଳନା କରିବା ଦିନକୁ ଦିନ ଅଧିକ କଷ୍ଟକର ହେବାରେ ଲାଗିଛି ।ଏହି ଅଞ୍ଚଳରେ ପ୍ରାୟତଃ କାଳବୈଶାଖୀ ଝଡ଼ ସୃଷ୍ଟି ହେଉଛି । ଏହା ପାୱାର ଗ୍ରୀଡ୍ କୁ ବିପର୍ଯ୍ୟସ୍ତ କରିଦେଉଛି । ଯାହାଫଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେଉଛି । ନିକଟରେ କ୍ରମାଗତ ଭାବେ ଦୁଇଟି କାଳବୈଶାଖୀ ଝଡ଼ ଯୋଗୁଁ ଲକ୍ଷ ଲକ୍ଷ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିଲେ । ଏହି ଧାରା ଗ୍ରୀଷ୍ମ ଋତୁର ଚରମ ସମୟରେ ସ୍ଥିର ବିଦ୍ୟୁତ୍ ଯୋଗାଣ ଚାହୁଁଥିବା ଉପଭୋକ୍ତା ମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରୁଛି ଏବଂ ଏଥି ସହିତ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସକମ୍) ପାଇଁ ମଧ କାର୍ଯ୍ୟକ୍ଷେତ୍ରରେ ବଡ଼ ଧରଣର ଅସୁବିଧା ସୃଷ୍ଟି କରୁଛି । ଏକ ପୁରୁଣା ଓଭରହେଡ୍ ତାରର ନେଟୱାର୍କ ଦ୍ୱାରା ପରିଚାଳିତ ଏକ ଆଧୁନିକ ସହରର ଭୌତିକ ଢାଞ୍ଚା ମୂଳତଃ ଓଡ଼ିଶାର ପାଣିପାଗ ସହିତ ଆଦୌ ଖାପ ଖାଉନାହିଁ । ନିକଟରେ ହୋଇଥିବା ଏହି ଝଡ଼ ସମୟରେ, ନୟାପଲ୍ଲୀ, ସହୀଦ ନଗର, ପଟିଆ ଏବଂ କଟକର ଚଣ୍ଡୀ ମନ୍ଦିର ଗଳି ଭଳି ଅଞ୍ଚଳଗୁଡ଼ିକରେ ସେହି ସମାନ ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଥିଲା । ଅନେକ ସ୍ଥାନରେ, ପାୱାର ଲାଇନ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ିରହିଥିଲା କିମ୍ବା ଜମି ରହିଥିବା ଆବର୍ଜନା ମଧ୍ୟରେ ବିପଜ୍ଜନକ ଭାବେ ଛନ୍ଦି ହୋଇଯାଇଥିଲା, ଯାହାଫଳରେ ବିଦ୍ୟୁତ୍ ଆଘାତର ଆଶଙ୍କା ହେତୁ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ସେବା ପୁନଃକାର୍ଯ୍ୟକ୍ଷମ କରିବା ଅସମ୍ଭବ ହୋଇପଡ଼ିଥିଲା ବୋଲି ବିଶିଷ୍ଟ ପରିବେଶ ବିଶେଷଜ୍ଞ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି । ମୂଳତଃ, ସେ ଏକ ଭିତ୍ତିଭୂମିଗତ ସମସ୍ୟା ଉପରେ ଆଲୋକପାତ କରିଛନ୍ତି । ଝଡ଼ ଯୋଗୁଁ ହେଉଥିବା ବିଦ୍ୟୁତ ବିଭ୍ରାଟ କେବଳ ଚରମ ପାଣିପାଗର ପରିଣାମ ନୁହେଁ, ବରଂ ଏକ ପୁରୁଣା ଓଭରହେଡ୍ ବିତରଣ ବ୍ୟବସ୍ଥା ଯୋଗୁଁ ଏହା ଆହୁରି ଅଧିକ ବିଗିଡ଼ିଯାଏ । ଏହି ମତଟି ପରୋକ୍ଷରେ ଅଧିକ ସହନଶୀଳ ବିକଳ୍ପଗୁଡ଼ିକ ପାଇଁ ଯୁକ୍ତିକୁ ସମର୍ଥନ କରେ, ଯେପରିକି ଭୂତଳ କେବୁଲିଂ ଏବଂ ସହରୀ ଭିତ୍ତିଭୂମି ଯୋଜନାରେ ଉନ୍ନତି ଆଣିବା । ଅତୀତରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଛାରଖାର କରିଦେଇଥିବା "ୟାସ୍' ଏବଂ "ଦାନା' ଭଳି ମହାବାତ୍ୟା ପ୍ରମାଣ କରିଦେଇଛନ୍ତି ଯେ ପାରମ୍ପରିକ ଓଭରହେଡ୍ ତାର ବ୍ୟବସ୍ଥା ମାତ୍ର ଗୋଟିଏ ଅପରାହ୍ନରେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇପାରେ । ଜଳବାୟୁ ପରିବର୍ତ୍ତନ ଦୃଷ୍ଟିରୁ ଏହି ଅତି ସଂବେଦନଶୀଳ ଅଞ୍ଚଳରେ, ରାଜଧାନୀର ବିଦ୍ୟୁତ୍ ବ୍ୟବସ୍ଥାକୁ ଏକ ବ୍ୟାପକ ଅଣ୍ଡରଗ୍ରାଉଣ୍ଡ କେବୁଲ୍ ନେଟୱାର୍କରେ ପରିଣତ କରିବା ଏବେ କେବଳ ଏକ ଆଧୁନିକୀକରଣର ଲକ୍ଷ୍ୟ ହୋଇ ରହିନାହିଁ, ବରଂ ବିପର୍ଯ୍ୟୟର ମୁକାବିଲା କରି ସୁରକ୍ଷିତ ରହିବା ପାଇଁ ଏହା ଏକ ଜରୁରୀ କବଚ ପାଲଟିଛି ।

# ମାରଣାସ୍ତ୍ର ଦେଖାଇ ଗ୍ରାମବାସୀଙ୍କୁ ଭୟଭୀତ କରୁଥିବା ଅପରାଧୀ ଗିରଫ

ଜଟଣୀ, (ସବ୍ୟୁ): ଜଟଣୀ ଥାନା ଅନ୍ତର୍ଗତ ଖୁଦୁପୁର ଗ୍ରାମରେ ସୋମବାର ରାତି ପ୍ରାୟ ୮ ଟା ସମୟରେ ସେହି ଗ୍ରାମର ସୋମନାଥ ପ୍ରଧାନ ଓରଫ ମୁନା (୨୩) ନାମକ ଜଣେ ଅଭ୍ୟାସଗତ ଅପରାଧୀ ହାତରେ ଏକ ଖଣ୍ଡା ଧରି ଗାଁରେ ବୁଲାବୁଲି କରି ଆତଙ୍କ ସୃଷ୍ଟି କରୁଥିଲେ । ସେ ଗ୍ରାମବାସୀ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୋମା ଫିଙ୍ଗି ହତ୍ୟା କରିଦେବାର ଧମକ ଦେଉଥିଲେ ଏବଂ ଜୋରପୂର୍ବକ "ଦାଦାବଟି" ଦାବୀ କରୁଥିଲେ । ଅନରୂପ ଭାବେ ମଙ୍ଗଳବାର ସକାଳ ପ୍ରାୟ ୯ ଟା ସମୟରେ ଅଭିଯୁକ୍ତ ପୁଣିଥରେ ଏକ ଖଣ୍ଡା ଓ ହାତ ତିଆରି ବୋମା ସଦୃଶ ବସ୍ତୁ ଧରି ଅଭିଯୋଗକାରୀ ଦେବଦତ୍ତ ବଳିୟାରସିଂହଙ୍କ ଘର ନିକଟକୁ ଆସି ତାଙ୍କ ପିତା ଏବଂ ପରିବାରର ମହିଳା ସଦସ୍ୟ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ବୋମା ଫିଙ୍ଗି ହତ୍ୟା କରିଦେବାର ଧମକ ଦେଇଥିଲେ । ଅଭିଯୋଗକାରୀ ଏହାର କାରଣ ପଚାରିବାରୁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖଣ୍ଡାରେ ଆକ୍ରମଣ କରିଥିଲେ । ତେବେ ଅଭିଯୋଗକାରୀ କୌଶଳକ୍ରମେ ସେହି ଆକ୍ରମଣରୁ ବର୍ତ୍ତି ଯାଇଥିଲେ । ଏହି ସମୟରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ । ଯିବା ସମୟରେ ମଧ ସେ ଅଭିଯୋଗକାରୀଙ୍କୁ ହତ୍ୟା କରିବାର ଧମକ ଦେଇଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ ।ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ମତେ ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ । ତାଙ୍କ ବିରୋଧରେ ଅବକାରୀ ଆଇନ ଏବଂ ବ୍ରାଉନ ସୁଗାର କାରବାର ସମ୍ବନ୍ଧୀୟ ଅନେକ ମାମଲା ରହିଛି । ଜେଲରୁ ବାହାରିବା ପରେ ସେ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ଲୋକମାନଙ୍କୁ ଧମକ ଦେଇ ଦାଦାବଟି ଆଦାୟ କରୁଥିଲେ ଏବଂ ବିଭିନ୍ନ ବେଆଇନ କାର୍ଯ୍ୟକଳାପ



କରି ସାଧାରଣ ଜନଶାନ୍ତି ଓ ଆଇନ-ଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି କରୁଥିଲେ । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ମୁନାଙ୍କୁ କେଶ ନମ୍ବର ୩୧୮/୨୬ ଆଧାରରେ ଗିରଫ କରିବା ସହ ତାଙ୍କ ହେପାଜତରୁ ଏକ ଖଣ୍ଡା ଜବତ କରିଥଲେ । ପଚରାଉଚରା ବେଳେ, ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ଜଟଣୀ ଥାନାରେ ୭ ଗୋଟି ଭିନ୍ନ ଅପରାଧିକ ମାମଲା ରହିଥିବା ଜଣାପଡିଛି ।

## କବିସୂର୍ଯ୍ୟନଗର ଦିବ୍ୟାଙ୍ଗ ହାଜତ ମୃତ୍ୟୁ ମାମଲା

# ୨ କୋଟି ଟଙ୍କା, ସରକାରୀ ଚାକିରି ଦାବିକଲା କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟ ନଗର ପୋଲିସ ହାଜତରେ ଦିବ୍ୟାଙ୍ଗଙ୍କୁ ପୋଲିସ ଅକଥନୀୟ ଶାରୀରିକ ଓ ମାନସିକ ନିର୍ଯାତନା ଦେବାରୁ ଦିବ୍ୟାଙ୍ଗଙ୍କ ମୃତ୍ୟୁ ତଥା ରାଜ୍ୟରେ ନିଆଁ ଭଳି ମାଡି ଯାଉଥିବା ଭିଡ଼ ହିଂସାକୁ ନେଇ କଂଗ୍ରେସ ଭବନଠାରେ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ କହିଥିଲେ ଯେ ସରକାରଙ୍କ ଏକଛାତ୍ରବାଦ ନୀତିକୁ ଲୋକେ ବିରୋଧ କରିବା ଆରମ୍ଭ କଲେଣି, କବିସୂର୍ଯ୍ୟନଗର ଥାନା, ବାରଙ୍ଗ, ବାଲିଅନ୍ତା ଥାନାରେ ଘଟିଥିବା ନିର୍ଯାତନା ଉପରେ ପ୍ରଶ୍ନ ପଚାରୁଛନ୍ତି । ଭିଡ଼ ହିଂସା ମାନେ ସରକାର କଣ ବୁଝୁଛନ୍ତି, ଗୋଟିଏ ହାଜତରେ ୧୦ ରୁ ୧୨ ଜଣ ପୋଲିସ ଗୋଟିଏ ଦିବ୍ୟାଙ୍ଗଙ୍କୁ ମାରିବା କଣ ଭିଡ଼ ହିଂସା ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି । ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ଶିବାନନ୍ଦ ରାୟ କହିଥିଲେ ଯେ ଏହି ଘଟଣାରେ ସରକାର ଏକ ନିରପେକ୍ଷ ନ୍ୟାୟିକ ତଦନ୍ତ କରାଇବା ଆବଶ୍ୟକ । ତଦନ୍ତ ହେଲେ ପ୍ରକୃତ ସତ୍ୟ ପଦାକୁ ଆସିବ ଏବଂ ପୀଡ଼ିତ ପରିବାରକୁ ନ୍ୟାୟ




ମିଳିପାରିବ । ଦିବ୍ୟାଙ୍ଗ ପରିବାରକୁ କ୍ଷତିପୂରଣ ବାବଦରେ ୧ କୋଟି ଟଙ୍କା ତଥା ପରିବାରର ଜଣକୁ ସରକାରୀ ଚାକିରୀ ଦେବାକୁ ସରକାରଙ୍କଠାରେ ଦାବି ଉପସ୍ଥାପନ କରିଥିଲେ । ପୂର୍ବତନ ଗୋପାଳପୁରର ବିଧାୟକ ଡଃ ତ୍ରିନାଥ ବେହେରା କହିଲେ, ବିଜେପି ସରକାର ଆସିବା ଦିନଠାରୁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟି ଯାଇଛି । କବିସୂର୍ଯ୍ୟନଗରରେ ଯାହା ଘଟିଲା ତାହା ଯୋଗୁଁ ଗଞ୍ଜାମକୁ ବଦନାମ ହେବାକୁ ପଡିଲା । ଅପରାଧୀଙ୍କୁ ପୋଲିସ କଣ କଣ୍ଟ୍ରୋଲ କରିବ, ନିଜେ ଅପରାଧୀ ସାଜି ହାଜତ ଭିତରେ ଲୋକଙ୍କୁ ତାଲିବାନୀ ଅତ୍ୟାଚାର ଆରମ୍ଭ କରି ଦେଇଛି, ତାହା ପୁଣି ଜଣେ ଦିବ୍ୟାଙ୍ଗଙ୍କୁ । ଯେଉଁ ପୋଲିସ କର୍ମଚାରୀ ଏଭଳି ଘୃଣ୍ୟ କାର୍ଯ୍ୟରେ ଲିପ୍ତଥିଲେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗଞ୍ଜାମ ଏସପିଙ୍କ ବିରୋଧରେ ମଧ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ଅଛି । ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ମୁଖପାତ୍ର କୃଷ୍ଣଚନ୍ଦ୍ର ପତି ମୋହନ ସରକାରଙ୍କ ଆଇନ ଶୃଙ୍ଖଳା ଉପରେ କଡା ସମାଲୋଚନା କରିଥିଲେ । କବିସୂର୍ଯ୍ୟନଗର ସୁବଳୟା ଗ୍ରାମର ଦିବ୍ୟାଙ୍ଗ ସୁଶାନ୍ତ ସାହୁଙ୍କୁ ପୋଲିସ ହାଜତରେ ୬ ରୁ ୭ ଦିନ ରଖି, ତାଙ୍କ ଶରୀରକୁ ବ୍ଲେଡରେ କାଟି ଏବଂ ଲଙ୍କା ଗୁଣ୍ଡ ଦେଇ ନିର୍ଯାତନା ଦେଇ ହତ୍ୟା କରା ଯାଇଥିବା ଅଭିଯୋଗ ରହିଛି । ଏହା ଠାରୁ ବଳି ଆଉ ଅଧିକ ବିଡମ୍ବନାର ବିଷୟ କଣ ହୋଇପାରେ । ଏହା ଲୋକଙ୍କ ସରକାର, ନା ଲୋକ ବିରୋଧୀ ସରକାର ବୋଲି ପ୍ରଶ୍ନ କରିଛନ୍ତି ।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ ରସାୟନ ବିଭାଗର ଅଭୁତପୂର୍ବ ସଫଳତା

କଟକ,(ସବ୍ୟୁ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଭାଗ ଚଳିତ ଶିକ୍ଷାବର୍ଷରେ ଏକ ଅଭୁତପୂର୍ବ ସଫଳତା ହାସଲ କରି ଶିକ୍ଷା ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ନାତକର ଶେଷବର୍ଷରେ ,ବିଭାଗର ଅର୍ଦ୍ଧାଧିକ ଛାତ୍ରଛାତ୍ରୀ ୯.୦ରୁ ଅଧିକ CGPA ହାସଲ କରି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। କେବଳ ପରୀକ୍ଷା ଫଳାଫଳରେ ନୁହେଁ, ଅନେକ ଛାତ୍ରଛାତ୍ରୀ ଜାତୀୟ ସ୍ତରର ପ୍ରତିଷ୍ଠିତ IIT-JAM ପରୀକ୍ଷାରେ ମଧ ସଫଳତାର ସହ ଯୋଗ୍ୟ ବିବେଚିତ ହୋଇ ଦେଶର ସର୍ବୋଚ୍ଚ ଶିକ୍ଷାନୁଷ୍ଠାନ ଆଇଆଇଟିରେ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି।

# ଟ୍ରକ୍ ଚାପାରେ ମା’ – ଝିଅଙ୍କ ଜୀବନ ଗଲା



ବଲାଙ୍ଗିର,(ସବ୍ୟୁ): ମଙ୍ଗଳବାର ସକାଳୁ ସକାଳୁ ଗାନ୍ଧୀନଗର ପଡା ଛକ ନିକଟରେ ଘଟିଛି ମର୍ମନ୍ତୁଦ ଟ୍ରକ୍ ଦୁର୍ଘଟଣା। ନିରୀହ ମା ଝିଅଙ୍କ ଘଟିଛି ମୃତ୍ୟୁ । ସକାଳ ୬.୪୦ରେ ତାଲପାଲି ପଡ଼ାର ଜଣେ ଝିଅ ତାଙ୍କ ମା ଙ୍କୁ ସ୍ଥାନୀୟ ସମଲେଶ୍ୱରୀ ହସ୍ପିଟାଲକୁ ଛାଡି ବାକୁ ଯାଉଥିବା ବେଳେ ପଛପଟୁ ଏକ ଟ୍ରକ ଆସି ହର୍ଣ୍ଣ ମାରିବାରୁ ବ୍ରେକ ମାରି ଦେଇଥିଲେ । ଫଳରେ ରାସ୍ତାରେ ପଡି ରହିଥିବା କାଦୁଅ ଉପରେ ସ୍କୁଟି ଟି ସ୍ଲିପ ହୋଇଯାଇଥିଲା । ମା’–ଝିଅ ରାସ୍ତାରେ ପଡି ଯାଇଥିଲେ । ଠିକ ଏହି ସମୟରେ ପଛ ପଟୁ ଆସୁଥିବା ଟ୍ରକଟି ମା, ଝିଅଙ୍କ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର୍ ଫେରାର୍ ହୋଇଯାଇ ଥିବା ବେଳେ ଲୋଇସିଂହା ପୋଲିସ ଷ୍ଟେସନରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ ଦେହକୁ ଜବତ କରି ଶବ ବ୍ୟବଛେଦ ପାଇଁ ପଠାଇ ଥିଲା ପୋଲିସ । ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ମୃତ ମା, ଝିଅ ସ୍ଥାନୀୟ ତାଲପାଲି ପଡ଼ାର ସୁନିତା ନାଗ ଏବଂ ସ୍ମୃତି ନାଗ ବୋଲି ଜଣା ପଡିଛି।

ସୂଚନାଯୋଗ୍ୟ ଯେ ଦୀର୍ଘ ବର୍ଷ ହେଲା ବାଇପାସ୍ କାମ ଅତି ମନ୍ଥର ଗତିରେ ଚାଲିଛି । ଯାହାଦ୍ୱାରା ଟ୍ରକ୍ ଏବଂ ଭାରୀଯାନ ଗୁଡ଼ିକ ସହର ମଧ ଦେଇ ଯାତାୟାତ କରୁଛି । ବଲାଙ୍ଗିର ସହରରେ ଦିନକୁ ଦିନ ଜନସଂଖ୍ୟା ବଢିବାରେ ଲାଗିଛି। ଯାହାଦ୍ୱାରା ନିୟମିତ ଦୁର୍ଘଟଣାରେ ଅନେକ ସମୟରେ ମୂଲ୍ୟବାନ ଜୀବନ ଯାଉଛି । ସେହିପରି ସହରର ଅନେକ ଗୁଡାଏ ସ୍ଥାନ ରହିଛି ଯେଉଁଠାରେ ଟ୍ରାଫିକ ପୋଷ୍ଟ ନିତାନ୍ତ ଆବଶ୍ୟକ ରହିଛି। ଜିଲ୍ଲା ପ୍ରଶାସନ ଏ ଦିଗ ଗୁଡିକୁ ଯଥାଶୀଘ୍ର ଧ୍ୟାନ ଦେଇ ଦୁର୍ଘଟଣାରୁ ନିରିହ ଜନତାଙ୍କୁ ବଞ୍ଚାନ୍ତୁ ବୋଲି ଜନସାଧାରଣ ଦାବି କରିଛନ୍ତି ।

### ଜରୁରୀକାଳୀନ କୋଟା ଆବେଦନରେ ଅଣଦେଖା

# ଅଧିକାରୀଙ୍କ ଦୁର୍ବ୍ୟବହାର ନେଇ ବିଧାୟକଙ୍କ ଅଭିଯୋଗ

ରାୟଗଡା,(ସବ୍ୟୁ): ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ପୂର୍ବତଟ ରେଳବାଇର ଜଣେ ଅଧିକାରୀଙ୍କ ବିରୋଧରେ ଅସୌଜନ୍ୟମୂଳକ ବ୍ୟବହାରର ଅଭିଯୋଗ ଆଣିଛନ୍ତି। ଜରୁରୀକାଳୀନ କୋଟା ଅଧୀନରେ ଦାଖଲ ହୋଇଥିବା ଏକ ଆବେଦନର ସ୍ଥିତି ସମ୍ପର୍କରେ ପଚାରିବା ସମୟରେ ସମ୍ପୃକ୍ତ ଅଧିକାରୀ ଟେଲିଫୋନ ଯୋଗେ ଅସୌଜନ୍ୟମୂଳକ ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀ କାଡ୍ରାକା ଏହି ଅଭିଯୋଗ ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ, ରାଜ୍ୟର ମୁଖ୍ୟମନ୍ତ୍ରୀ , ବାଚସ୍ପତି ଏବଂ ରେଳବାଇର ବରିଷ୍ଠ ଅଧିକାରୀମାନଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ସହ ନିଜ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏହା ସମ୍ପର୍କରେ ସୂଚନା ଦେଇଛନ୍ତି। ବିଧାୟକଙ୍କ କହିବା ଅନୁଯାୟୀ ସେ ସରକାରୀ କାର୍ଯ୍ୟରେ ଭୁବନେଶ୍ୱର ଆସିଥିଲେ। ସେଠାରୁ ନିଜ ନିର୍ବାଚନମଣ୍ଡଳୀ ରାୟଗଡାକୁ ଫେରିବା ପାଇଁ ଟ୍ରେନ୍ ନମ୍ବର ୨୦୮୩୭ ଜୁନାଗଡ଼ ରୋଡ୍ ଏକ୍ସପ୍ରେସ ରେ ଯାତ୍ରା ନିମନ୍ତେ ଟିକେଟ ବୁକ୍ କରାଯାଇଥିଲା। ଭାରତୀୟ ରେଳବାଇର ପ୍ରଚଳିତ ନିୟମାବଳୀ ଅନୁଯାୟୀ ଜରୁରୀକାଳୀନ କୋଟା ଅଧୀନରେ ବର୍ଥ ଆବଣ୍ଟନ ପାଇଁ ସେ ଏକ ବିଧିବଦ୍ଧ ଆବେଦନପତ୍ର ଦାଖଲ କରିଥିଲେ। ଆବେଦନ ଦାଖଲ ପରେ ଏହାର ସ୍ଥିତି ଜାଣିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ଆବେଦନର ଯଥୋଚିତ ବିଚାର ହୋଇନଥିବା ସହ ଟେଲିଫୋନ ଯୋଗେ କଥାବାର୍ତ୍ତା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ବ୍ୟବହାର ଅତ୍ୟନ୍ତ ଅସୌଜନ୍ୟମୂଳକ ଏବଂ ପ୍ରଶାସନିକ ଶିଷ୍ଟାଚାର ବିରୋଧୀ ଥିବା ସେ ଅଭିଯୋଗ କରିଛନ୍ତି। ବିଧାୟକ ଶ୍ରୀ କାଡ୍ରାକା କହିଛନ୍ତି ଯେ, ଜଣେ ଜନପ୍ରତିନିଧିଙ୍କ ପ୍ରତି ଏପରି ବ୍ୟବହାର ରେଳବାଇର କାର୍ଯ୍ୟପ୍ରଣାଳୀ ଓ ଅଧିକାରୀମାନଙ୍କ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠାଉଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦାୟୀ ଅଧିକାରୀଙ୍କ ବିରୋଧରେ ଆବଶ୍ୟକ ପ୍ରଶାସନିକ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ସେହିପରି ଭବିଷ୍ୟତରେ ଜନପ୍ରତିନିଧିମାନଙ୍କ ଦ୍ୱାରା ଦାଖଲ ହେଉଥିବା ଆବେଦନ ଗୁଡ଼ିକର ନିୟମାନୁସାରେ ଏବଂ ସମୟୋପଯୋଗୀ ବିଚାର ସୁନିଶ୍ଚିତ କରିବାକୁ ମଧ ସେ ନିବେଦନ କରିଛନ୍ତି। ଏହି ଘଟଣାକୁ ନେଇ ପୂର୍ବତଟ ରେଳବାଇ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ଦିଆଯାଇଛି। ରେଳବାଇ କହିଛି ଯେ, ଘଟଣା ପାଇଁ ସେମାନେ ଦୁଃଖିତ ଏବଂ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ମାଧ୍ୟମରେ ଲିଖିତ ଅଭିଯୋଗ ଦାଖଲ କରାଗଲେ ଘଟଣାର ତଦନ୍ତ କରାଯିବ। ଏହି ପ୍ରସଙ୍ଗରେ ବିଧାୟକ କହିଛନ୍ତି ଯେ, ସେ ବିଧାନସଭା ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ତାଙ୍କ ମାଧ୍ୟମରେ ଘଟଣାର ତଦନ୍ତ ଦାବି କରାଯାଇଛି। ସେ କହିଛନ୍ତି, କେବଳ ସେ ନୁହେଁ, ଅନେକ ବିଧାୟକ ମଧ ଏପରି ସମସ୍ୟାର ସମ୍ମୁଖୀନ ହୋଇଥିବା ନେଇ ତାଙ୍କ ସହ ଯୋଗାଯୋଗ କରିଛନ୍ତି। ତେଣୁ ଏହି ପ୍ରସଙ୍ଗରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ସ୍କୁଟିକୁ ଧକ୍କାଦେଲା ଟ୍ରକ୍, ଯୁବତୀ ମୃତ

ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥ ତୁମ୍ବେରସିଙ୍ଗା ବ୍ରିଜ୍ ନିକଟରେ ଟ୍ରକ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଯାଇଛି । ମୃତ ଯୁବତୀ ଜଣକ ଖର୍ସନମାଲ ଗ୍ରାମର ମୋନାଲିସା ପଧାନ (୨୩) ବୋଲି ଜଣାପଡ଼ିଛି । ଅନ୍ୟ ଜଣେ ଯୁବତୀ ଗୁରୁତର ଭାବେ ଆହତ ହୋଇ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି । ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ମୋନାଲିସା ଓ ତାଙ୍କ ସାଙ୍ଗ ସନ୍ଧ୍ୟାରାଣୀ ପ୍ରଧାନ ସ୍କୁଟି ଗାଡ଼ି ନମ୍ବର (ଓଡି ୧୫ ଜେ– ୪୬୩୧) ଯୋଗେ କୌଣସି କାମ ପାଇଁ ନିଜ ଗାଁରୁ ସମ୍ବଲପୁରକୁ ଆସୁଥିଲେ । ଏହି ସମୟରେ ତାଙ୍କୁ ଏକ ଟ୍ରକ୍ ଗାଡ଼ି ନମ୍ବର( ଏଚଆର ୫୮ଏଫ – ୬୧୭୭) ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସ ଡାକି ସେମାନଙ୍କୁ ବୁର୍ଲା ପଠାଇଥିଲେ ସେଠାରେ ଡାକ୍ତର ମୋନାଲିସାଙ୍କୁ ମୃତ ଘୋଷଣା କରିଥିଲେ । ମାତ୍ର ସନ୍ଧ୍ୟାରାଣୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ନାବାଳିକା ଯୌନ ନିର୍ଯାତନା ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ଜଣେ ନାବାଳିକା ଯୌନ ଦୁଷ୍କର୍ମ ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ’ଓଡ଼ିଶା ରାଜ୍ୟ ପୀଡ଼ିତ କ୍ଷତିପୂରଣ ଯୋଜନା’ ଅଧୀନରେ ପୀଡ଼ିତାଙ୍କୁ ତୁରନ୍ତ ୧ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ରାଶି ଯୋଗାଇ ଦିଆଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ସହାୟତା ରାଶି ମଞ୍ଜୁର ହୋଇଛି। ମାମଲାର ଗୁରୁତ୍ୱକୁ ବିଚାର କରି ନୂଆପଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ପୋକ୍ସୋ କୋର୍ଟର ବିଚାରପତି ସୁନୀଲ କୁମାର ଦାସ ପୋକ୍ସୋ ଅଧିନିୟମ ଅନୁଯାୟୀ ପୀଡ଼ିତାଙ୍କୁ ଏହି ଆର୍ଥିକ କ୍ଷତିପୂରଣ ଦେବା ପାଇଁ ସୁପାରିଶ କରିଥିଲେ। ବିଚାରପତିଙ୍କ ଏହି ସୁପାରିଶ ଆଧାରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରାଧିକରଣର ସଚିବ ନବନୀତା ଦାଶ ଉକ୍ତ ନାବାଳିକାଙ୍କୁ ଏହି ଏକ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ଏହା ସହିତ ଏହି ଅର୍ଥକୁ ନିଜର ଏବଂ ନିଜ ସନ୍ତାନ ର ଭବିଷ୍ୟତ ଓ ମଙ୍ଗଳ ନିମନ୍ତେ ସଦୁପଯୋଗ କରିବାକୁ ସେ ପୀଡ଼ିତାଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଏହିଭଳି ସମ୍ବେଦନଶୀଳ ଓ ତ୍ୱରିତ ପଦକ୍ଷେପ ଯୋଗୁଁ ଅସହାୟ ପୀଡ଼ିତାଙ୍କ ପରିବାରକୁ ବଡ଼ ଆଶ୍ୱସ୍ତି ମିଳିଛି। ଏଥିସହିତ ପ୍ରଶାସନ ଓ ପ୍ରଚଳିତ ନ୍ୟାୟିକ ପ୍ରକ୍ରିୟା ଉପରେ ସାଧାରଣ ଜନତାଙ୍କର ବିଶ୍ୱାସ ଆହୁରି ଦୃଢ଼ ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

### ଡିବିରୀ ଆଲୁଅର ଗାଁ ବନ୍ଧପାଲି ନୂଆପଡା

# ବିଦ୍ୟୁତ ସେବା ଯୋଗାଣ ନେଇ ଜିଲ୍ଲାପାଳଙ୍କୁ ଫେରାଦ



କନ୍ଧମାଳ,(ସବ୍ୟୁ): ଗ୍ରାମାଞ୍ଚଳରେ କେହି ମୌଳିକ ସୁବିଧାରୁ ବଞ୍ଚିତ ନ ହେବା ଲକ୍ଷ୍ୟରେ ସରକାର କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି । ଯୋଜନାର ସୁଫଳ କିପରି ଲୋକମାନଙ୍କ ନିକଟରେ ପହଞ୍ଚିବ ସେନେଇ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ବେଳେ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ନିକଟରେ ବାସ କରୁଥିବା ପ୍ରାୟ ୨୫ରୁ ଉର୍ଦ୍ଧ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ଥିବା ଉକ୍ତ ବନ୍ଧପାଲି ନୂଆପଡାବାସୀ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି । ସମସ୍ତଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନା କରି ତାହାର ଭିତ୍ତିଭୂମି ପ୍ରସ୍ତୁତି ନିମନ୍ତେ ରାଜକୋଷରୁ ବିପୁଳ ଟଙ୍କା ଯୋଗାଇ ଦେଉଛନ୍ତି । କିନ୍ତୁ ବିଭାଗୀୟ ଅବହେଳା ଯୋଗୁଁ କନ୍ଧମାଳ ବ୍ଲକ ନାକ ତଳେ ମାତ୍ର ଶହେ ମିଟର ଦୂରରେ ଥିବା ବନ୍ଧପାଲି ନୂଆପଡ଼ାରେ ବିଦ୍ୟୁତ ଲାଇନ ନଥିବାରୁ ଅନ୍ଧାରରେ ରହିଛନ୍ତି ୨୫ରୁ ଉର୍ଦ୍ଧ ପରିବାର । ଅନ୍ଧାରରେ ରହୁଛନ୍ତି ଗ୍ରାମବାସୀ । ଡିବିରୀ ଆଲୁଅ ହିଁ ଭରସା । ବିଦ୍ୟୁତ ଯୋଗାଣ ପାଇଁ ପ୍ରଶାସନ ଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିଙ୍କୁ ଗୁହାରି ହେଲେ ମିଳୁଛି କେବଳ ପ୍ରତିଶ୍ରୁତି । ବିଦ୍ୟୁତ ବିଭାଗ ସହିତ ଯୋଗାଯୋଗ କରିଥିଲେ ହେଁ କିଛି ସୁଫଳ ମିଳୁନି । ବିଦ୍ୟୁତ ଅଭାବରୁ ସନ୍ଧ୍ୟା ସମୟରେ ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ଅନ୍ୟପଟେ ବର୍ଷାଋତୁ ଆସୁ ଥିବାରୁ ଅନ୍ଧାରୁଆ ରାତିରେ ପଦାକୁ ବାହାରିଲେ ବିଷାକ୍ତ ସାପ ସହ ସରୀସୃପ ଜନିତ ଭୟ ରହିଛି । ଅନ୍ଧାରର ସୁଯୋଗ ନେଇ ଚୋର ତସ୍କରଙ୍କ ପ୍ରାଦୁର୍ଭାବ ଲାଗି ରହୁଛି । ଅନ୍ଧାର ରାତିରେ ଯିବାଆସିବା ବେଳେ ଅନେକ ସମୟରେ ଘର ନିକଟ ଖାଲଖମାରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି । ସଂନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ଗାଁ ଟି ଅନ୍ଧକାରମୟ ହୋଇଯାଉଛି । ବିଦ୍ୟୁତ ସଂଯୋଗ ନଥିବାରୁ ଗ୍ରାମବାସୀ ରାତ୍ରୀ ସମୟରେ ଏକ ପ୍ରକାର ଯମ ଯନ୍ତ୍ରଣା ଭୋଗ କରୁଛନ୍ତି । ଅପରପକ୍ଷରେ ସବୁ ଗାଁ କୁ ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଇବା ପାଇଁ ସରକାର ପ୍ରତିଶୃତି ଦେଉଥିବା ବେଳେ ଏହି ପଡ଼ାକୁ ଅଦ୍ୟାବଧି ବିଦ୍ୟୁତ ଲାଇନ ଯାଇନଥିବା ପଡାବାସୀ ଜିଲ୍ଲାପାଳଙ୍କୁ କରିଥିବା ଅଭିଯୋଗରୁ ଜଣାଯାଇଛି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ପକ୍ଷରୁ ଦାବି ହେଉଛି ।

### ଦାଦାଙ୍କୁ ମୃତ ଦର୍ଶାଇ ଜମି ହଡ଼ପ କଲା ପୁତୁରା

# ଆର୍ଆଇଙ୍କ ଭୂମିକା ନେଇ ସନ୍ଦେହ

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା କାଶୀପୁର ଅଞ୍ଚଳ ସରକାରୀ ଯୋଜନାର କାର୍ଯ୍ୟକାରିତା, ଜଳ ଜମି ଜଙ୍ଗଲ ଅଧିକାର ଏବଂ ପରିବେଶ ସୁରକ୍ଷା ଆନ୍ଦୋଳନ ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ସର୍ବଦା ଚର୍ଚ୍ଚାରେ ରହିଆସିଛି। ଏବେ ସମ୍ପର୍କୀୟଙ୍କ ସମ୍ପତ୍ତି ହଡ଼ପ କରିବା ପାଇଁ ମିଥ୍ୟା ତଥ୍ୟ ଦେଇ ଜମି ହାତେଇବାର ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ତଳପାଡିଖାଲ ଗ୍ରାମରେ ଜଣେ ପୁତୁରା ନିଜ ଜୀବିତ ଦାଦାଙ୍କୁ କାଗଜପତ୍ରରେ ମୃତ ଦର୍ଶାଇ ପ୍ରାୟ ୪୯ ସେଣ୍ଟ ଜମି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ନେଇ ମଧ ପ୍ରଶ୍ନ ଉଠିଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ବୃଦ୍ଧ ଦିଉଡୁ ମାଝୀଙ୍କ ନାମରେ ପ୍ଲଟ୍ ନଂ ୯୯ ଓ ୧୦୦ରେ ୪୯ ସେଣ୍ଟ ଜମି ରହିଛି। ହେଲେ ତାଙ୍କ ପୁତୁରା ସାନୀ ମାଝୀ ଚଞ୍ଚକତା କରି ୨୦୨୪ ମସିହାରେ ଉକ୍ତ ଜମିକୁ ନିଜ ନାମରେ କରାଇନେଇଥିବା ଅଭିଯୋଗ ହୋଇଛି। ଦିଉଡୁ ମାଝୀଙ୍କ ବଡ଼ ଭାଇ ଡିରିବି ମାଝୀଙ୍କ ମୃତ୍ୟୁ ହୋଇଥିବାବେଳେ ଦିଉଡୁ ମାଝୀ ବର୍ତ୍ତମାନ ସୁଦ୍ଧା ଜୀବିତ ଅଛନ୍ତି। ତେବେ ଉତ୍ତରାଧିକାରୀ ସତ୍ତ୍ୱ ରିପୋର୍ଟରେ ଦିଉଡୁଙ୍କୁ ମୃତ ଦର୍ଶାଇ ସାନୀ ମାଝୀ ନିଜ ନାମରେ ପଟ୍ଟା କରାଇ ନେଇଥିବା ଅଭିଯୋଗ ରହିଛି। ଏହି ସମଗ୍ର ପ୍ରକ୍ରିୟାରେ ରାଜସ୍ୱ ନିରୀକ୍ଷକ କେଶବ ସାହୁଙ୍କ ସହଯୋଗ ଥିବା ନେଇ ମଧ ଅଭିଯୋଗ ହୋଇଛି। ନିଜ ଜମି ହରାଇଥିବା ଦିଉଡୁ ମାଝୀ କାଶୀପୁର ତହସିଲଦାରଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ସେହିପରି ରାୟଗଡା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କୁ ଭେଟି ଜମି ଫେରାଇ ଦେବା ସହ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଜମି ହସ୍ତାନ୍ତର କରାଯାଇଥିବା ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଇଛି। ଏହି ଘଟଣାରେ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ଉପରେ ତଦନ୍ତ କରାଯିବ ଏବଂ ଦୋଷୀ ସାବ୍ୟସ୍ତ ହେଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଜମି ରେକର୍ଡ ପରିଚାଳନା ଏବଂ ରାଜସ୍ୱ ବିଭାଗର କାର୍ଯ୍ୟପ୍ରଣାଳୀକୁ ନେଇ ମଧ ପ୍ରଶ୍ନ ଉଠିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚୋରା ଚାଲାଣ କମିବାରେ ନା ଧରୁନାହିଁ। ପୋଲିସ ଓ ଅବକାରୀ ବିଭାଗକୁ ଚକମା ଦେଇ ବେଧଡ଼କ କାରକାର ଚାଲିଛି। ଏଥିରେ ପ୍ରତ୍ୟେକ ଥାନା ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଏପରି ସ୍ଥଳେ ଘଣ୍ଟାପଡ଼ା ପୋଲିସ କୌଣସି ସୂତ୍ରରୁ ଖବର ପାଇ କୁନାସିଲା ଜଙ୍ଗଲରେ ଗେରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ସ୍ଥାନରେ ଚଢଉ କରିଥିଲା।ପୋଲିସକୁ ଦେଖି କେତେକ ଅଭିଯୁକ୍ତ ଫେରାର ମାରିଥିବା ସ୍ଥଳେ ଜଣକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ସେଠାରୁ ପ୍ରସ୍ତୁତି ଗଞ୍ଜେଇ ସବୁ ଜବତ କରି ମାଜିଷ୍ଟ୍ରେଟ ସମ୍ମୁଖରେ ଓଜନ କରାଯିବାରୁ ୭୫ କେଜି ହୋଇଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ଉକ୍ତ ଥାନାଞ୍ଚଳର ନାରାୟଣପ୍ରସାଦ ପଞ୍ଚାୟତର ଗଜମରା ଗ୍ରାମର ସ୍ୱାଧୀନ ଠେଲା (୩୩)। ଏନେଇ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ସୌମ୍ୟରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

## ମୁରିବାହାଲ ଗାଁ ସାଥୀ ସଂଘର ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗାଁ ସାଥୀ (ମେଟ) ସଂଘ ସଭାପତି ଗିରିଧାରୀ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ବିଡ଼ିଓ ବାସନ୍ତି ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୮ ମସିହାରୁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନିୟ ଜଳ ବିଭାଗର ମନରେଗା ଯୋଜନାରେ ଗାଁ ସାଥୀମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ ହୋଇ ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ମୁରିବାହାଲ ବ୍ଲକର ଶତାଧିକ ଗାଁ ସାଥୀ ୨୦୨୪–୨୫ ଓ ୨୦୨୫–୨୬ ଆର୍ଥିକ ବର୍ଷର ପାଉଣା ପାଇବାରୁ ବଞ୍ଚିତ ଥିବା ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା ୧୩୭୫ ତା.୧୩/୦୧/୨୦୨୬ ରିଖ ଅନୁସାରେ ଅର୍ଦ୍ଧ କୁଶଳୀ ଶ୍ରମିକମାନଙ୍କୁ ପ୍ରଥମେ ପ୍ରାଧାନ୍ୟ ଦେଇ ପାରିଶ୍ରମିକ ପ୍ରଦାନ କରିବା ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ରହିଛି। ହେଲେ ସରକାରଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ। ଜୁଲାଇ ପହିଲାରୁ ମନରେଗା ଯୋଜନାର ନାମ ପରିବର୍ତ୍ତନ ହୋଇ ବିଭି–ଜୀ ରାମ–ଜୀ ନାମରେ ନୂଆ ରୂପ ରେଖରେ କାର୍ଯ୍ୟକାରି ହେବାକୁ ଯାଉଛି। ତେଣୁ ଚଳିତ ଜୁନ୍ ମାସ ଶେଷ ସପ୍ତାହ ମଧ୍ୟରେ ବକେୟା ଥିବା ସମସ୍ତ ଗାଁସାଥିଙ୍କ ପାଉଣା ପ୍ରଦାନ କରାନଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବା ପାଇଁ ସଂଘ ଚେତାବନୀ ଦେଇଛି। ଦାବିପତ୍ର ଗ୍ରହଣ କରି ବିଡ଼ିଓ ଶ୍ରୀମତୀ ସେଠୀ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ସେ ଗାଁ ସାଥିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ଦେବା ସମୟରେ ବ୍ଲକ ଗାଁସାଥୀ(ମେଟ୍)ସଂଘର ବିଷ୍ଣୁପ୍ରସାଦ ସାହୁ, ନିଳାଦ୍ରୀ ଭୂଷଣ ମିଶ୍ର, କ୍ଷୀରସିନ୍ଧୁ ମାହାକୁର,କଶ୍ୟପ ସରାଫ,ଟିକେମନ ଖର୍ସେଲ,ହାରାବତୀ ମେହେର,ଦେବରାଜ ଲୁହା,ଉଦ୍ଧବ ଛୁରା,ମହେନ୍ଦ୍ର ସାହୁ, ଜୟଲାଲ ଆଡଜୁଆଡ,ଜଗତ ବେହେରା, ମହେନ୍ଦ୍ର ସାହୁ, ଚନ୍ଦ୍ରଧ୍ୱଜ ବାଗ, ମହେନ୍ଦ୍ର ରଣା,ଉମା ସାହୁଙ୍କ ସମେତ ଶତାଧିକ ଗାଁସାଥୀ ଉପସ୍ଥିତ ଥିଲେ।

### ଜଗମଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ମନ୍ଥରତା

# ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

କୋରାପୁଟ,(ସବ୍ୟୁ): କୋରାପୁଟ ସଦର ମହକୁମାରୁ ଅଳ୍ପ ଦୂରରେ ଅବସ୍ଥିତ ଜଗମଗୁଡା ଡ୍ୟାମ। ୧୬ବର୍ଷ ପୂର୍ବେ ଶେଷ ଡ୍ୟାମ ନିର୍ମାଣ ଶେଷ ହୋଇଥିବା ସତ୍ତ୍ୱେ କେନାଲ ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ଲୋକେ ଜମି ଦେଇ ମଧ ଚାଷ ପାଇଁ ପାଣି ପାଇ ପାରୁନାହାନ୍ତି। ଏଥି ନିମନ୍ତେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏତେଦିନ ପର୍ଯ୍ୟନ୍ତ ଗୋଟିଏ ପ୍ରକଳ୍ପ ସଂପୂର୍ଣ୍ଣ ନ ହେବା ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଗତ ୨୦୦୨ ମସିହାରେ ଜଗମଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ୪କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ବରାଦ କରଯାଇଥିଲା। ବାଗ୍ରାଗୁଡା, ମସ୍ତିପୁଟ, ବାସୁପୁଟ,ଏକଟାଗୁଡା, ଏକଡେଲୀ, ମାଛରା, ଦଳେଇଗୁଡା, ପୁଟପଣ୍ଡି, ମହାଦେଇପୁଟ, କରଞ୍ଜଗୁଡା ଓ ବଡ ଚିନ୍ଦ୍ରୀ ଗ୍ରାମରେ ଉକ୍ତ ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ୫୬୭ ହେକ୍ଟର ଓ ରବି ଋତୁରେ ୩୨୪ ହେକ୍ଟର ଜମି ଜଳସେଚିତ କରିବାକୁ ଲକ୍ଷ୍ୟ ରଖାଯାଇ ପ୍ରକଳ୍ପ ଆରମ୍ଭ କରାଯାଇଥିଲା ବୋଲି କୋରାପୁଟ କ୍ଷୁଦ୍ର ଜଳସେଚନ ବିଭାଜନର ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ କହିଛନ୍ତି। ଡ୍ୟାମ କାର୍ଯ୍ୟ ୨୦୧୦ ମସିହାରେ ଶେଷ ହୋଇଯାଇଥିଲା କିନ୍ତୁ ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇ ନ ଥିବାରୁ ପ୍ରକଳ୍ପର କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଥିଲା। ଆମଠାରୁ ଜମି ନେଇଗଲେ କିନ୍ତୁ ଆମକୁ ପାଣି ଦେଲେ ନାହିଁ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏହି ବିଳମ୍ବ ଯୋଗୁଁ ସରକାର ଯେତିକି କ୍ଷତି ସହିଲେ ତା ଠାରୁ ଜମି ଦେଇଥିବା ଲୋକେ ଅଧିକା କ୍ଷତିରେ ପଡିଲେ ବୋଲି ମସ୍ତିପୁଟର ଚାଷୀ ପ୍ରଦୀପ୍ତ ଟାକ୍ରୀ କହିଛନ୍ତି। କେନାଲ ନିର୍ମାଣ ପାଇଁ ୩ ଏକର ଜମି ଦେଲୁ କିନ୍ତୁ ଆଜି ପର୍ଯ୍ୟନ୍ତ ଆକାଉଣ୍ଟକୁ ଅର୍ଥ ଆସିନାହିଁ ବୋଲି ସେ କହିଛନ୍ତି। ମସ୍ତିପୁଟର ୧୫ ଜଣ ଚାଷୀ ଜମି ଦେଇଛନ୍ତି କିନ୍ତୁ ଜମିର ଅର୍ଥ ପାଇ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରାୟ ୩୦ ପ୍ରତିଶତ କେନାଲ ନିର୍ମାଣ ହୋଇଛି। ଜମି ଅଧିଗ୍ରହଣ ହୋଇ ନ ଥିବାରୁ କେନାଲ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଛି ବୋଲି ଯନ୍ତ୍ରୀ ଶ୍ରୀ ସାହୁ କହିଛନ୍ତି। ଗ୍ରାମସଭାରେ ଚାଷୀ ମାନେ ସହରାଞ୍ଚଳ ଜମି ମୂଲ୍ୟାଙ୍କନ ଅନୁସାରେ ଅର୍ଥ ପ୍ରଦାନ କରିବାକୁ ଦାବି କରିଥିଲେ ଯାହାକି ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ପ୍ରକଳ୍ପ ବିଳମ୍ବ ହେବାରୁ ରାଜ୍ୟ ସରକାର ବ୍ୟୟ ଅଟକଳ ୧୪ କୋଟି ଟଙ୍କାକୁ ବୃଦ୍ଧି କରିଥିବା ଜଣାପଡିଛି। ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେଇ ପ୍ରକଳ୍ପ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଚାଷୀ ମାନେ ଦାବି କରିଛନ୍ତି।

### ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନିର୍ମାଣଧୀନ

# ଖଲନା ଆରଡ଼ି ରାସ୍ତା ନିମ୍ନମାନର ଅଭିଯୋଗ

ସିନାପାଲି,(ସବ୍ୟୁ): ’ବିକଶିତ ଗାଁ ବିକଶିତ ଓଡ଼ିଶା’ (ବିଜିବିଓ) ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିର ସୁଦୃଢ଼ୀକରଣ କରିବା ଏବଂ ସହର ଓ ଗାଁ ମଧ୍ୟରେ ଥିବା ବିକାଶର ବ୍ୟବଧାନକୁ ଦୂର କରିବା । କିନ୍ତୁ ତାହା ବାସ୍ତବ କ୍ଷେତ୍ରରେ ପ୍ରତିଫଳନ ହେଉନାହିଁ ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଲନା ଗାଁରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଖଲନା ଆରଡ଼ି ରାସ୍ତା ଠାରୁ ଫୁଟବଲ ଖେଳ ପଡ଼ିଆ ରାସ୍ତାକୁ ପେପର ବ୍ଲକ ରାସ୍ତା ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୫–୨୬ ରେ ତିନି ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଖଲନା ଦେଇ ଯାଇଥିବା ଆରଡ଼ି ରାସ୍ତାରୁ ଖଲନା ଫୁଟବଲ ଖେଳ ପଡ଼ିଆକୁ ଯିବା ନିର୍ମାଣ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପେପର ବ୍ଲକ ରାସ୍ତା ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ କରାଯାଇଥିବା ବେଳେ ସେହି ରାସ୍ତାରେ ପେପର ବ୍ଲକ ରାସ୍ତା ନିର୍ମାଣ ନ କରି କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଥଲେ । କିନ୍ତୁ, କେଉଁ ସ୍ୱାର୍ଥରେ ପେପର ବ୍ଲକ ରାସ୍ତା ନିର୍ମାଣ କରାଗଲା ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ସେହି ରାସ୍ତା ଦେଇ ଦୈନିକ ଶହ ଶହ ବାଲି ଗାଡ଼ି ଯାତାୟାତ କରୁଥିବାରୁ ପେପର ବ୍ଲକ ରାସ୍ତା ନ କରି କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ହେଲେ କାମ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଠିକାଦାର ସ୍ଥାନୀୟ ଲୋକଙ୍କ କଥା ବିଚାରକୁ ନ ନେଇ ତରବରିଆ ଭାବରେ ପେପର ବ୍ଲକ



ରାସ୍ତା ତିଆରି କରିଦେଲେ । ଫଳରେ ନିର୍ମାଣ ର ୧୦/୧୫ ଦିନ ମଧ୍ୟରେ ପେପର ବ୍ଲକ ରାସ୍ତାଟି ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଏନେଇ ସ୍ଥାନୀୟ ଜନସାଧାରଣ ବିଭାଗୀୟ ଯନ୍ତ୍ରୀଙ୍କୁ ମଧ ଫୋନ ଯୋଗେ କହିଥିବା ବେଳେ ଯନ୍ତ୍ରୀ ସେମାନଙ୍କ କଥାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି । ସରକାରଙ୍କ ନିୟମ ଅନୁସାରେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ବା ପ୍ରାଥମିକତା ଦେଇ ନିର୍ମାଣ କାର୍ଯ୍ୟ କରିବା କଥା ହେଲେ ଏଠାରେ ଠିକାଦାରଙ୍କ କଥାକୁ ଯନ୍ତ୍ରୀ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଜନସାଧାରଣଙ୍କ କହିବା ଅନୁସାରେ ଏହି ରାସ୍ତା ଦେଇ ଦୈନିକ ଶହ ଶହ ବାଲି ଭର୍ତ୍ତି ହାଓ୍ୱା, ଟ୍ରାକଟର ଯିବା ଆସିବା କରିବା ସହ ଚାଷୀଙ୍କ ଚାଷ ଜମି ଥିବାରୁ ବିଭିନ୍ନ ସମୟରେ ଚାଷ କାର୍ଯ୍ୟରେ ବ୍ୟବହୃତ ଟ୍ରାକଟର, ଜେସିବି, ଧାନ କଟା ମେସିନ ଆଦି ଭାରି ଯାନ ଗାଡ଼ି ଗୁଡିକ ଯାତାୟାତ କରୁଥିବାରୁ ପେପର ବ୍ଲକ ରାସ୍ତା ତିଆରି କଲେ ବେଶୀ ଦିନ ସ୍ଥାୟୀ ରହି ପାରିବ ନାହିଁ । ତେଣୁ ପେପର ବ୍ଲକ ରାସ୍ତା ନକରି କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ । କିନ୍ତୁ ତାଙ୍କ କଥାକୁ ସ୍ଥାନୀୟ ବ୍ଲକ ପ୍ରଶାସନ ଗୁରୁତ୍ୱ ନ ଦେଇ ତରବରିଆ ଭାବରେ ପେପର ବ୍ଲକ ରାସ୍ତା ନିର୍ମାଣ କରିଥିଲେ । ଫଳରେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ପେପର ବ୍ଲକ ରାସ୍ତା ଭାଙ୍ଗି ଯିବା ସହ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏନେଇ ସିନାପାଲି ବିଡ଼ିଓ କର୍ମି ଓରାମଙ୍କୁ ପଚାରିବାରୁ ଯଦି ରାସ୍ତା ଭାଙ୍ଗି ଯାଇଛି ତାହେଲେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କହିଥିଲେ ।

### ମଦ୍ୟପ ପାଗଳ ପ୍ରେମିକର ଉନ୍ମତ୍ତ କାଣ୍ଡ

# ବିଦ୍ୟୁତ ଖୁଣ୍ଟରେ ଚଢ଼ି ହଙ୍ଗାମା, ୪ ଘଣ୍ଟା ପରେ ଉଦ୍ଧାର

ସୁନ୍ଦରଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ବୁଡାକଟା ଅଞ୍ଚଳରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପ୍ରେମିକା ସହ ମନୋମାଳିନ୍ୟକୁ କେନ୍ଦ୍ର କରି ଜଣେ ଯୁବକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ହଙ୍ଗାମା ସୃଷ୍ଟି କରିଥିଲେ। ଘଟଣାକୁ ନେଇ ଅଞ୍ଚଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନା ଅନୁସାରେ, ଯୁବକ ଜଣକ ରାତି ପ୍ରାୟ ୧୦ଟା ସମୟରେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଉଚ୍ଚ ସ୍ୱରରେ ଚିତ୍କାର କରିବା ସହ କାନ୍ଦୁଥିଲେ। ତାଙ୍କର କାନ୍ଦ ଶୁଣି ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କୁ ଦେଖି ଯୁବକ ଜଣକ ତାଙ୍କ ପ୍ରେମିକାକୁ ତୁରନ୍ତ ଡାକିବାକୁ ଦାବି କରିଥିଲେ। ନଚେତ୍ ସେ ନିଜ ଜୀବନକୁ ବିପଦରେ ପକାଇବେ ବୋଲି ଧମକ ଦେଇଥିଲେ। ଘଟଣାର ଗୁରୁତ୍ୱକୁ ଦେଖି ଗ୍ରାମବାସୀମାନେ ତୁରନ୍ତ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

ଖବର ପାଇ ପୁଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ବୁଝାସୁଝା କରି ତଳକୁ ଓହ୍ଲାଇବା ପାଇଁ ଅନେକ ଚେଷ୍ଟା କରିଥିଲେ। ତେବେ ସେମାନଙ୍କର ସମସ୍ତ ପ୍ରୟାସ ପ୍ରାରମ୍ଭରେ ବିଫଳ ହୋଇଥିଲା। ପରିସ୍ଥିତି ଜଟିଳ ହେବାରୁ ପୁଲିସ ଯୁବକଙ୍କ ପ୍ରେମିକାଙ୍କୁ ଘଟଣାସ୍ଥଳକୁ ଡାକିଥିଲା। ପ୍ରେମିକା ଓ ପରିବାର ସଦସ୍ୟଙ୍କ ବୁଝାସୁଝା ପରେ ଯୁବକଙ୍କ ମନୋଭାବରେ ପରିବର୍ତ୍ତନ ଆସିଥିଲା। ଶେଷରେ ପ୍ରାୟ ୪ ଘଣ୍ଟା ଧରି ଚାଲିଥିବା ଏହି ହାଇଡ୍ରାମାର ଅନ୍ତ ଘଟିଥିଲା ଏବଂ ରାତି ପ୍ରାୟ ୨ଟା ବେଳେ ଯୁବକ ଜଣକ ସୁରକ୍ଷିତ ଭାବେ ଖୁଣ୍ଟରୁ ତଳକୁ ଓହ୍ଲାଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବିଦ୍ୟୁତ ଖୁଣ୍ଟ ଭଳି ବିପଦପୂର୍ଣ୍ଣ ସ୍ଥାନକୁ ଚଢ଼ି ଏପରି କାଣ୍ଡ ଘଟାଇବାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି ।

### ଶୀତଳେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା
## ଚଳିତ ବର୍ଷ ଉଜ୍ଜୟିନର ଡମ୍ବରୁ ମୁଖ୍ୟ ଆକର୍ଷଣ




ସମ୍ବଲପୁର,(ସବ୍ୟୁ): ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା ୨୩ତମ ବର୍ଷରେ ପଦାର୍ପଣ କରିଛି । ତେଣୁ ଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଭବ୍ୟ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପ୍ରାୟ ୩୯ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଆସାମ ସମେତ କୋଲକାତା ଓ ଉଜ୍ଜୟିନର କଳାକାରଙ୍କ ସମେତ ପ୍ରାୟ ୫୦୦ କଳାକାର ଦେବେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଶୋଭାଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ମାଁ ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ସୂଚନା କେନ୍ଦ୍ରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବଡ଼ବଜାର ଶୀତଳେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ଯାତ୍ରା କମିଟି ସଭାପତି ସରୋଜ ସାହୁ ଏହି ସୂଚନା ଦେଇଥିଲେ। ସେହିପରି କମିଟିର ସମ୍ପାଦକ ରାମଦାସ ପଣ୍ଡା କହିଛନ୍ତି ଯେ, ଚଳିତ ବର୍ଷ ମୋଟ ୨୨ଟି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୃତ୍ୟ ଦଳ ଯାତ୍ରାରେ ସାମିଲ ହେବେ। ଏଥିରେ ବଲାଙ୍ଗିରର କାଳିକା ନୃତ୍ୟ, ଘୁବକୁଡ୍ଡୁ, ଦାନାବାଡ଼ି ନାଚ, ପଂଜାବୀ ଢୋଲ, ସମ୍ପ୍ରଦା, ମୟୂର ଚୁଲିଆ ନୃତ୍ୟ, ମହିଳା ଝାଞ୍ଜ, ଢୁଲଢୁଲି, ଘଣ୍ଟ, ଶଙ୍ଖ ଆଦି ରହିଛି । ତେବେ ଚଳିତ ବର୍ଷ ଉଜ୍ଜୟିନର ଡମ୍ବରୁ ମୁଖ୍ୟ ଆକର୍ଷଣ ପାଲଟିବ । ଏଥିରେ ପ୍ରାୟ ୪୦ ରୁ ୫୦ ଜଣ ଶିଳ୍ପୀ ଅଂଶଗ୍ରହଣ କରିବେ। ଏହା ସହିତ କୁଚିଣ୍ଡାର ଅଘୋରୀ ନୃତ୍ୟ ଏବଂ ରାଉରକେଲାରୁ ରାଧାକୃଷ୍ଣଙ୍କର ଏକ ସ୍ୱତନ୍ତ୍ର ନୃତ୍ୟ ଦଳ ସାମିଲ ହେବେ। ଭୁବନେଶ୍ୱର, ରାଉରକେଲା ଏବଂ ଆସାମରୁ ମଧ୍ୟ ବିଭିନ୍ନ ପାରମ୍ପରିକ ନୃତ୍ୟ ଦଳ ଏହି ଶୋଭାଯାତ୍ରାରେ ସାମିଲ ହେବେ। ଚଳିତ ବର୍ଷ ମୁଦିପଡ଼ାର ସୁବୋଧ ପଟେଲ ଏବଂ ତାଙ୍କ ଧର୍ମପତ୍ନୀ ଧରିତ୍ରୀ ପଟେଲ କନ୍ୟା ପିତାମାତା ଭାବେ ଦାୟିତ୍ୱ ନିର୍ବାହ କରିବେ। ସେହିପରି ବରପିତା ମାତା ଭାବେ ଜଗଦୀଶ କାଡ଼ୋନିଆ ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ଜୁନ୍ ୧୭ ତାରିଖ ସନ୍ଧ୍ୟା ୭ଟା ୩୦ ମିନିଟରେ ଦେବ ନିମନ୍ତ୍ରଣ ୧୮ରେ ବାରାନୁଗମନ ଓ ୧୯ ତାରିଖ ରାତି ୧୧ଟାରେ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଯାତ୍ରାପଥ ଚିହ୍ନଟ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଉପସଭାପତି କିଶୋର ମେହେର, କାର୍ଯ୍ୟକାରୀ ସଭାପତି କିଶୋର ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଦିଲ୍ଲୀପ କୁମାର ସାହୁ ଓ ତ୍ରିଲୋଚନ ସରାଫ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଓ ଟାୱାର ଚୋରି ଗ୍ୟାଙ୍ଗ୍ ପର୍ଦ୍ଦାଫାଶ : ଦୁଇ ଗିରଫ

ନୂଆପଡା,(ସବ୍ୟୁ): ଜିଓ ମୋବାଇଲ୍ ଟାୱାରରୁ ସାମଗ୍ରୀ ଚୋରି କରୁଥିବା ଏକ ଆନ୍ତଃ-ଜିଲ୍ଲା ଚୋର ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟଙ୍କୁ କୋମନା ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଏ ନେଇ ସାମ୍ବାଦିକ ସମ୍ମିଳନୀରେ କୋମନା ପୋଲିସ ପକ୍ଷରୁ ଏସଡିପିଓ କ୍ଷୀରେଶ୍ୱର ସାହୁ, କୋମନା ଥାନା ଅଧିକାରୀ ରଶ୍ମିତା ପ୍ରଧାନ, ଲଖନା ଥାନା ଅଧିକାରୀ ରଞ୍ଜନ ନାୟକ, ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। କୋମନା ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅନ୍ତର୍ଗତ ଘାଗରା ଗ୍ରାମର ଯଦୁ ରୋହିଦାସ (୨୪) ଏବଂ ଚାନ୍ଦ ମାଝୀ (୧୯)। ଗତ ୭ ଜୁନ ୨୦୨୬ ବିଳମ୍ବିତ ରାତିରେ ଦଳଦଲି ଗ୍ରାମ ନିକଟରେ ଥିବା ଜିଓ ଟାୱାରରୁ ଚୋରି ହେଉଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଖବର ପାଇବା ମାତ୍ରେ ଟେକ୍ନିସିଆନ୍ ପ୍ରଦୀପ ମାଝୀ, ଶରତ ନାଏକ ଏବଂ ଅନ୍ୟ ଜଣେ ସହଯୋଗୀଙ୍କ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ଚୋରି କରୁଥିବା ଦୁଇ ଜଣ ଅଜ୍ଞାତ ବ୍ୟକ୍ତି ଅନ୍ଧାରର ସୁଯୋଗ ନେଇ ସେଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ସେଠାରେ ଦେଖିବାକୁ ମିଳିଥିଲା ଯେ, ଦୁର୍ବୃତ୍ତମାନେ ଜିଓ ଟାୱାରର ଜେନେରେଟରକୁ ସମ୍ପୂର୍ଣ୍ଣ ଖୋଲି ଚୋରି କରିବା ପାଇଁ ପ୍ରସ୍ତୁତ କରି ରଖିଥିଲେ। କିନ୍ତୁ ଧରା ପଡ଼ିଯିବା ଭୟରେ ସେମାନେ ନିଜର ବାଇକ୍, ଚପଲ, ଟାଙ୍ଗିଆ ଏବଂ ଚୋରି ପାଇଁ ବ୍ୟବହୃତ ପାନା ଓ ସ୍କ୍ରୁ-ଡ୍ରାଇଭର ଆଦି ସମସ୍ତ ସାମଗ୍ରୀ ଘଟଣାସ୍ଥଳରେ ଛାଡ଼ି ଫେରାର ହୋଇଯାଇଥିଲେ। କୋମନା ପୋଲିସ କେସ୍ ନମ୍ବର ୧୮୮ ତାରିଖ ୦୭ ଜୁନ ୨୦୨୬, ଅନୁସାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ ଏବଂ ପରବର୍ତ୍ତୀ ତଦନ୍ତ ସମୟରେ ପୋଲିସ ବହୁ ସାମଗ୍ରୀ ଜବତ କରିଥିଲା । ପୋଲିସର ପ୍ରାଥମିକ ଜେରାରୁ ଜଣାପଡ଼ିଛି ଯେ, ଗିରଫ ହୋଇଥିବା ଏହି ଅଭିଯୁକ୍ତମାନେ କେବଳ କୋମନା ନୁହେଁ, ବରଂ ଅନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ଚୋରି କାର୍ଯ୍ୟକଳାପରେ ସାମିଲ ଅଛନ୍ତି। ସେମାନଙ୍କ ନାମରେ ପୂର୍ବରୁ ଜୋଙ୍କ ଥାନା ରେ କେସ୍ ନଂ- ୧୯୪/୨୦୨୬ ଏବଂ ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ରେ କେସ୍ ନଂ- ୧୦୯/୨୦୨୬ ମଧ୍ୟ ଚୋରି ମାମଲା ରହିଛି। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ସହ ଅନ୍ୟ କେଉଁ କେଉଁ ସ୍ଥାନରେ ସେମାନେ ଚୋରି କରିଛନ୍ତି,ସେ ନେଇ କୋମନା ପୋଲିସ ପକ୍ଷରୁ ତଦନ୍ତ ଅବ୍ୟାହତ ରହିଛି ।

## ବସନ୍ତପୁର ଗ୍ରାମ ପଞ୍ଚାୟତର ୫୩୩ ଚାଷୀଙ୍କୁ ମିଳିଲା ଧାନ ବିକ୍ରି ପାଇଁ ଅନୁମତି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକ ଅନ୍ତର୍ଗତ ବସନ୍ତପୁର ଗ୍ରାମ ପଞ୍ଚାୟତର ୫୩୩ ଜଣ ଚାଷୀଙ୍କୁ ଚଳିତ ରବି ଋତୁରେ ସେମାନଙ୍କ ଉପାର୍ଜିତ ଧାନ ବିକ୍ରି ପାଇଁ ଅନୁମତି ମିଳିଛି । ଫଳରେ ସେମାନେ ପଞ୍ଜୀକରଣ ପୋର୍ଟାଲରେ ନିଜର ଧାନ ବିକ୍ରୟ କରିପାରିବେ । ଏନେଇ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି । ଏହି ଚାଷୀମାନେ ଜଳସେଚନ ବିଭାଗର ଜମିରେ ଚାଷ କରୁଥିବାରୁ ଏହାକୁ ଏକ ସ୍ୱତନ୍ତ୍ର ମାମଲା ଭାବେ ଗ୍ରହଣ କରାଯାଇ ଏହି ସୁବିଧା ପ୍ରଦାନ କରାଯାଇଛି । ଏହି ଅନୁମତି ମିଳିବା ପରେ ଗୋଟିଏ ଦିନରେ ୪୧୯ ଜଣ ଚାଷୀ ଧାନ ବିକ୍ରି ପାଇଁ କର୍ଡୋଲା ଅଞ୍ଚଳରେ ପଞ୍ଜିକରଣ କରିଛନ୍ତି । ଅବଶିଷ୍ଟ ଚାଷୀ ଖୁବଶୀଘ୍ର ପଞ୍ଜିକରଣ କରିବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ପୂର୍ବରୁ ଏହି ଚାଷୀଙ୍କ ଜମି ଚିପିଲିମା ପାୱାର କେନାଲ ଏବଂ ସମ୍ପ୍ରସାରଣ ପାଇଁ ସରକାର ଅଧିଗ୍ରହଣ କରିଥିଲେ । ଏଥିପାଇଁ ଚାଷୀ ମାନେ କ୍ଷତିପୂରଣ ମଧ୍ୟ ପାଇଥିଲେ । ପରବର୍ତ୍ତୀ ସମୟରେ ଯୋଜନାରେ ପରିବର୍ତ୍ତନ ହେତୁ କେବଳ ପାୱାର କେନାଲ୍ ନିର୍ମାଣ କରାଗଲା । ଅଧିଗ୍ରହଣ ହୋଇଥିବା ଅବଶିଷ୍ଟ ଜମି ଜଳସେଚନ ବିଭାଗ ନାମରେ ରହିଥିଲା । ଏହି ଜମି ଗୁଡ଼ିକ ଚାଷୀମାନଙ୍କର ପୂର୍ବପୁରୁଷଙ୍କର ହୋଇଥିବାରୁ, ସେମାନେ ଏଥିରେ ପାରମ୍ପରିକ ଭାବେ ଚାଷ କାର୍ଯ୍ୟ ଜାରି ରଖିଥିଲେ । ମାତ୍ର ସରକାରୀ ରେକର୍ଡ ଅନୁଯାୟୀ ଏହାକୁ ଜବରଦଖଲ ଭାବେ ଗଣନା କରାଯାଉଥିଲା । ଫଳରେ ଏଠାରେ ଚାଷ କରୁଥିବା ଚାଷୀ ମାନେ ରେକର୍ଡ ଭୁକ୍ତ ନଥିବାରୁ ଧାନ ବିକ୍ରି ପାଇଁ ପଞ୍ଜିକରଣ କରି ପାରୁନଥିଲେ । ତେଣୁ ଚାଷୀମାନେ ବାଧ୍ୟ ହୋଇ ଅଭାବୀ ବିକ୍ରିର ଶିକାର ହେଉଥିଲେ। ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଗୁହାରି କରୁଥିଲେ। ତେବେ ସରକାର କିଛି ସର୍ତ୍ତ ସହ ଏହି ଅନୁମତି ପ୍ରଦାନ କରିଛନ୍ତି । ବିଭାଗୀୟ ଅତିରିକ୍ତ ସଚିବ ସୁଦାମ ଚରଣ ମଣ୍ଡଳ ସମ୍ବଲପୁର ଜିଲାପାଳଙ୍କୁ ଚିଠି ସଂଖ୍ୟା ୯୫୧୨ ମାଧ୍ୟମରେ ଏହି ସୂଚନା ଦେବା ସହ ସ୍ପଷ୍ଟ କରିଛନ୍ତି ଯେ, ସମ୍ପୃକ୍ତ ୫୩୩ ଜଣ ଚାଷୀଙ୍କୁ ଆଗାମୀ ଦିନରେ ଏହି ସରକାରୀ ଜମିରେ ଚାଷ ନ କରିବାକୁ ସୂଚିତ କରାଯାଉ । କାରଣ ଭବିଷ୍ୟତରେ ସରକାରୀ ଜମିରେ ହେଉଥିବା ଚାଷର ଧାନ ସରକାର ଗ୍ରହଣ କରିବେ ନାହିଁ । ଏହି ପ୍ରକ୍ରିୟାକୁ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଓଆରଏସଏସି ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରୋଜେକ୍ଟ ସପୋର୍ଟ ଟିମକୁ ଆବଶ୍ୟକୀୟ ବୈଷୟିକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ତିନି ମାସ ଧରି ଭତ୍ତା ନମିଳିବା ପ୍ରସଙ୍ଗ
## କଂଗ୍ରେସର ବିରାଟ ଗଣବିକ୍ଷୋଭ ଓ ଦାବିପତ୍ର ପ୍ରଦାନ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ସମେତ ସାରା ରାଜ୍ୟରେ ଗତ ତିନି ମାସ ଧରି ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ବିଧବା ଭତ୍ତା ହିତାଧିକାରୀଙ୍କ ଖାତାକୁ ଭତ୍ତା ରାଶି ପ୍ରଦାନ ନ ହେବା, ପେଟ୍ରୋଲ, ଡିଜେଲ, ଘରୋଇ ରନ୍ଧନ ଗ୍ୟାସ ଏବଂ ନିତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ବିରୋଧରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଆବାହନ କ୍ରମେ ମଙ୍ଗଳବାର ବୋରିଗୁମ୍ମା ଠାରେ ବିରାଟ ଗଣବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତଙ୍କ ସଭାପତିତ୍ୱରେ ଆୟୋଜିତ ବିରାଟ ଗଣବିକ୍ଷୋଭରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ସ୍ଥାନୀୟ ଟାଉନ ହଲ ଠାରୁ କଂଗ୍ରେସ କର୍ମୀ ମାନଙ୍କୁ ନେଇ ଏକ ବିରାଟ ରାଲି ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦୀର୍ଘ ତିନି ମାସ ଧରି ଭତ୍ତା ବନ୍ଦ ରହିବା ଫଳରେ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଓ ବିଧବା ହିତାଧିକାରୀମାନେ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ, ଘରୋଇ ଗ୍ୟାସ ଏବଂ ନିତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ଦରବୃଦ୍ଧି ସାଧାରଣ ଜନଜୀବନକୁ ଅତିଷ୍ଠ କରିଦେଇଛି। ଏହା ଗରିବ, ମଧ୍ୟବିତ୍ତ ଓ ଅସହାୟ ବର୍ଗ ପ୍ରତି ସରକାରଙ୍କ ଉଦାସୀନତାର ଏକ ଜ୍ୱଳନ୍ତ ଉଦାହରଣ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ଅବିଳମ୍ବେ ସମସ୍ତ ବକେୟା ଭତ୍ତା ପ୍ରଦାନ, ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ ଏବଂ ସାଧାରଣ ଜନତାଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା।

ସରକାର ଯଦି ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ସାରା ଓଡ଼ିଶାରେ ଅଧିକ ବ୍ୟାପକ ଓ ତୀବ୍ର କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ନୃସିଂହନାଥ ଶତପଥୀ, କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ବିଜୟ ନାରାୟଣ ସାହୁ, ଭାନୁ ଦୋରା,ପି ଧବଳେଶ୍ୱର, ଗୋପାଳ ଦଣ୍ଡସେନା, ସଦା ଗଣ୍ଡା, କୈଳାସ ରଥ, ଅଶୋକ ଭୂୟାଁ, ସୁରେଶ ରାଉତ, ବିଟୁପଣ୍ଡା, ତପନ ଦାସ,ବି ପ୍ରସାଦ ଦୋରା,ଲାଣ୍ଡୁ ବେଗରାୟଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଗଣବିକ୍ଷୋଭରେ ଯୋଗ ଦେଇଥିଲେ।

## ଟ୍ରେନ ସମ୍ମୁଖକୁ ଆସି ଯୁବକଙ୍କ ଆତ୍ମହତ୍ୟା

ମୁରିବାହାଲ,(ସବ୍ୟୁ): ଶ୍ୱଶୁର ଘରକୁ ଆସି ପରିବାର ସହ ରହୁଥିବା ଜ୍ୱାଇଁ ପାରିବାରିକ କଳହରୁ ଦ୍ରୁତଗାମୀ ସମତା ଏକ୍ସପ୍ରେସ ଟ୍ରେନ୍ ସମ୍ମୁଖକୁ ଆସି ଆତ୍ମହତ୍ୟା କରଛନ୍ତି । ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଆନନ୍ଦନଗରପଡ଼ା (ଧୋବାପଡ଼ା)ର ସଞ୍ଜୟ ନାଏକ(୩୫) । ମୁରିବାହାଲ ସଦର ମହକୁମା ବସ୍ତିର ନେହେରୁ ସେଠଙ୍କ ବଡ ଝିଅଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଦୁଇ ସନ୍ତାନ ମଧ୍ୟ ଅଛନ୍ତି। ସଞ୍ଜୟ ଗତ ବର୍ଷେ ହେବ ନିଜ ପରିବାର ସହ ଶ୍ୱଶୁର ଘର ଗାଁ ମୁରିବାହାଲରେ ହିଁ ରହି କାଠ ମିସ୍ତ୍ରୀ କାମ କରୁଥିଲେ। କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀ ଓ ପରିବାର ଲୋକଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ମଙ୍ଗଳବାର ପାରିବାରିକ କଳହ ଉଗ୍ର ଆକାର ଧାରଣ କରିବାରୁ ସଞ୍ଜୟ ନିକଟସ୍ଥ ମୁରିବାହାଲ ରେଳ ଫାଟକ ନିକଟରେ ଅପରାହ୍ନରେ ଟିଟିଲାଗଡ-କଣ୍ଟାବାଞ୍ଜି ଦ୍ରୁତଗାମୀ ସମତା ଏକ୍ସପ୍ରେସ ସମ୍ମୁଖକୁ ଆସି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। କେତେକ ପ୍ରତ୍ୟେକ୍ଷଦର୍ଶୀ ତାଙ୍କୁ ଟ୍ରେନ୍ ସମ୍ମୁଖକୁ ନ ଯିବା ପାଇଁ ବାରଣ କରିଥିଲେ ମଧ୍ୟ ସେ କାହାରି କଥା ନ ଶୁଣି ଟ୍ରେନ ସମ୍ମୁଖକୁ ଯାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଫଳରେ ତାଙ୍କ ମୁଣ୍ଡ, ଗଣ୍ଡି, ହାତ ଆଦି ବିଭସ୍ତ ଭାବେ କିଛି ରେଳ ଧାରଣା ଓ ଅନ୍ୟ କିଛି ଆଖପାଖରେ ଛିଟିକି ପଡ଼ିଥିଲା। ଖବର ପାଇ ଶ୍ୱଶୁର ଘର ଓ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିଥିଲେ। ଏ ସମ୍ପର୍କରେ କଣ୍ଟାବାଞ୍ଜି ରେଳଷ୍ଟେସନ ମ୍ୟାନେଜରଙ୍କଠାରୁ ସୂଚନା ପାଇ ଜିଆରପି ପୁଲିସ ପହଞ୍ଚି ଶବ ଜବତ କରିଥିଲା। ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି। ଏ ସମ୍ପର୍କରେ ଜିଆରପି କେଶ ନ ୨୩/୨୬ ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି ବୋଲି ଜିଆରପି ଏଏସଆଇ ମହେଶ ପ୍ରଧାନ ଓ ଆରପିଏଫ୍ ଏଏସଆଇ ପରମାନନ୍ଦ ଭାଟି ପ୍ରକାଶ କରିଛନ୍ତି।

## ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟ କେବଳ ଘୋଷଣାରେ ସୀମିତ

ରେଢ଼ାଖୋଲ,(ସବ୍ୟୁ): ପିଲାଙ୍କ ପାଠ ପଢା ପାଇଁ କେନ୍ଦ୍ର ସରକାର ଉଚିତ୍ ପଦକ୍ଷେପ ନେଉ ଥିବା ବେଳେ ସମ୍ପ୍ରତି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟରେ ଚଳିତ ବର୍ଷର ପାଠ ପଢା ବିଳମ୍ବକୁ ନେଇ ଅଭିଭାବକ ଓ ଜନ ସାଧାରଣଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ହେଲେ ଚଳିତ ବର୍ଷ ପିଲାଏ ପାଠ ପଢ଼ି ପାରିବେ କି ନାହିଁ ଲୋକଙ୍କ ମନରେ ନାନା କଳ୍ପନା ଜଳ୍ପନା ସୃଷ୍ଟି ହେଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଏବେ ଚଳିତ ବର୍ଷର ପାଠ ପଢା ଓ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେଲାଣି । ରେଢ଼ାଖୋଲ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଘୋଷଣା କରି ଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଠ ପଢା ଓ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଲୋକଙ୍କ ମନରେ ସନ୍ଦେହ ଓ ଆଶଙ୍କା ପ୍ରକାଶ ପାଇଛି। ବିଭାଗୀୟ ମନ୍ତ୍ରୀଙ୍କ ଗତ କିଛି ଦିନ ପୂର୍ବରୁ ରେଢ଼ାଖୋଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏପ୍ରିଲ ମାସ ଶେଷ ସୁଦ୍ଧା ଚଳିତ ବର୍ଷ ପାଠ ପଢା ପାଇଁ ନାମ ଲେଖା ଆରମ୍ଭ କରାଯିବ ଓ ଅସ୍ଥାୟୀ ଭାବରେ ରେଢ଼ାଖୋଲ ସହର ସ୍ଥିତ ଭୀମ ଭୋଇ କଲେଜରେ ପାଠ ପଢା ଆରମ୍ଭ ହେବ ବୋଲି କହିଥିଲେ। ଇତି ମଧ୍ୟରେ ଭୀମ ଭୋଇ କଲେଜରେ ପାଠ ପଢା ଆରମ୍ଭ ହେବ ବୋଲି କହିବା ପରେ ଶ୍ରେଣୀ ଗୃହ ସବୁ ସଜଡ଼ା ଯାଇଛି। ଏପରିକି ୨/୩ ଥର ଏକ କେନ୍ଦ୍ରୀୟ ଟିମ ସ୍ଥାନ ଚିହ୍ନଟ ଠୁ ନେଇ ବିଭିନ୍ନ ଦିଗ ସବୁ ପରିଦର୍ଶନ କରି ଫେରି ଯାଇଛନ୍ତି। ଏପରି ଭାବରେ ପାଠ ପଢା ବିଳମ୍ବକୁ ଅବିଭାବକ ଓ ଜନ ସାଧାରଣରେ ଆଶଙ୍କା ଦେଖା ଦେଇଛି। ଏନେଇ ଉପଖଣ୍ଡ ପ୍ରଶାସକ ଓ କେନ୍ଦ୍ରୀୟ ଟିମଙ୍କୁ ପଚାରିବାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନ ପାଇଁ ଏ ପଯ୍ୟନ୍ତ ଜମି ହସ୍ତାନ୍ତର ହୋଇ ପାରି ନାହିଁ ବୋଲି ପ୍ରକାଶ କରିଥିଲେ। ଯାହାକୁ ବିଳମ୍ବ ହେଉ ଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଏପରିକି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଚଳିତ ବର୍ଷ କେନ୍ଦ୍ରୀୟ ବିଦ୍ୟାଳୟରେ ପିଲାଙ୍କ ପାଠ ପଢା ଯଦି ବନ୍ଦ ହୋଇ ଯାଏ ଏହା ବଡ ଦୁଃଖର ବିଷୟ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏଣୁ ଏ ଦିଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦେଇ ତୁରନ୍ତ ଚଳିତ ବର୍ଷର ପାଠ ପଢା ଆରମ୍ଭ କରିବାକୁ ଦାବି ହେଉଛି।

## ସିରୋଲ ପଞ୍ଚାୟତରେ ଅସ୍ଥାୟୀ ଧାନ ମଣ୍ଡି ଉଦଘାଟିତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସିରୋଲ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ରବି ଋତୁ ପାଇଁ ଏକ ଅସ୍ଥାୟୀ ଧାନ ମଣ୍ଡିର ଶୁଭ ଉଦଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ସମ୍ମାନିତ ଅତିଥି ସିରୋଲ ସରପଞ୍ଚ ଲୋଚନା ବଗର୍ତ୍ତୀ, ପେକ୍ସ ସଭାପତି ଧନଞ୍ଜୟ ମହାନନ୍ଦ,ଏଆରସିଏସ ସୁରେନ୍ଦ୍ର ମୋହନ ସିଂ,ଏସିଏସଓ ଗୋକୁଳ ଚନ୍ଦ୍ର ଭୋଇ,ପେକ୍ସ ସମ୍ପାଦକ ସତ୍ୟନାରାୟଣ ନାଗ ,ପେକ୍ସ ଡିଇଓ ଆଲୋକ ବେହେରା,ପେକ୍ସ ସଭ୍ୟ ଶ୍ରୀପତି ବଗର୍ତ୍ତୀ,ସରପଞ୍ଚ ପ୍ରତିନିଧି ଲମ୍ବୋଦର ବଗର୍ତ୍ତୀ,ଜହର ପ୍ରଧାନୀ, ତପି ସିଂ ପ୍ରଧାନୀ,ପିଅନ ରୀନା ସାହୁ, ନବୀନ ହାତୀଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।ଚଳିତ ରବି ଋତୁ ପାଇଁ ସିରୋଲ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅସ୍ଥାୟୀ ଧାନ ମଣ୍ଡି ଉଦଘାଟିତ ହୋଇଥିବାରୁ ସ୍ଥାନୀୟ ଚାଷୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି ।

## ଗ୍ୟାସ ଗୋଦାମରୁ ଚୋରି ମାମଲାରେ ଯୁବକ ଗିରଫ

ସମ୍ବଲପୁର,(ସବ୍ୟୁ) : ବୁର୍ଲା ଥାନା ଅନ୍ତର୍ଗତ ମହତାବ ନଗର ସ୍ଥିତ ଇଣ୍ଡେନ ଗ୍ୟାସ୍ ଗୋଦାମରୁ ଚୋରି ଘଟଣାରେ ପୋଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ମହତାବନଗରର କରଣ ସେଠ୍ (୨୮) ବୋଲି ଜଣାପଡ଼ିଛି । ତାଙ୍କ ନିକଟରୁ ଗୋଟିଏ ସ୍କୁଟର, ଗୋଟିଏ ଲୁହା ଛୁରୀ, ଦୁଇଟି ଖାଲି ଗ୍ୟାସ ସିଲିଣ୍ଡର, ଗ୍ୟାସ ରିଫିଲିଂ କେବୁଲ୍, ଏଲଇଡି ଲାଇଟ୍ ସମେତ ଏକ କମ୍ପ୍ୟୁଟର ସେଟ୍ ଜବତ ହୋଇଛି । ମହତାବନଗର ସ୍ଥିତ ଇଣ୍ଡେନ ଗ୍ୟାସ୍ ଗୋଦାମରୁ ଗତ ୧୯ ଏପ୍ରିଲ ବିଳମ୍ବିତ ରାତିରେ ଚୋରି ହୋଇଥିଲା । କିଛି ଦୁର୍ବୃତ୍ତ ଏହି ଗୋଦାମରେ ପଶି ବ୍ୟାପକ ସାମଗ୍ରୀ ଚୋରି କରିଥିଲେ । ଏହା ଜଣାପଡ଼ିବା ପରେ ଗୋଦାମ ମାଲିକ ମୋନାଲିସା ପଟ୍ଟନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ବୁର୍ଲା ଥାନା ପୋଲିସ ୧୬୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ କରଣ ଓ ଅନ୍ୟ ଦୁଇଜଣ ସହଯୋଗୀ ମିଶି ଏହି ଚୋରି କରିଥିଲେ । ଘଟଣା ପରଠାରୁ ସେମାନେ ବୁର୍ଲା ଅଞ୍ଚଳରୁ ଫେରାର ଥିବା ପୋଲିସ ଜାଣିବାକୁ ପାଇଥିଲା । ତେବେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ମହତାବନଗରରେ ବୁର୍ଲା ପୋଲିସ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ କରଣ ସେଠଙ୍କୁ ତାଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ମଧ୍ୟ ବୁର୍ଲା ଥାନାରେ ଅଭିଯୁକ୍ତ ନାମରେ ଅନ୍ୟ ଏକ ଚୋରି ମାମଲା ରହିଥିବା ପୋଲିସ ପକ୍ଷରୁ ଜଣାପଡ଼ିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଉଛି ।

## ମା' ଓ ଝିଅଙ୍କ ମୃତ୍ୟୁ : ସହାୟତା ପାଇଁ ପତ୍ର ଲେଖିଲେ ବିଧାୟକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାରେ ସମ୍ପ୍ରତି ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୱାର୍ଡ ନଂ-୩ର ବାସିନ୍ଦା ସ୍ୱର୍ଗତା ସୁନିତା ନାଗ ଓ ତାଙ୍କ କନ୍ୟା ଶ୍ରୁତି ନାଗଙ୍କ ଅକାଳ ବିୟୋଗ ଘଟିଥିବାବେଳେ ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି। ପତ୍ରରେ ସେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ପ୍ରଭାବିତ ପରିବାରକୁ ଉପଯୁକ୍ତ ଆର୍ଥିକ ସହାୟତା ମଞ୍ଜୁର କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ, ପରିବାରକୁ ତୁରନ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତୀୟ ରେଡକ୍ରସ ସୋସାଇଟି ମାଧ୍ୟମରେ ରିଲିଫ୍ ସହାୟତା ଯୋଗାଇ ଦେବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ମାମଲାର ଶୀଘ୍ର ବିଚାର କରିବା ସହ ଶୋକସନ୍ତପ୍ତ ପରିବାରକୁ ସମସ୍ତ ସହାୟତା ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି।

## ବରେଇପାଲିରେ ଗୋ-ହତ୍ୟା ଅଭିଯୋଗ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ବରେଇପାଲି ଥାନା ଅଞ୍ଚଳରେ ଗୋ ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଏନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି । ତେବେ ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ନଥିବା ଜଣାପଡ଼ିଛି । ସୂଚନା ଯୋଗ୍ୟ , ବରେଇପାଲି-ନୂଆ ହୀରାକୁଦ ରାସ୍ତାରେ ଦୁଇ ଜଣ ବ୍ୟକ୍ତି ଏକ ମୃତ ବାଛୁରିକୁ ଜରିଅଖା ଭିତରେ ଭର୍ତ୍ତି କରି ସାଇକେଲ ସାହାଯ୍ୟରେ ନେଉଥିଲେ। ଏହି ସମୟରେ ଜଣେ ସ୍ଥାନୀୟ ଯୁବକ ଏହା ଦେଖିବାକୁ ପାଇଥିଲେ । ତାଙ୍କର ସନ୍ଦେହ ହେବାରୁ ସେ ସେମାନଙ୍କୁ ଅଟକାଇ ବାଛୁରିକୁ କେଉଁ ଆଡ଼େ ନେଉଛ ବୋଲି ପଚାରି ଥିଲେ। ଯୁବକଙ୍କ ବିରୋଧ ଦେଖି ଧରା ପଡ଼ିଯିବା ଭୟରେ ଉଭୟ ଅଭିଯୁକ୍ତ ମୃତ ବାଛୁରିକୁ ରାସ୍ତା ପାର୍ଶ୍ୱରେ ହିଁ ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହା ଜଣାପଡ଼ିବା ପରେ ସମ୍ବଲପୁର ବଜରଙ୍ଗ ଦଳ ପକ୍ଷରୁ ବରେଇପାଲି ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଏହି ଗୋ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଦୋଷୀମାନଙ୍କୁ ଯଥାଶୀଘ୍ର ଗିରଫ କରିବାକୁ ସଙ୍ଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି ।

## ବୀର ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ମହାନ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀ ଜନନାୟକ ଓ ଧରିତ୍ରୀ ଆବା ବୀର ବିର୍ସା ମୁଣ୍ଡାଙ୍କ ୧୨୬ତମ ବଳିଦାନ ଦିବସ ବିଜୁ ଜନତା ଦଳ ସମ୍ବଲପୁର ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଅଇଁଠାପାଲି ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତିଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଜେଡି ନେତା ବେଣୁଧର ଦାଶ, ସୁରୁବାବୁ ମେହେର, ସତ୍ୟେନ୍ଦ୍ର ଦାଶ, ପ୍ରହଲ୍ଲାଦ ଗୁରୁ, ସୁକେଶ ସିଂ, ତପନ ମେହେର, କିଶୋର ମୁଣ୍ଡା, ବିବେକ ମୁଣ୍ଡା, ଦିନେଶ ମୁଣ୍ଡା, ରାହୁଲ ସାହୁଙ୍କ ସମେତ ମହିଳା ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ମେହେର, ନୀଳିମା ନାୟକ, ସୁସ୍ମିତା ଦୀପ, ପୂଜା ଯାଦବ, ସରିତା ଦାଶ, ସୁନୀ ମୁଣ୍ଡା, ସୀତା ମୁଣ୍ଡା, ଡଲି ମୁଣ୍ଡା, ଅର୍ପିତା ରାଜହଂସ, ଶୁଣାଣୀ ରବିଡା ଓ ଶ୍ରୀମତୀ ସୋନା ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲାସ୍ତରରେ ବିଭିନ୍ନ ବିଭାଗର ସମନ୍ୱୟରେ ଜିଲ୍ଲାରେ କିପରି ଭାବରେ ବାଲ୍ୟ ବିବାହ ରୋକା ଯାଇପାରିବ, ସେ ବିଷୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। କିଶୋରୀ ଗର୍ଭଧାରଣ ଭଳି ଗୁରୁତର ସମସ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୟୁନିସେଫ ଭୁବନେଶ୍ୱରର ସହଯୋଗରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ନୃପରାଜ ସାହୁ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ସହ ୟୁନିସେଫର ସମ୍ବଳ ବ୍ୟକ୍ତି ଘାସିରାମ ପଣ୍ଡା ଶିକ୍ଷା ପ୍ରଦାନ କରିଥିଲେ । ଜିଲ୍ଲାପାଳ କହିଥିଲେ ଯେ, ବାଲ୍ୟ ବିବାହ ସମ୍ବନ୍ଧୀୟ ଘଟଣାରେ ଆଇନ ପ୍ରୟୋଗ ସହିତ ମାନବିକ ଦୃଷ୍ଟିକୋଣକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ଯଦିଓ ଯୁବକ-ଯୁବତୀଙ୍କ ବୟସ ବିବାହ ପାଇଁ ଅନୁମତିପ୍ରାପ୍ତ ବୟସରେ ପହଞ୍ଚି ନଥାଏ, ସେମାନଙ୍କ ଭାବନା, ପରିବାରର ପରିସ୍ଥିତି ଏବଂ ସେମାନଙ୍କ ଭବିଷ୍ୟତକୁ ବିଚାର କରି ନିଷ୍ପତ୍ତି ନେବା ଉଚିତ । କେବଳ ଆଇନଗତ ପଦକ୍ଷେପ ନୁହେଁ, ବରଂ ସଚେତନତା, ପରାମର୍ଶ ଓ ସମନ୍ୱୟ ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ଚାରି ବର୍ଷ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ୧୦୧ଟି ବାଲ୍ୟ ବିବାହକୁ ରୋକାଯାଇଛି ଏବଂ ୧,୪୫୫ଟି ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି। ଜିଲ୍ଲାରେ ଶିଶୁମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଥିବା ବେଳେ, ପ୍ରତ୍ୟେକ ଜିଲ୍ଲା ପରି ସୁବର୍ଣ୍ଣପୁରରେ ମଧ୍ୟ ମହିଳା ସଶକ୍ତିକରଣ କେନ୍ଦ୍ରଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଉଛି । ବୈଠକରେ କିଶୋରୀ ଗର୍ଭଧାରଣ ହାର ହ୍ରାସ କରିବା ଏବଂ ଜିଲ୍ଲାର କିଶୋରୀମାନଙ୍କ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ବ୍ୟାପକ କୌଶଳ ଉପରେ ଆଲୋଚନା କରାଯାଇଥିଲା । ପ୍ରମୁଖ ପଦକ୍ଷେପ ଗୁଡ଼ିକ ମଧ୍ୟରେ ସମୁଦାୟ ସ୍ତରରେ ସଚେତନତା ବୃଦ୍ଧି, ପାଠପଢ଼ା ଛାଡ଼ିବା ଘଟଣାକୁ ରୋକିବା ଏବଂ କିଶୋରୀମାନଙ୍କ ସଶକ୍ତିକରଣ ପାଇଁ 'ଅଦ୍ୱିକା' ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବହୁ-ବିଭାଗୀୟ ପ୍ରୟାସ ଜିଲ୍ଲାର ଯୁବପିଢ଼ୀ ପାଇଁ ଏକ ସୁରକ୍ଷିତ ଓ ସୁସ୍ଥ ଭବିଷ୍ୟତ ଗଢ଼ି ତୋଳିବ ବୋଲି କାର୍ଯ୍ୟକ୍ରମରେ ଆଶା ପ୍ରକାଶ ପାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଣାପାଣି ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଶିକ୍ଷା ବିଭାଗ, ଶ୍ରମ ବିଭାଗ, ନିଯୁକ୍ତି ବିନିମୟ, ସଂସ୍କୃତି ବିଭାଗ, ଦକ୍ଷତା ବିକାଶ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।


**AFFIDAVIT**

I,R P Meena,S/o-Birda Ram Meena,Present Resident of At-Gosala,CRPF Camp,Po-Gosala,P.s-Burla Dist-Sambalpur,Pin-768024 Odisha declare by this affidavit No-6914 Dtd-06.06.26 that now onwards I shall be known as RAMPHOOL MEENA for all future purposes.

## ସମ୍ପାଦକୀୟ



# ଭାରତରେ ସର୍ବାଧିକ ସମୟର ପ୍ରଧାନମନ୍ତ୍ରୀ

ଏଇ ଜୁନ ୧୦, (୨୦୨୬)ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ ସର୍ବାଧିକ ସମୟ ଏକାଦିକ୍ରମେ ରହିଥିବା ପ୍ରଧାନମନ୍ତ୍ରୀ ଭାବେ ଦେଶବାସୀଙ୍କର ଶ୍ରଦ୍ଧା ଭାଜନ ହୋଇ ପାରିଛନ୍ତି । ଶ୍ରୀ ମୋଦିଜୀ 'ଏକ୍ସ'ରେ ତାଙ୍କର ଏହି ସର୍ବାଧିକ କାଳର ପ୍ରଧାନମନ୍ତ୍ରୀତ୍ୱ, ତାଙ୍କୁ ଦେଶର ସେବା କରିବା ସହିତ ରାଷ୍ଟ୍ର ନିର୍ମାଣ କାର୍ଯ୍ୟ ଲାଗି ପ୍ରେରଣା ଦେଇ ଆସିଛି ବୋଲି ଉଲ୍ଲେଖ କରିଛନ୍ତି । 'ସବ୍‌କା ସାଥ୍ ଓ ସବ୍‌କା ବିକାଶ' (ସମସ୍ତଙ୍କୁ ନେଇ ସମସ୍ତଙ୍କ ବିକାଶ ପାଇଁ ) ଯାହା ତାଙ୍କୁ ଅନୁପ୍ରାଣୀତ କରିଛି, ତାହା ଶକ୍ତିଶାଳୀ ଓ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହୋଇ ପାରିବ ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ କାର୍ଯ୍ୟକାଳକୁ ମଧ୍ୟ ମୋଦିଜୀଙ୍କ କାର୍ଯ୍ୟକାଳ ଅତିକ୍ରମ କରିଯାଇଛି, ଏଥିରେ ସନ୍ଦେହ ନାହିଁ । ନେହରୁଜୀ ୧୯୫୨ ମେ ୧୩ରୁ ତାଙ୍କର ମୃତ୍ୟୁ ଯାଏଁ, ଅର୍ଥାତ୍ ୧୯୬୪ ମେ ୨୭ ତାରିଖ ଯାଏଁ ୪୩୯୮ ଦିବସ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ମାତ୍ର ଏବର ପ୍ରଧାନମନ୍ତ୍ରୀ ମୋଦିଜୀ ୨୦୧୪ ମେ ୨୬ ତାରିଖରୁ ଏ ପର୍ଯ୍ୟନ୍ତ ୨୦୨୬ ଜୁନ୍ ୧୦ ତାରିଖ ଯାଏଁ ଏକାଦିକ୍ରମେ ୪୩୯୯ ଯାଏଁ ଭାରତର ପ୍ରଧାନମନ୍ତ୍ରୀ ପଦବୀରେ ରହି ଅନେକ ନୂତନ କାର୍ଯ୍ୟ ହାତକୁ ନେଇ ପାରିଛନ୍ତି । ତେଣୁ କେବଳ ପ୍ରଧାନମନ୍ତ୍ରୀ ପଦବୀରେ ନୁହେଁ, ବିଭିନ୍ନ ନୂତନ କାର୍ଯ୍ୟରେ ସେ ମଧ୍ୟ ନେହରୁଙ୍କୁ ଅତିକ୍ରମ କରି ଯାଇଛନ୍ତି । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହରୁ ଯେଉଁ ନୂତନ ଭାରତର ସ୍ୱପ୍ନ ଦେଖିଥିଲେ, ଜୀବନର ଶେଷାବସ୍ଥାରେ ଅସୁସ୍ଥ ହୋଇ ପଡ଼ିବାରୁ ସେହି ସ୍ୱପ୍ନକୁ ସାକାର କରିବାକୁ ସେ ତାଙ୍କର ତନୟା ଇନ୍ଦିରା ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ ନ କରାଇ ଲାଲ ବାହାଦୂର ଶାସ୍ତ୍ରୀଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବେ ମନୋନୀତ କରିଥିଲେ । ମାତ୍ର ଭାରତର ଦୁର୍ଭାଗ୍ୟ ଯେ ଶାସ୍ତ୍ରୀଜୀ ମଧ୍ୟ ବର୍ଷେ ଓ ସାତ ମାସ

**ଏପରିକି କଂଗ୍ରେସର ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ନୀତି ଓ ଆଦର୍ଶର ପ୍ରଶଂସା ସେ ତାଙ୍କର 'ମନ୍ କୀ ବାତ୍'ରେ କିଛି ବର୍ଷ ତଳେ ତାଙ୍କର ଜନ୍ମ ଶତବାର୍ଷିକ ଆରମ୍ଭ ହେଉଛି ବୋଲି ଜଣେ ଅଣକଂଗ୍ରେସ ଦଳର ପ୍ରଧାନମନ୍ତ୍ରୀ ହୋଇ ମଧ୍ୟ ସେ ଉଲ୍ଲେଖ କରିଥିଲେ । ଅଥଚ ସବୁଠାରୁ ପୁରୁଣା ଦଳ କଂଗ୍ରେସ ଦଳ ମୁହଁରୁ ସେତେବେଳ ଯାଏଁ ନରସିଂହ ରାଓଙ୍କ ଜନ୍ମ ଶତବାର୍ଷିକ ପାଳନ କରାଯିବା ବିଷୟରେ କିଛି ମଧ୍ୟ ବାହାରି ନଥିଲା ।...ଭାରତର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ା ମଧ୍ୟ ଯୁକ୍ତି କରିଛନ୍ତି ଯେ ମୋଦି ହେଉଛନ୍ତି ନେହରୁଙ୍କୁ ଅତିକ୍ରମ କରିଥିବା ସର୍ବାଧିକ ସମୟର ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସଫଳତାର ଚାବିକାଠି ହେଉଛି ଯେ ସେ ଜଣେ ବିଚାରବନ୍ତ ବ୍ୟକ୍ତି ।**

ପର୍ଯ୍ୟନ୍ତ ରହିବା ପରେ ସେହି ପଦବୀରେ ଥାଇ ନେହରୁଙ୍କ ପରି ମୃତ୍ୟୁ ବରଣ କରିଥିଲେ । ଏହାପରେ ସର୍ବାଧିକ କାଳ ଭାରତର ପ୍ରଧାନମନ୍ତ୍ରୀ ରହିବା ପରେ ନେହରୁ ଦେଖିଥିବା 'ସ୍ୱପ୍ନର ଭାରତ'କୁ ମୋଦିଜୀ ଭିନ୍ନ ଏକ ଢଙ୍ଗରେ ସାକାର କରିବାକୁ ଉଦ୍ୟମ କରି ଏହି ବାର ବର୍ଷ ମଧ୍ୟରେ କୁଛୁ ସାଧନା କରି ଯାଇଛନ୍ତି । ଅନେକ କ୍ଷେତ୍ରରେ ନେହରୁଙ୍କ ତୃଟିପୂର୍ଣ୍ଣ ଆଭ୍ୟନ୍ତରୀଣ ଓ ବୈଦେଶିକ ନୀତି ହିଁ ଭାରତକୁ ଆଗେଇ ନେଇ ପାରି ନଥିଲା । ମାତ୍ର ଭଲ ଭାବେ ବୁଝି ବିଚାରି ଓ ସମସ୍ତଙ୍କୁ ସାଙ୍ଗରେ ନେଇ ଆଉ ସମସ୍ତଙ୍କ ବିଶ୍ୱାସ ବଳରେ ଭାରତର ବିକାଶ ପାଇଁ ମୋଦିଜୀ ନୂତନ ଭାରତ ପାଇଁ ସମସ୍ତ ନୀତିକୁ ଉତ୍ତୁଙ୍ଗ ଶିଖରରେ ଉପନୀତ କରାଇ ସମସ୍ତଙ୍କର ପ୍ରଶଂସାଭାଜନ ହୋଇ ପାରିଛନ୍ତି । ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ସେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ଏବଂ ଭାରତବର୍ଷକୁ ତାହାର ଶତବାର୍ଷିକରେ ଅର୍ଥାତ୍ ୨୦୪୭ ମସିହାରେ ବିକଶିତ ଭାରତରେ ପରିଣତ କରିବା ପାଇଁ ମୋଦିଜୀଙ୍କ ସଂକଳ୍ପ ଅଦ୍ୱିତୀୟ ବୋଲି କୁହାଯାଉଛି । କିନ୍ତୁ ମୋଦିଜୀଙ୍କ ଆଦର୍ଶ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ, ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ । ଏପରିକି କଂଗ୍ରେସର ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ନୀତି ଓ ଆଦର୍ଶର ପ୍ରଶଂସା ସେ ତାଙ୍କର 'ମନ୍ କୀ ବାତ୍'ରେ କିଛି ବର୍ଷ ତଳେ ଉଲ୍ଲେଖ କରିବା ସହିତ ତାଙ୍କର ଜନ୍ମ ଶତବାର୍ଷିକ ଆରମ୍ଭ ହେଉଛି ବୋଲି ଜଣେ ଅଣକଂଗ୍ରେସ ଦଳର ପ୍ରଧାନମନ୍ତ୍ରୀ ହୋଇ ସେ ମଧ୍ୟ ସେଥିରେ ଉଲ୍ଲେଖ କରିଥିଲେ । ଅଥଚ ସବୁଠାରୁ ପୁରୁଣା ଦଳ କଂଗ୍ରେସ ଦଳ ମୁହଁରୁ ସେତେବେଳ ଯାଏଁ ନରସିଂହ ରାଓଙ୍କ ଜନ୍ମ ଶତବାର୍ଷିକ ପାଳନ କରାଯିବା ବିଷୟରେ କିଛି ମଧ୍ୟ ବାହାରି ନଥିଲା ।

ଭାରତର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ା ମଧ୍ୟ ଯୁକ୍ତି କରିଛନ୍ତି ଯେ ମୋଦି ହେଉଛନ୍ତି ନେହରୁଙ୍କୁ ଅତିକ୍ରମ କରିଥିବା ସର୍ବାଧିକ ସମୟର ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସଫଳତାର ଚାବିକାଠି ହେଉଛି ଯେ ସେ ଜଣେ ବିଚାରବନ୍ତ ବ୍ୟକ୍ତି ।

ଆମେ ମୋଦିଜୀଙ୍କର ଦୀର୍ଘ ଯାତ୍ରାପଥର ସଫଳତାକୁ ସ୍ୱାଗତ କରିବା ସହିତ ଦୁଃଖ ଓ କଷ୍ଟରେ ଘାଣ୍ଟି ହେଉଥିବା ଅଗଣିତ ଭାରତୀୟଙ୍କ ପାଇଁ ତାଙ୍କର ସେବା ଓ ସାଧନା ଆଶ୍ୱାସନା ଦେଇ ଚାଲିଥିବ ବୋଲି ଆଶା କରୁଛୁଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଜନବିଶ୍ୱାସରୁ ଐତିହାସିକ ସଫଳତା



ନୀତିଶ କୁମାର

ଭାରତ ଭଳି ଏକ ବିଶାଳ ଏବଂ ପ୍ରତିଯୋଗିତାମୂଳକ ଗଣତନ୍ତ୍ରରେ, ଜନସାଧାରଣଙ୍କ ବିଶ୍ୱାସ ଜିତିବା କଷ୍ଟକର ଏବଂ ତାହାକୁ ବଜାୟ ରଖିବା ଆହୁରି ଅଧିକ କଷ୍ଟକର ବ୍ୟାପାର । ତଥାପି, ନିରନ୍ତର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଏବଂ ଗଭୀର ଜନସମୀକ୍ଷା ସତ୍ତ୍ୱେ , ନରେନ୍ଦ୍ର ମୋଦି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ ରହିଛନ୍ତି । ସବୁଠାରୁ ଲମ୍ବା ସମୟ ଧରି ସେ କ୍ରମାଗତ ଭାବେ ଭାରତର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇ ଗଣତାନ୍ତ୍ରିକ ରାଜନୀତିରେ ଏକ ନୂତନ ମାପଦଣ୍ଡ ସ୍ଥାପନ କରିଛନ୍ତି ।

ଯଦିଓ ପ୍ରଧାନମନ୍ତ୍ରୀ ମୋଦି ଓ ମୁଁ ଦେଶର ଦୁଇ ଅଲଗା ଅଲଗା ଭାଗରୁ ଆସିଛୁ, କିନ୍ତୁ ଆମ ଦୁହିଁଙ୍କ ରାଜନୀତିକ ଚେତନା ତତ୍କାଳୀନ ଜରୁରୀକାଳୀନ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇଛି । ସେତେବେଳେ ଆମେ ଗଣତାନ୍ତ୍ରିକ ସ୍ୱାଧୀନତା ଉପରେ ହେଉଥିବା ଆକ୍ରମଣକୁ ସାମ୍ନା କରିଛୁ ଏବଂ ସେହି ସମୟରେ ଗଣତନ୍ତ୍ରର ରକ୍ଷା ତଥା ଏହାର ପୁନରୁଦ୍ଧାର ପାଇଁ ହୋଇଥିବା ଆନ୍ଦୋଳନରେ ଭାଗ ନେଇଛୁ । ଆମ ଭିତରୁ ଅନେକଙ୍କ ପାଇଁ, ସେହି ସଂଗ୍ରାମ କେବଳ ଏକ ରାଜନୈତିକ ଘଟଣା ନଥିଲା, ବରଂ ଏକ ଗଠନମୂଳକ ଅନୁଭୂତି ଥିଲା ଯାହା ସାର୍ବଜନୀନ ଜୀବନ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଆମର ଭାବନାକୁ ରୂପ ଦେଇଥିଲା ।

ଦଶନ୍ଧି ଦଶନ୍ଧି ଧରି ଏକ ଧାରଣା ରହିଥିଲା ଯେ ଦେଶର ସର୍ବୋଚ୍ଚ ପଦବୀଗୁଡ଼ିକ କେବଳ କିଛି ସୁବିଧାଭୋଗୀ କିମ୍ବା ପ୍ରଭାବଶାଳୀ ରାଜନୈତିକ ପରିବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ପାଇଁ ସଂରକ୍ଷିତ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଯାତ୍ରା ଏହି ଧାରଣାକୁ ଆହ୍ୱାନ ଦେଇଛି । ଏକ ସାଧାରଣ ପରିବାରରୁ ଆସି ଦେଶର ସର୍ବୋଚ୍ଚ ନିର୍ବାଚିତ ପଦବୀ ମଣ୍ଡନ କରି ସେ କୋଟି କୋଟି ଯୁବ ଭାରତୀୟ, ବିଶେଷକରି ସାଧାରଣ ପୃଷ୍ଠଭୂମିରୁ ଆସୁଥିବା ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏକ ଜୀବନ୍ତ ଗଣତନ୍ତ୍ରରେ ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଏବଂ ଯୋଗ୍ୟତା ବଳରେ ଜନ୍ମ ତଥା ପରିସ୍ଥିତିର ପ୍ରତିବନ୍ଧକକୁ ଅତିକ୍ରମ କରାଯାଇ ପାରିବ, ତାହାକୁ ତାଙ୍କ ଜୀବନ କାହାଣୀ ଭଲଭାବେ ବ୍ୟାଖ୍ୟା କରିଥାଏ । ସେହି ଦୃଷ୍ଟିରୁ, ତାଙ୍କର ଏହି ସଫଳତା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଭାରତୀୟ ଗଣତନ୍ତ୍ରର ଶକ୍ତି ଏବଂ ମୁକ୍ତ ଚିନ୍ତାଧାରାର ଏକ ଶକ୍ତିଶାଳୀ ପ୍ରମାଣ ।

ଡକ୍ଟର ରାମ ମନୋହର ଲୋହିଆ, ଲୋକନାୟକ ଜୟପ୍ରକାଶ ନାରାୟଣ ଏବଂ ତାଙ୍କ ଭଳି ଅନେକ ମହାନ ସମାଜବାଦୀ ନେତାଙ୍କ ଅନୁଗାମୀ ଭାବରେ, ମୁଁ ସର୍ବଦା ରାଜନୀତିକୁ ଜନସାଧାରଣଙ୍କ କଲ୍ୟାଣର ଏକ ମାଧ୍ୟମ ଭାବରେ ଦେଖି ଆସିଛି । ଲୋକମାନଙ୍କୁ ଦରିଦ୍ରତାରୁ ମୁକ୍ତ କରିବା ଏବଂ ସେମାନଙ୍କୁ ଏକ ସମ୍ମାନଜନକ ଜୀବନ ପ୍ରଦାନ କରିବା ଯେକୌଣସି ରାଜନୈତିକ ନେତାଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ । ଏହି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାମରେ ଏକ ଚମତ୍କାର ରେକର୍ଡ ରହିଛି । ଦାରିଦ୍ର୍ୟ ଦୂରୀକରଣ ଉପରେ ତାଙ୍କର ଗଭୀର ଧ୍ୟାନ ଯୋଗୁଁ, ଏନଡିଏ ସରକାର ୨୫ କୋଟି ଲୋକଙ୍କୁ ଦରିଦ୍ରତାରୁ ମୁକ୍ତ କରିବାରେ ସାହାଯ୍ୟ କରିଛନ୍ତି ।

ଶୌଚାଳୟ, ବ୍ୟାଙ୍କ ଆକାଉଣ୍ଟ, ଘର, ଗ୍ୟାସ ସଂଯୋଗ, ପାଇପ୍ ପାଣି, ସ୍ୱାସ୍ଥ୍ୟ ବୀମା ଏବଂ ଅନ୍ୟାନ୍ୟ ଅନେକ ମୌଳିକ ଆବଶ୍ୟକତା କୋଟି କୋଟି ଲୋକଙ୍କ ପାଖରେ ପହଞ୍ଚିଛି । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ, ଅତି ପଛୁଆ ବର୍ଗ, ମହିଳା, ଗରିବ ପରିବାର ଏବଂ ବିକାଶମୂଳକ ଯୋଜନାର ପ୍ରଥମ ପିଢ଼ିର ହିତାଧିକାରୀମାନେ ଏବେ ନିଜକୁ ଭାରତର ଅଭିବୃଦ୍ଧି କାହାଣୀରେ ସକ୍ରିୟ ଅଂଶୀଦାର ଭାବରେ ଦେଖିବାକୁ ଆରମ୍ଭ କରିଛନ୍ତି । ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଯୁବକମାନେ ନୂତନ ଆତ୍ମନିଯୁକ୍ତି ଏବଂ ଉଦ୍ୟୋଗୀ ହେବାର ସୁଯୋଗ ପାଇଛନ୍ତି । ଏହି ଗୋଷ୍ଠୀକୁ ଜାତୀୟ ବିକାଶର ମୁଖ୍ୟ ସ୍ରୋତକୁ ଆଣିବା ସାମାଜିକ ନ୍ୟାୟ ସୁନିଶ୍ଚିତ କରିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରେରକ ସାଜିଛି, ଏଥିରେ ମୋର କୌଣସି ସନ୍ଦେହ ନାହିଁ ।

ମହିଳାମାନଙ୍କ କଲ୍ୟାଣ ଏବଂ ସମ୍ମାନ ଉପରେ ପ୍ରଧାନମନ୍ତ୍ରୀ ମୋଦି ଦେଉଥିବା ଗୁରୁତ୍ୱକୁ ମଧ୍ୟ ମୁଁ ଦେଖିଛି । ତାଙ୍କର ଅନେକ ଯୋଜନା ମହିଳାମାନଙ୍କୁ ପ୍ରତ୍ୟକ୍ଷ ଭାବେ ଲାଭାନ୍ୱିତ କରିଛି ଏବଂ ସେମାନଙ୍କ ଦୈନନ୍ଦିନ ଜୀବନର କଷ୍ଟକୁ ଲାଘବ କରିଛି । ବିହାରରେ ମୋର ଅନୁଭୂତି ରହିଛି ଯେ ଯେତେବେଳେ ମହିଳାମାନେ ବିକାଶମୂଳକ ପ୍ରଚେଷ୍ଟାର କେନ୍ଦ୍ରବିନ୍ଦୁ ହୁଅନ୍ତି, ସେତେବେଳେ ସମାଜ ଶୀଘ୍ର ପ୍ରଗତି କରେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ବିହାରରେ ଆମର 'ଜୀବିକା' ଯୋଜନା ପ୍ରୟୋଗର ସଫଳତା ବିଷୟରେ ଆଜି ସମଗ୍ର ବିଶ୍ୱରେ ଚର୍ଚ୍ଚା ହେଉଛି ।

ଅନେକ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବାରୁ, ପ୍ରକୃତ ହିତାଧିକାରୀଙ୍କ ପାଖରେ ସୁଫଳ ପହଞ୍ଚାଇବା ସହିତ ଏ ସବୁର ଆହ୍ୱାନଗୁଡ଼ିକ ବିଷୟରେ ମୁଁ ଅବଗତ । କେବଳ ସତ୍-ଉଦ୍ଦେଶ୍ୟ ଯଥେଷ୍ଟ ନୁହେଁ, ପ୍ରଭାବଶାଳୀ ରୂପାୟନ ବି ଗୁରୁତ୍ୱପୂର୍ଣ୍ଣ । ନୀତିଗତ ନିଷ୍ପତ୍ତିଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇ ତାହାକୁ ସଫଳତାପୂର୍ଣ୍ଣ ଲାଗୁ କରିବା ପାଇଁ କିଭଳି ନିରନ୍ତର ଅନୁଧ୍ୟାନ, ସଂସ୍କାର, ପ୍ରଶାସନିକ ଏକାଗ୍ରତା ଏବଂ ପ୍ରତିଟି ବିଷୟ ପ୍ରତି ସୂକ୍ଷ୍ମ ଧ୍ୟାନ ଦେବା ଆବଶ୍ୟକ, ତାହା ମଧ୍ୟ ମୁଁ ଦେଖିଛି ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, ସୁଶାସନ ଯେପରି ନାଗରିକମାନଙ୍କ ପାଇଁ ପ୍ରତ୍ୟକ୍ଷ ଫଳାଫଳରେ ପରିଣତ ହୁଏ, ତାହା ସୁନିଶ୍ଚିତ କରିବା । କଲ୍ୟାଣକାରୀ ଯୋଜନା ହେଉ, ଭିତ୍ତିଭୂମି ବିକାଶ ହେଉ କିମ୍ବା ଜନସେବା ପ୍ରଦାନ ହେଉ, ସେ ସର୍ବଦା ଦକ୍ଷତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱବୋଧ ଉପରେ ଧ୍ୟାନ ଦେଇଛନ୍ତି । ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଏବଂ ଦୃଢ଼ ଅନୁଧ୍ୟାନ ବ୍ୟବସ୍ଥା ମାଧ୍ୟମରେ, ନୀତି ପ୍ରଣୟନ ଏବଂ ତାହାର ରୂପାୟନ ମଧ୍ୟରେ ଥିବା ବ୍ୟବଧାନକୁ ଯଥେଷ୍ଟ ହ୍ରାସ କରାଯାଇ ପାରିଛି । ସରକାରୀ ସୁଫଳ ଯେତେବେଳେ କମ୍ ତ୍ରୁଟିବିଚ୍ୟୁତି ସହିତ ଲୋକଙ୍କ ପାଖରେ ଅଧିକ ପ୍ରଭାବଶାଳୀ ଭାବରେ ପହଞ୍ଚେ, ସେତେବେଳେ ଅନୁଷ୍ଠାନଗୁଡ଼ିକ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଦୃଢ଼ ହୁଏ । ନାଗରିକମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ଯୋଗାଯୋଗ ଏବଂ ବାର୍ତ୍ତାଳାପ ଦ୍ୱାରା ଏହି ବିଶ୍ୱାସ ଆହୁରି ମଜବୁତ ହୁଏ, ଯାହା ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଜନୈତିକ ଯାତ୍ରାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ଏକ ଦୀର୍ଘ ଏବଂ ସଫଳ କାର୍ଯ୍ୟକାଳ ସାମିଲ ରହିଛି । ବାସ୍ତବରେ, ସେ ଶୀଘ୍ର ଏକ ନିର୍ବାଚିତ ସରକାରଙ୍କ ମୁଖ୍ୟ ଭାବରେ କ୍ରମାଗତ ୨୫ବର୍ଷର ସେବା ସମ୍ପୂର୍ଣ୍ଣ କରିବେ । ରାଜ୍ୟ ଏବଂ ଜାତୀୟ ସ୍ତରର ଏହି ଅନୁଭୂତି ତାଙ୍କୁ ରାଜ୍ୟଗୁଡ଼ିକର ଆବଶ୍ୟକତା ଏବଂ ସେମାନଙ୍କୁ ସହଯୋଗ କରିବାର ଗୁରୁତ୍ୱ ବିଷୟରେ ଏକ ଗଭୀର ବୁଝାମଣା ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ସହଯୋଗୀ ସଂଘୀୟ ବ୍ୟବସ୍ଥା ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତା ଦ୍ୱାରା ଚିହ୍ନିତ ହୋଇଛି ।

ମୁଖ୍ୟମନ୍ତ୍ରୀ ଭାବେ ମୋର କାର୍ଯ୍ୟକାଳ ମଧ୍ୟରେ, ରାଜନୈତିକ ପରିସ୍ଥିତି ନିର୍ବିଶେଷରେ ବିହାରର ବିକାଶ ପାଇଁ ମୁଁ ବ୍ୟକ୍ତିଗତ ଭାବେ ତାଙ୍କର ପ୍ରତ୍ୟକ୍ଷ ସହଯୋଗ ଅନୁଭବ କରିଛି । ମୁଁ ବିଶେଷ ଭାବରେ ୨୦୨୪-୨୫ ଏବଂ ୨୦୨୫-୨୬ ବଜେଟ୍ ସମୟରେ ବିହାର ପାଇଥିବା ଅପୂର୍ବ ସହଯୋଗ ବିଷୟରେ ଉଲ୍ଲେଖ କରିବାକୁ ଚାହେଁ, ଯେଉଁଥିରେ ଭାଗଲପୁରରେ ମଖାନା ବୋର୍ଡ ଏବଂ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ଏବଂ ବନ୍ୟା ନିୟନ୍ତ୍ରଣ ପରିଚାଳନା ତଥା ଅନେକ ଭିତ୍ତିଭୂମି ପ୍ରକଳ୍ପ ପାଇଁ ପାଣ୍ଠି ସାମିଲ ରହିଛି ।

ପ୍ରଧାନମନ୍ତ୍ରୀ ମୋଦିଙ୍କର ବିହାରର ଅନନ୍ୟ ସଂସ୍କୃତି ଏବଂ ପରମ୍ପରା ପ୍ରତି ଅଗାଧ ସମ୍ମାନ ରହିଛି । ସେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତନାମା ବ୍ୟକ୍ତିବିଶେଷଙ୍କୁ ମଖାନା, ମଧୁବନୀ ଚିତ୍ରକଳା ଏବଂ ରାଜ୍ୟର ଅନନ୍ୟ ସାମଗ୍ରୀଗୁଡ଼ିକୁ ଉପହାର ଭାବେ ପ୍ରଦାନ କରି ବିଶ୍ୱ ଦରବାରରେ ବିହାରର ଐତିହ୍ୟକୁ ଆହୁରି ପ୍ରସାରିତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଯୋଗୁଁ ହିଁ ଜନନାୟକ କର୍ପୁରୀ ଠାକୁରଙ୍କୁ 'ଭାରତ ରତ୍ନ' ପ୍ରଦାନ କରାଯାଇଛି, ଯାହା ଏକ ଦୀର୍ଘଦିନର ବିଚାରାଧୀନ ଦାବି ଥିଲା ଏବଂ ଦଶନ୍ଧି ଦଶନ୍ଧି ଧରି ଅପୂର୍ଣ୍ଣ ରହିଥିଲା ।

ଗତ ଦଶନ୍ଧି ମଧ୍ୟରେ ବିହାର ଅନେକ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଦ୍ୱାରା ଉପକୃତ ହୋଇଛି । ୨୦୧୪ ପୂର୍ବ ଦଶନ୍ଧି ତୁଳନାରେ କେନ୍ଦ୍ର ସରକାରଙ୍କ ସହଯୋଗ ଏବଂ ପୁଞ୍ଜିନିବେଶ ଯଥେଷ୍ଟ ବୃଦ୍ଧି ପାଇଛି । ଗଙ୍ଗା ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣ, ଜାତୀୟ ରାଜପଥର ସମ୍ପ୍ରସାରଣ, ବିମାନବନ୍ଦରଗୁଡ଼ିକର ବିକାଶ ଏବଂ ରେଳ ଭିତ୍ତିଭୂମିର ଦ୍ରୁତ ଆଧୁନିକୀକରଣ ବିହାରର ଅଭିବୃଦ୍ଧିକୁ ଆଗେଇ ନେବାରେ ସାହାଯ୍ୟ କରୁଛି ।

ରେଳ ଭିତ୍ତିଭୂମି କ୍ଷେତ୍ରରେ ଆସୁଥିବା ପରିବର୍ତ୍ତନ ବିଶେଷ ଭାବେ ପ୍ରଶଂସନୀୟ, ଯାହା ସର୍ବଦା ମୋ ହୃଦୟର ଅତି ନିକଟତର ହୋଇ ରହିଛି । 'ବନ୍ଦେ ଭାରତ' ଭଳି ନୂତନ ଟ୍ରେନର ପ୍ରଚଳନ ରେଳ ଯାତ୍ରାକୁ ଅଧିକ ସହଜ ଓ ଆରାମଦାୟକ କରିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ରେଳବାଇର ବୈଦ୍ୟୁତିକରଣ ଏବଂ ଅନ୍ୟାନ୍ୟ ଆଧୁନିକୀକରଣ ପ୍ରକଳ୍ପଗୁଡ଼ିକ ଅଭୂତପୂର୍ବ ତ୍ୱରାନ୍ୱିତ ହୋଇଛି, ଯାହା ଏକ ସ୍ୱଚ୍ଛ ଏବଂ ଦକ୍ଷ ରେଳ ନେଟୱର୍କ ଗଠନ କରିବାରେ ସାହାଯ୍ୟ କରୁଛି ।

ମୁଁ ସର୍ବଦା ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ଅନୁସରଣ ଓ ସମର୍ଥନ କରିଆସିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କର ସ୍ୱଚ୍ଛ ଭାବମୂର୍ତ୍ତି ଏବଂ ଦୁର୍ନୀତି ବିରୋଧରେ ତାଙ୍କର ଦୃଢ଼ ଆଭିମୁଖ୍ୟ ହିଁ ତାଙ୍କୁ ଜନସାଧାରଣଙ୍କର ଏତେ ପ୍ରିୟ କରିପାରିଛି । ଦଶନ୍ଧି ଦଶନ୍ଧି ଧରି କ୍ଷମତାରେ ରହିବା ସତ୍ତ୍ୱେ ନିଜ ସ୍ୱଚ୍ଛତା ଉପରେ ଗୋଟିଏ ହେଲେ ବି ଦାଗ ଲାଗିବାକୁ ଦେଇନଥିବା ଏଭଳି ନେତା ଦେଖିବା ବିରଳ । ଆନୁଷ୍ଠାନିକ ସଂସ୍କାର ମାଧ୍ୟମରେ ଦୁର୍ନୀତିର ସମସ୍ତ ପନ୍ଥାକୁ ବନ୍ଦ କରିବା ସହିତ, ସେ ଆଇନଗତ ପ୍ରକ୍ରିୟା ଜରିଆରେ ଦୁର୍ନୀତିଗ୍ରସ୍ତ ରାଜନେତା ଓ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକାଳର ଏକ ଉଲ୍ଲେଖନୀୟ ଦିଗ ହେଉଛି, ବିଶ୍ୱ ଦରବାରରେ ଭାରତର ଗୁରୁତ୍ୱ ଓ ପ୍ରତିପତ୍ତି ବୃଦ୍ଧି । ଜଣେ ଭାରତୀୟ ହିସାବରେ, ଅର୍ଥନୀତି, ଜଳବାୟୁ ପରିବର୍ତ୍ତନ, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ କିମ୍ବା ପାରସ୍ପରିକ ସହଯୋଗ ଭଳି ବିଷୟଗୁଡ଼ିକରେ ଆମର ସ୍ୱରକୁ ସମ୍ମାନର ସହ ଗ୍ରହଣ କରାଯାଉଥିବା ଦେଖି ମୁଁ ଗର୍ବ ଅନୁଭବ କରୁଛି । ବିଭିନ୍ନ ଦେଶ ଏବଂ ଗୋଷ୍ଠୀଗୁଡ଼ିକ ସହିତ ସୁଦୃଢ଼ ସମ୍ପର୍କ ବଜାୟ ରଖିବା ସହ, ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ଶାନ୍ତି ଏବଂ ପ୍ରଗତି ପାଇଁ ଠିଆ ହୋଇଛନ୍ତି । ଏହାର ପରିଣାମ ସ୍ୱରୂପ, ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ଆଜି ଆମ ଦେଶକୁ ବିଶ୍ୱ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ ଶକ୍ତି ଭାବରେ ଆଶାର ସହ ଦେଖୁଛି ।

**ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକାଳର ଏକ ଉଲ୍ଲେଖନୀୟ ଦିଗ ହେଉଛି, ବିଶ୍ୱ ଦରବାରରେ ଭାରତର ଗୁରୁତ୍ୱ ଓ ପ୍ରତିପତ୍ତି ବୃଦ୍ଧି । ଜଣେ ଭାରତୀୟ ହିସାବରେ, ଅର୍ଥନୀତି, ଜଳବାୟୁ ପରିବର୍ତ୍ତନ, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ କିମ୍ବା ପାରସ୍ପରିକ ସହଯୋଗ ଭଳି ବିଷୟଗୁଡ଼ିକରେ ଆମର ସ୍ୱରକୁ ସମ୍ମାନର ସହ ଗ୍ରହଣ କରାଯାଉଥିବା ଦେଖି ମୁଁ ଗର୍ବ ଅନୁଭବ କରୁଛି । ବିଭିନ୍ନ ଦେଶ ଏବଂ ଗୋଷ୍ଠୀଗୁଡ଼ିକ ସହିତ ସୁଦୃଢ଼ ସମ୍ପର୍କ ବଜାୟ ରଖିବା ସହ, ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ଶାନ୍ତି ଏବଂ ପ୍ରଗତି ପାଇଁ ଠିଆ ହୋଇଛନ୍ତି । ଏହାର ପରିଣାମ ସ୍ୱରୂପ, ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ଆଜି ଆମ ଦେଶକୁ ବିଶ୍ୱ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ ଶକ୍ତି ଭାବରେ ଆଶାର ସହ ଦେଖୁଛି ।**

ସାର୍ବଜନୀନ ଜୀବନରେ ଅନେକ ଦଶନ୍ଧି ବିତାଇବା ପରେ ମୁଁ ଜାଣିଛି ଯେ ଦୃଢ଼ ନେତୃତ୍ୱ ପାଇଁ ନିରନ୍ତର ପ୍ରୟାସ, ଅକ୍ଳାନ୍ତ ପରିଶ୍ରମ ଏବଂ ଅନୁଶାସନ ଅତ୍ୟନ୍ତ ଆବଶ୍ୟକ । ଏଥିପାଇଁ କ୍ରମାଗତ ଭ୍ରମଣ, ଲୋକମାନଙ୍କ ସହିତ ନିୟମିତ ଯୋଗାଯୋଗ, ସରକାରୀ କାର୍ଯ୍ୟର ସୂକ୍ଷ୍ମ ସମୀକ୍ଷା ଏବଂ ଏକ ବୃହତ ସଂକଳ୍ପ ସହିତ ଯୋଡ଼ି ହୋଇ ରହିବାର କ୍ଷମତା ଆବଶ୍ୟକ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଅସୀମ ଶକ୍ତି ଏବଂ ନିଷ୍ଠା ହିଁ ତାଙ୍କୁ ଏତେ ଦୀର୍ଘ ସମୟ ଧରି ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାରେ ସାହାଯ୍ୟ କରିଛି ।

ଏପରି ଏକ ମୁହୂର୍ତ୍ତରେ ଯେତେବେଳେ ସେ, ଭାରତର ସବୁଠାରୁ ଲମ୍ବା ସମୟ ସେବାରତ ଏବଂ ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ଗୌରବ ହାସଲ କରୁଛନ୍ତି, ସେହି ଐତିହାସିକ କ୍ଷଣରେ ତାଙ୍କର ସାଧାରଣ ଜୀବନରେ ଅବଦାନକୁ ନେଇ ଉତ୍ସବ ପାଳନ କରିବା ସହ ଜନସାଧାରଣଙ୍କ ଜୀବନରେ ସେ ଏପରି ଉଲ୍ଲେଖନୀୟ ସଫଳତା ଯୋଡୁ ଥାଆନ୍ତୁ ବୋଲି ଆମେ ଶୁଭେଚ୍ଛା ଜଣାଇବାର ଏକ ସୁଯୋଗ ସୃଷ୍ଟି ହୋଇଛି । ମୁଁ ତାଙ୍କୁ ଏହି ଐତିହାସିକ ସଫଳତା ପାଇଁ ଅଭିନନ୍ଦନ ଜଣାଉଛି ଏବଂ ଦେଶ ସେବାରେ ତାଙ୍କର ସୁସ୍ଥ ଜୀବନ ଓ ନିରନ୍ତର ସଫଳତା କାମନା କରୁଛି ।

**(ଲେଖକ ରାଜ୍ୟସଭା ସାଂସଦ ଏବଂ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ)**

# ଆତ୍ମନିରୀକ୍ଷଣର ଆବଶ୍ୟକତା

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଜଣେ ମଣିଷ ପାଇଁ ସବୁଠାରୁ କଷ୍ଟକର କାର୍ଯ୍ୟ ହେଉଛି ଅନ୍ୟମାନଙ୍କୁ ବିଚାର କରିବା ନୁହେଁ, ବରଂ ନିଜକୁ ଚିହ୍ନିବା । ସନାତନ ଧର୍ମର ଶାସ୍ତ୍ରଗୁଡ଼ିକ ବାରମ୍ବାର ଏହି ସତ୍ୟକୁ ପ୍ରକାଶ କରନ୍ତି ଯେ ଆତ୍ମନିରୀକ୍ଷଣ ବିନା, ଆତ୍ମ-ଉନ୍ନତି କିମ୍ବା ମୁକ୍ତି ସମ୍ଭବ ନୁହେଁ । ସାଧାରଣ ପ୍ରବୃତ୍ତି ହେଉଛି ଯେ ମଣିଷ ଅନ୍ୟମାନଙ୍କ ଦୋଷ ଖୋଜିବାରେ ଅତ୍ୟନ୍ତ ପାରଙ୍ଗମ ।

ଅହଂକାର, ଈର୍ଷା ଏବଂ ତୁଳନା କରିବାର ପ୍ରବୃତ୍ତି ସେମାନଙ୍କୁ ଏପରି କରିବାକୁ ପ୍ରେରଣା ଦିଏ । ଏହି ଭାବନା ମହାଭାରତରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ । ଭୀଷ୍ମ ପିତାମହ ଯୁଧିଷ୍ଠିରଙ୍କୁ କହିଛନ୍ତି ଯେ ମଣିଷ ଅନ୍ୟମାନଙ୍କ ଦୋଷକୁ କଣ୍ଟା ପରି ଛୋଟ ଦେଖେ, କିନ୍ତୁ ସେମାନଙ୍କର ନିଜର ଦୋଷ, ଯଦିଓ ସେମାନେ ପର୍ବତ ପରି ବଡ଼, ଅଦୃଶ୍ୟ ରହିଥାଏ । ଭଗବଦ୍ ଗୀତା ହେଉଛି ଆତ୍ମ-ପ୍ରତିବିମ୍ବନ ଉପରେ ସବୁଠାରୁ ପ୍ରାମାଣିକ ପାଠ ।

ଭଗବାନ କୃଷ୍ଣ ଅର୍ଜୁନଙ୍କୁ କୁହନ୍ତି: 'ଉଦ୍ଧରେଦାତ୍ମାନାଂ ଆତ୍ମାନମ୍, ନାତମାନମ୍ବାସାଦୟେତ୍' ଅର୍ଥାତ୍, ମଣିଷ ନିଜର ମୁକ୍ତି ଏବଂ ନିଜର ପତନ ଉଭୟ ଆଣିଥାଏ । ଏହି ଶ୍ଳୋକ ସ୍ପଷ୍ଟ କରେ ଯେ ସମସ୍ୟା ବାହାରେ ନୁହେଁ, ଭିତରେ ଅଛି । ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ନିଜ ମନ, ଇଚ୍ଛା ଏବଂ ଆବେଗକୁ ପରୀକ୍ଷା ନ କରେ, ସେ ଅନ୍ୟମାନଙ୍କୁ ଦୋଷ ଦେଇ ଶକ୍ତି ନଷ୍ଟ କରି ଚାଲିବ ।

**ରାମାୟଣରେ ରାବଣଙ୍କ ଚରିତ୍ର ଏହାର ଏକ ଶକ୍ତିଶାଳୀ ଉଦାହରଣ । ସେ ଜଣେ ବିଦ୍ୱାନ ଏବଂ ଶିବଙ୍କ ଭକ୍ତ ଥିଲେ, କିନ୍ତୁ ଆତ୍ମନିରୀକ୍ଷଣର ଅଭାବ ଯୋଗୁଁ ସେ ତାଙ୍କର ଅହଂକାର ଦେଖିପାରିଲେ ନାହିଁ । ସେ ଅନ୍ୟମାନଙ୍କର ଧାର୍ମିକତା ଉପରେ ପ୍ରଶ୍ନ ଉଠାଇଥିଲେ, କିନ୍ତୁ ନିଜର ଅଧର୍ମକୁ ଚିହ୍ନି ପାରିଲେ ନାହିଁ ଏବଂ ଏହା ତାଙ୍କ ବିନାଶର କାରଣ ହେଲା ।**

କଥା ଉପନିଷଦରେ, ଯମ ନଚିକେତାଙ୍କୁ କୁହନ୍ତି ଯେ ଆତ୍ମା ବାହାରେ ନାହିଁ, ବରଂ ଭିତରେ ଅଛି – କିନ୍ତୁ ଏହାକୁ ଦେଖିବା ପାଇଁ ତୀକ୍ଷ୍ଣ ବୁଦ୍ଧି ଏବଂ ସାହସ ଆବଶ୍ୟକ । ଯିଏ ନିଜ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରେ ସେ ହିଁ ପ୍ରକୃତରେ ଜ୍ଞାନୀ । ଏହି ସାହସ ହେଉଛି ସେହି ଯକୃତ ଯାହା ସିଂହ ଇଙ୍ଗିତ କରେ ।

ମହର୍ଷି ପତଞ୍ଜଳିଙ୍କ ଯୋଗସୂତ୍ର ଆଧ୍ୟାତ୍ମିକ ଅଭ୍ୟାସ ପାଇଁ ଆତ୍ମନିରୀକ୍ଷଣକୁ ଏକ ଅତ୍ୟାବଶ୍ୟକୀୟ ପୂର୍ବାବଶ୍ୟକତା ବୋଲି ବିବେଚନା କରନ୍ତି । ଆତ୍ମ-ଅଧ୍ୟୟନ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ଭଳି ନୀତିଗୁଡ଼ିକ ନିଜକୁ ଭିତରେ ଦେଖିବା ପାଇଁ ପ୍ରେରଣା ଦିଏ । ଯୋଗ ଅନୁସାରେ, ଯେପର୍ଯ୍ୟନ୍ତ ମନର ପ୍ରବୃତ୍ତି ଶାନ୍ତ ନହୁଏ, ସେପର୍ଯ୍ୟନ୍ତ ଜଣେ ସତ୍ୟ ଦେଖିପାରିବ ନାହିଁ – ନା ନିଜ ବିଷୟରେ ନା ଜଗତ ବିଷୟରେ । ରାମାୟଣରେ ରାବଣଙ୍କ ଚରିତ୍ର ଏହାର ଏକ ଶକ୍ତିଶାଳୀ ଉଦାହରଣ । ସେ ଜଣେ ବିଦ୍ୱାନ ଏବଂ ଶିବଙ୍କ ଭକ୍ତ ଥିଲେ, କିନ୍ତୁ ଆତ୍ମନିରୀକ୍ଷଣର ଅଭାବ ଯୋଗୁଁ ସେ ତାଙ୍କର ଅହଂକାର ଦେଖିପାରିଲେ ନାହିଁ । ସେ ଅନ୍ୟମାନଙ୍କର ଧାର୍ମିକତା ଉପରେ ପ୍ରଶ୍ନ ଉଠାଇଥିଲେ, କିନ୍ତୁ ନିଜର ଅଧର୍ମକୁ ଚିହ୍ନି ପାରିଲେ ନାହିଁ ଏବଂ ଏହା ତାଙ୍କ ବିନାଶର କାରଣ ହେଲା ।

ମନୁସ୍ମୃତିରେ କୁହାଯାଇଛି ଯେ ଯିଏ ନିଜକୁ ନିୟନ୍ତ୍ରଣ କରେ ସେ ହିଁ ସମାଜକୁ ପ୍ରଭାବିତ କରିପାରିବ । ଆତ୍ମ-ନିୟନ୍ତ୍ରଣ ହେଉଛି ଚରିତ୍ର ନିର୍ମାଣର ମୂଳଦୁଆ । ଆତ୍ମ-ଶୁଦ୍ଧି ବିନା ପ୍ରଚାର କରିବା କପଟତା । **ଆଜିର ସୋସିଆଲ ମିଡିଆ ଯୁଗରେ, ଅନ୍ୟମାନଙ୍କୁ ସମାଲୋଚନା କରିବା ଅତ୍ୟନ୍ତ ସହଜ ହୋଇଯାଇଛି । ସମସ୍ତେ ବିଚାରପତି ହୋଇଗଲେଣି । କିନ୍ତୁ ସନାତନ ଧର୍ମ ଆମକୁ ପ୍ରଥମେ ନିଜକୁ ପଚାରିବାକୁ ଶିଖାଏ, ମୁଁ ଯାହା ପ୍ରଚାର କରୁଛି, ତାହା କ'ଣ ମୁଁ ବଞ୍ଚୁଛି ?** ମୋ ଭିତରେ କ'ଣ ସମାନ ଦୋଷ ନାହିଁ ଯାହା ମୁଁ ନିନ୍ଦା କରୁଛି ?

ସନାତନ ଧର୍ମର ବାର୍ତ୍ତା ସ୍ପଷ୍ଟ: ଅନ୍ୟମାନଙ୍କ ଭିତରେ ଦୋଷ ଖୋଜିବା ସହଜ, କିନ୍ତୁ ନିଜ ଭିତରେ ଦେଖିବା ପାଇଁ ସାହସ, ଜ୍ଞାନ ଏବଂ ତପସ୍ୟା ଆବଶ୍ୟକ । କେବଳ ସେହି ବ୍ୟକ୍ତି ପ୍ରକୃତରେ ଧାର୍ମିକ, ଆଧ୍ୟାତ୍ମିକ ଏବଂ ମାନବ ହୋଇଯାଏ ଯିଏ ଏହା କରିବାକୁ ସାହସ କରେ । ଆତ୍ମ-ସମ୍ବୋଧନ ହେଉଛି ପରମ ଧର୍ମ, ଏବଂ କେବଳ ଏହା ମୋକ୍ଷର ଦ୍ୱାର ଖୋଲିଥାଏ । ଯେଉଁ ବ୍ୟକ୍ତି ନିଜ ଭିତରେ ଦେଖେ ସେ ଦୁନିଆକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅନୁଭବ କରେ ନାହିଁ କାରଣ ସେ ନିଜେ ପରିବର୍ତ୍ତନ ହୋଇଛି ।

**ଅରଙ୍ଗାବାଦ, ବରୀ, ଯାଜପୁର
ମୋ- ୮୨୪୯୫୦୨୭୭୬**

## ସମ୍ପାଦକଙ୍କୁ ପତ୍ର

### ନ୍ୟାୟ ମିଳିବାରେ ବିଳମ୍ବ ହେବା

ମହାଶୟ,

ଯେକୌଣସି ମାମଲାରେ ଶୁଣାଣି ପରେ ସର୍ବାଧିକ ତିନି ମାସ ମଧ୍ୟରେ ରାୟ ପ୍ରଦାନ କରାଯିବାକୁ ନିକଟରେ ସୁପ୍ରିମକୋର୍ଟ ଦେଶର ସମସ୍ତ ହାଇକୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତରେ 'ହାଇକୋର୍ଟ ହେଉଛି ନ୍ୟାୟଦାନର ପ୍ରାଥମିକ ସ୍ଥାନ, ଯେଉଁଠିକୁ ନ୍ୟାୟ ଆଶାରେ ପ୍ରତିଦିନ ହଜାର ହଜାର ଲୋକ ଆସିଥାନ୍ତି ।'

ନେସନାଲ ଜୁଡିସିଆଲ ଗ୍ରୀଡ୍‌ର ଡାଟା ଅନୁସାରେ ଦେଶର ବିଭିନ୍ନ ଅଦାଲତରେ ୫୨ ଲକ୍ଷରୁ ଅଧିକ ମାମଲା ବିଚାର ଅପେକ୍ଷାରେ ଥିବା ବେଳେ ହାଇକୋର୍ଟମାନଙ୍କରେ ୬ ଲକ୍ଷରୁ ଉର୍ଦ୍ଧ୍ୱ ଓ ଜିଲ୍ଲା ଅଦାଲତମାନଙ୍କରେ ୪୬ ଲକ୍ଷରୁ ଅଧିକ ମାମଲା ବିଚାରଧୀନ ରହିଛି । ସେହିପରି ସୁପ୍ରିମକୋର୍ଟରେ ୯୨ ହଜାରରୁ ଉର୍ଦ୍ଧ୍ୱ ମାମଲା ବିଚାରଧୀନ ଅଛି । ସେଥିପାଇଁ ଓଡ଼ିଆ ଲୋକକଥାରେ ଏକ ବହୁ ପୁରାତନ ଉକ୍ତି ପ୍ରଚଳିତ ଅଛି-'ତୋତେ କୋର୍ଟରେ ଦେଖି ନେବି '।

ବିଳମ୍ବିତ ନ୍ୟାୟ ପ୍ରଦାନର ଦୁଇଟି ଉଦାହରଣ ଦେବା ପ୍ରାସଙ୍ଗିକ ହେବ । ବିହାରର ବୈଶାଳୀ ଜିଲ୍ଲାରେ ଜଣେ ବ୍ୟକ୍ତିଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ ମାମଲାର ଶୁଣାଣି ୧୯୯୨ ମସିହାରେ ଆରମ୍ଭ ହୋଇ ୩୪ ବର୍ଷ ପରେ, ୨୦୨୬ ମସିହାରେ ରାୟ ପ୍ରକାଶ ପାଇଛି । ଯେଉଁଥିରେ ଅଣ୍ଟା ଭାଙ୍ଗି ଯାଇଥିବା ଓ ଠିକ୍ ଭାବେ ଚାଲି ପାରୁନଥିବା ଅଭିଯୁକ୍ତ ବୃଦ୍ଧଙ୍କୁ ପୁଲିସ୍ ଜେଲ୍ ନେବାର ଦୃଶ୍ୟ ଅତ୍ୟନ୍ତ କରୁଣ ଥିଲା ।

ଅନ୍ୟଟି, ଓଡ଼ିଶା ହାଇକୋର୍ଟରେ ୨୯ ବର୍ଷ ପରେ ପ୍ରକାଶ ପାଇଥିବା ରାୟ, ଯାହା ବାଲେଶ୍ୱର ଜିଲ୍ଲାରେ ଇଣ୍ଡିଆନ୍ ଅଏଲ୍‌ରେ ନିଯୁକ୍ତି ପ୍ରକ୍ରିୟାରେ ସାକ୍ଷାତକାରରେ ଅକୃତକାର୍ଯ୍ୟ ହେବା ନେଇ । କଥାରେ ଅଛି ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ । ବିଚାର ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ନ୍ୟାୟପାଳିକା ଉପରେ ସାଧାରଣ ଲୋକଙ୍କ ଭରସା ତୁଟିଯାଏ । ତେଣୁ ବିଚାରଧୀନ ମାମଲା ହ୍ରାସ ଲାଗି ସୁପ୍ରିମକୋର୍ଟ ଠାରୁ ଆରମ୍ଭ କରି ନିମ୍ନ ଅଦାଲତ ପର୍ଯ୍ୟନ୍ତ ଖାଲି ପଡ଼ିଥିବା ବିଚାରପତି ପଦବୀ ତୁରନ୍ତ ପୂରଣ କରାଯିବା, ଶୁଣାଣି ଓ ଜବାବ ସୁଆଲକୁ ସୀମିତ କରିବା, ମୁଲତବୀକୁ କମାଇ ଦିଆଯିବା ଓ କୋର୍ଟରେ ଅବକାଶ ସଂଖ୍ୟାରେ ହ୍ରାସ ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ନ୍ୟାୟିକ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ସହ ବିଚାର ବ୍ୟବସ୍ଥାରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଫେରି ପାଇବ ।

**ପ୍ରତାପ ନାୟକ ,ଏମ୍ ଆଇ ଜି-୭୫, କେ୯ଏକଳିଙ୍ଗ ବିହାର ,ଭୁବନେଶ୍ୱର-୧୯, ମୋ- ୭୭୫୦୮୫୨୮୧୯**

ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ବିଶ୍ୱ ପରିବେଶ ଦିବସ ପାଳନ କଲା ଆଦିତ୍ୟ ଆଲୁମିନା ରିଫାଇନେରୀ

# ମାତୃଧରିତ୍ରୀଙ୍କୁ ଉତ୍ସର୍ଗ ହେଲା ଏକ ଲକ୍ଷ ସିଡ୍ ବଲ୍

ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର କଂସାରୀଗୁଡାସ୍ଥିତ ଆଦିତ୍ୟ ଆଲୁମିନା ରିଫାଇନେରୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ମାତୃଧରିତ୍ରୀଙ୍କୁ ଏକ ଲକ୍ଷ ସିଡ୍ ବଲ୍ ଉତ୍ସର୍ଗ କରାଯାଇଥିଲା। ଗତ ଦୁଇ ମାସ ଧରି ସ୍ଥାନୀୟ ଗ୍ରାମୀଣ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସିଡ୍ ବଲ୍‌ଗୁଡ଼ିକ ପରିବେଶ ସଂରକ୍ଷଣ ସହ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ମଧ୍ୟ ପ୍ରୋତ୍ସାହିତ କରିଛି। ଗୋବର ଓ ବିଭିନ୍ନ ପ୍ରକାରର ବନଜାତୀୟ ବିହନ ବ୍ୟବହାର କରି ପ୍ରସ୍ତୁତ ଏହି ସିଡ୍ ବଲ୍‌ଗୁଡ଼ିକ ପ୍ରାକୃତିକ ବନୀକରଣକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ତିଆରି କରାଯାଇଛି। ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ସିଡ୍ ବଲ୍ ବିତରଣ ପାଇଁ କମ୍ପାନୀ ପକ୍ଷରୁ ସମୁଦାୟ ସଦସ୍ୟ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ନେଇ ଏକ ମାସବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।




ପରିବେଶ ଦିବସ ପାଳନ ଅବସରରେ ମାଟି ପାତ୍ର ତିଆରି, ରଙ୍ଗୋଲି, ଚିତ୍ରାଙ୍କନ, ବ୍ୟାଗ୍ ପେଣ୍ଟିଂ ଏବଂ କୁଇଜ୍ ପ୍ରତିଯୋଗିତା ଭଳି ବିଭିନ୍ନ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଶିଶୁ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସଫଳ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇ ପରିବେଶ ସଚେତନତାକୁ ସୃଜନଶୀଳତା ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଇଥିଲା। ଏହା ସହିତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଥିରେ ୫୦୦ରୁ ଅଧିକ ଚାରା ରୋପଣ କରାଯାଇ ଅଞ୍ଚଳର ସବୁଜିମା ବୃଦ୍ଧି ପାଇଁ ପ୍ରୟାସ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ଡ଼ଃ ମଜହର ବେଗ୍ କମ୍ପାନୀର ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଦୃଢ଼ ଅଙ୍ଗୀକାର ବିଷୟରେ ଆଲୋକପାତ କରିଥିଲେ। ସେ କମ୍ପାନୀ ପକ୍ଷରୁ ପରିଚାଳିତ 'ପ୍ରାଣୀଧନ ସେବା ପ୍ରକଳ୍ପ' ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ।

## ହିମାଳୟ ବେବିକେୟାରର ଗ୍ରୀଷ୍ମକାଳୀନ ଯତ୍ନ ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଶିଶୁ ପ୍ରଯତ୍ନକାରୀ ତଥା ଶିଶୁମାନେ ଭଲ ପାଉଥିବା ବ୍ରାଣ୍ଡ ହିମାଳୟ ବେବିକେୟାରଗ୍ରୀଷ୍ମମାସଗୁଡିକ ପାଇଁ ସ୍ୱତବ ଭାବରେ ଶିଶୁ ଯତ୍ନକାରୀ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହାର ନୂତନ ଗ୍ରୀଷ୍ମକାଳୀନ ଅଭିଯାନ ଉନ୍ମୋଚନ କରିଛି। ଆରାମଦାୟକତା ଏବଂ କୋମଳ ଯତ୍ନ ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏହି ଅଭିଯାନ ବ୍ରାଣ୍ଡର ସର୍ବପ୍ରଥମ ଗ୍ରୀଷ୍ମକାଳୀନ ପ୍ରଯତ୍ନକାରୀ ଉତ୍ପାଦ ପ୍ରଚଳନ କରିଛି- ଯାହା ଶିଶୁମାନଙ୍କୁ ଗ୍ରୀଷ୍ମକାଳୀରେ ଶୀତଳ, ତାଜା ଏବଂ ଖୁସି ରଖିବାକୁ ଅତି ନିଖୁଣ ଭାବରେ ଏକ ରୁଟିନ୍ ଭାବରେ ପ୍ରସ୍ତୁତ କରାଯାଇଛି।

## ଚଣ୍ଡିଖୋଲରେ ନିର୍ମାଣ ହେବ ଅତ୍ୟାଧୁନିକ ବସଷ୍ଟାଣ୍ଡ :ଖର୍ଚ୍ଚ ହେବ ୨୬କୋଟି ୫୯ଲକ୍ଷ

ଚଣ୍ଡିଖୋଲ ,(ସବ୍ୟୁ) ଯାଜପୁର ଜିଲ୍ଲାର ଅନ୍ୟତମ ବ୍ୟସ୍ତବହୁଳ ବଜାର ଓ ବ୍ୟବସାୟିକ ପେଣ୍ଠସ୍ଥଳ ଚଣ୍ଡିଖୋଲ ଛକରେ ଖୁବଶୀଘ୍ର ନିର୍ମାଣ ହେବ ଅତ୍ୟାଧୁନିକ ଅଟଳ ବସଷ୍ଟାଣ୍ଡ।ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ନିର୍ମାଣ ହେବାକୁ ଯାଉଥିବା ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ପାଇଁ ସରକାର ୨୬କୋଟି ୫୯ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ । ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବଡଚଣା ବାସୀଙ୍କୁ ଏହା ଏକ ଭେଟି ବୋଲି ଆଲୋଚନା ହେଉଛି। ତିନୋଟି ଜାତୀୟ ରାଜପଥର ସଙ୍ଗମ ସ୍ଥଳ ଚଣ୍ଡିଖୋଲ ଛକ ଓଡିଶାର ଭୌଗଳିକ ମାନଚିତ୍ରରେ ଏକ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ଭାବେ ଜଣାସୁଣା। ପରିବହନ ଓ ଯାତ୍ରୀ ଗମନା ଗମନ କ୍ଷେତ୍ରରେ ଚଣ୍ଡିଖୋଲ ଦେଶର ଏକ ପ୍ରମୁଖ ସ୍ଥାନ। ଏହାର ଅନତି ଦୂରରେ ପୂର୍ବତଟ ରେଳପଥର ଧାନମଣ୍ଡଳ ଓ ହରିଦାସପୁର ଷ୍ଟେସନ ରହିଥିବାରୁ ଏହି ସ୍ଥାନ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶକୁ ଶଶକ୍ତ ଓ ଗତିଶୀଳ କରିଥାଏ। ଗୋଟିଏ ପଟେ ପାରାଦୀପ ବନ୍ଦର ଓ ଅନ୍ୟପଟେ ପୃଥିବୀର ଶିଳ୍ପ ନଗରୀ କଳିଙ୍ଗ ନଗର ଶିଳ୍ପାଞ୍ଚଳ,ସୁକିନ୍ଦା ଏବଂ କେନ୍ଦୁଝରର ଖଣି ଅଞ୍ଚଳ ସହିତ କଲିକତା ଓ ଚନ୍ନେଇକୁ ଯୋଗାଯୋଗ କରୁଥିବା ଜାତୀୟ ରାଜପଥ ଏଠାରେ ମିଳିତ ହୋଇଥିବାରୁ ଚଣ୍ଡିଖୋଲକୁ ଏହାର ପ୍ରବେଶପଥ କୁହାଯାଏ । ଏଥିସହ ପୃଥିବୀ ପ୍ରଶିଦ୍ଧ ବୌଦ୍ଧ କୀର୍ତ୍ତିରାଜି ସହିତ ପ୍ରଶିଦ୍ଧ ପର୍ଯ୍ୟଟନ ସ୍ଥଳ ଗୁଡିକୁ ଏହି ସ୍ଥାନ ସଂଯୋଗ କରୁଛି। ଏହାକୁ ଦୃଷ୍ଟିରେ ରଖି ସରକାର ଏଠାରେ ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିବା କୁହାଯାଉଛି। ଚଣ୍ଡିଖୋଲ ଛକରେ ଥିବା ଭିତ୍ତିଭୂମିର ଉପଯୋଗ କରି ଏହି ବସଷ୍ଟାଣ୍ଡ ନିର୍ମାଣ ହେବା ସହିତ ଏହା ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବ ବୋଲି ଆଶା କରାଯାଉଛି। ତେବେ ଜାତୀୟ ରାଜପଥ ନିର୍ମାଣରେ ତୃଟିପୂର୍ଣ୍ଣ ନକ୍ସା ଯୋଗୁ ଚଣ୍ଡିଖୋଲର ବିକାଶ ପ୍ରକ୍ରିୟାକୁ ଏହା ପ୍ରଭାବିତ କରିଛି। ହେଲେ ତାହାରି ଭିତରେ ମଧ୍ୟ ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟ ହେବ ବୋଲି ଘୋଷଣା ହୋଇଛି। ନିର୍ମାଣ ହେବାକୁ ଥିବା ଏହି ବସଷ୍ଟାଣ୍ଡରେ ଯାତ୍ରୀ ମାନଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସହ ସ୍ୱଚ୍ଛ ପାନୀୟ ଜଳ,ଯାତ୍ରୀ ରହଣୀ ସ୍ଥଳ,ବିଶ୍ୱ ମାନର ସ୍ୱଚ୍ଛତା ରହିବ ବୋଲି କୁହାଯାଇଛି। ପୂର୍ବରୁ ଚଣ୍ଡିଖୋଲ ଛକରେ ଦେଶ ବିଦେଶର ପର୍ଯ୍ୟଟକ ଓ ସାଧାରଣ ଯାତ୍ରୀ ମାନଙ୍କ ପାଇଁ ଗମନା ଗମନ କ୍ଷେତ୍ରରେ ଯେଉଁ ସମସ୍ୟାରହିଥିଲା ତାହା ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପରେ ସାମାନ୍ୟ ହେବ ବୋଲି ବଡଚଣା ବିଧାୟକ ଅମରକୁମାର ନାୟକ ଏହି ପରିପ୍ରେକ୍ଷୀରେ କହିଛନ୍ତି। ଏହା ମୋହନ ମାଝୀଙ୍କ ସରକାରର ଚଣ୍ଡିଖୋଲ ବାସୀଙ୍କ ପାଇଁ ପ୍ରଥମ ଉପହାର ବୋଲି ବିଧାୟକ ସୂଚନା ଦେବା ସହିତ ଆଗକୁ ଆହୁରି ଅନେକ ବଡବଡ ପ୍ରକଳ୍ପ ବଡଚଣା ବାସୀଙ୍କୁ ଭେଟି ଦିଆଯିବ ବୋଲି କହିଛନ୍ତି। ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣକୁ ନେଇ ସାଧାରତରେ ଉତ୍ସାହ ଦେଖାଯାଇଛି।



Representational Image (AI)

## ଆନ୍ତର୍ଜାତୀୟ ଲେଭଲ କ୍ରସିଂ ସଚେତନତା ଦିବସ ପାଳିତ

ଜଟଣୀ, (ସବ୍ୟୁ): ଆନ୍ତର୍ଜାତୀୟ ଲେଭେଲ କ୍ରସିଂ ସଚେତନତା ଦିବସ ୨୦୨୬ ପାଳନ ଅବସରରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ଲେଭେଲ କ୍ରସିଂ ଗେଟ୍‌ଗୁଡ଼ିକରେ ଏକ ସ୍ୱତନ୍ତ୍ର ସୁରକ୍ଷା ସଚେତନତା ଅଭିଯାନ ପରିଚାଳନା କରାଯାଇଥିଲା । ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ପ୍ରୟାସ, ଯାହାର ଉଦ୍ଦେଶ୍ୟ ହେଉଛି ରେଳବାଇ ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ।"ଆଜି ସତର୍କ, ଆସନ୍ତାକାଲି ସୁରକ୍ଷିତ" ବିଷୟବସ୍ତୁ ଉପରେ ଲୋକ ମାନଙ୍କୁ ସଚେତନତା କରାଯାଇଥିଲା । ଏହି ଅବସରରେ ମଞ୍ଚେଶ୍ୱର ଏବଂ ବାରଙ୍ଗ ଷ୍ଟେସନ ମଧ୍ୟରେ ଅବସ୍ଥିତ ଲେଭେଲ କ୍ରସିଂ ଗେଟ୍ ନଂ ୧୮୫ ଠାରେ ଏକ ସଚେତନତା ପ୍ରଦର୍ଶନ ସହ ସୁରକ୍ଷା ବାର୍ତ୍ତା ପ୍ରଚାର ମାଧ୍ୟମରେ ସଡ଼କ ବ୍ୟବହାରକାରୀ ଏବଂ ସାଧାରଣ ଲୋକଙ୍କୁ ରେଳ



କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଧାରଣ ଜନତାଙ୍କୁ ରେଳବାଇ ଲେଭଲ୍ କ୍ରସିଂରେ ସୁରକ୍ଷିତ ଅଭ୍ୟାସ ବିଷୟରେ ଶିକ୍ଷା ଦେବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ଲିଫଲେଟ ବଣ୍ଟନ, ବ୍ୟାନର ଓ ପୋଷ୍ଟର ଲେଭେଲ କ୍ରସିଂରେ ସୁରକ୍ଷିତ ଆଚରଣ ସମ୍ପର୍କରେ ସଚେତନ କରାଯାଇଥିଲା। ସ୍କାଉଟ୍ସ ଏବଂ ଗାଇଡ୍ସଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାର୍ତ୍ତା ପହଞ୍ଚାଇବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

## ଖୋର୍ଦ୍ଧା ସହରରେ ଅଚଳ ଷ୍ଟ୍ରିଟ୍ ଲାଇଟ; ଅନ୍ଧାରରେ ଯାତାୟାତ କରୁଛନ୍ତି ଲୋକେ

ଖୋର୍ଦ୍ଧା, (ସବ୍ୟୁ) ଖୋର୍ଦ୍ଧା ସହରର ମୁଖ୍ୟ ରାସ୍ତାରେ ଦୀର୍ଘ ଦିନ ଧରି ଅନେକ ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇ ପଡ଼ିଥିବାରୁ ସନ୍ଧ୍ୟା ହେଲେ ରାସ୍ତାରେ ଅନ୍ଧାର ଛାଇଯାଉଛି। ଫଳରେ ପଥଚାରୀ, ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରାତି ସମୟରେ ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ସାମାଜିକ ସୁରକ୍ଷା ନେଇ ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସହରର ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗତ କିଛି ମାସ ହେବ ଜଳୁନାହିଁ। ଏ ସମ୍ପର୍କରେ ପୌର ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଅନ୍ଧାର ଯୋଗୁଁ ବୃଦ୍ଧ, ମହିଳା ଓ ଛାତ୍ରଛାତ୍ରୀମାନେ ଅଧିକ ସମସ୍ୟାରେ ପଡୁଥିବା ଅଭିଯୋଗ ହେଉଛି। ଏହା ସହିତ ସହରର ସୌନ୍ଦର୍ଯ୍ୟ ଓ ସ୍ମାର୍ଟ ସିଟି ଭଳି ବିକାଶମୂଳକ ଯୋଜନା ଉପରେ ମଧ୍ୟ ପ୍ରଶ୍ନ ଉଠିଛି।

## ଫାର୍ମାସୀ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ପାଇଁ ୯ହଜାର ଲାଞ୍ଚ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଫାର୍ମାସୀ କାଉନସିଲ୍‌ରେ ଫାର୍ମାସୀ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ଜଣେ କର୍ମଚାରୀ ଓ ଅନ୍ୟ ଜଣେ ଦଲାଲକୁ ଭିଜିଲାନ୍ସ ଗିରଫ କରିଛି । ମଙ୍ଗଳବାର ଦିନ ଫାର୍ମାସୀ କାଉନସିଲର କର୍ମଚାରୀ ବିଶ୍ୱମୋହନ ପଟ୍ଟନାୟକ ଓରଫ ରାଜା ଓ ତା'ର ସହଯୋଗୀ ଦଲାଲ ଏମ୍‌ଡି ଇଜାଜ୍ ଖାନ୍ ଓରଫ ପୃଷ୍ଟି ଆବେଦନକାରୀଙ୍କୁ ଫାର୍ମାସୀ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ଦେବା ପାଇଁ ୯ ହଜାର ଟଙ୍କା ଦାବି କରିଥିଲେ । ଇଜାଜ୍ ରାଜା ପାଖରେ ଦଲାଲ ଭାବେ କାମ କରେ । ଯେଉଁମାନେ ଫାର୍ମାସୀ ପଞ୍ଜୀକରଣ ପାଇଁ ଆସନ୍ତି ତାଙ୍କୁ ପ୍ରଭାବିତ କରି ଇଜାଜ୍ ଟଙ୍କା ଆଦାୟ କରି ରାଜାକୁ ଦେବା ପରେ ଉଭୟେ ବାଣ୍ଟି ନେଇଥାନ୍ତି । ମଙ୍ଗଳବାର ଦିନ ଇଜାଜ୍ ଆବେଦନକାରୀଙ୍କ କାଗଜ ଦେଖିବା ପରେ କହିଥିଲା ୯ ହଜାର ଟଙ୍କା ଦେଲେ ଏକ ସପ୍ତାହ ମଧ୍ୟରେ ଆପଣ ସାର୍ଟିଫିକେଟ୍ ପାଇବେ । ପୂର୍ବରୁ ମଧ୍ୟ ଆବେଦନକାରୀଙ୍କୁ ଏହି ଲାଞ୍ଚ କଥା କହିଥିଲେ । ଫାର୍ମାସୀ କାଉନସିଲ ଅଫିସ୍ ବାହାରକୁ ଉଭୟ ଅଭିଯୁକ୍ତ ଯାଇ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡି ବସିଥିଲା । ରାଜା ସିନିୟର ଆସିଷ୍ଟାଣ୍ଟ ଭାବେ ଫାର୍ମାସୀ କାଉନସିଲରେ କାମ କରୁଥିବାରୁ ସେ ଧରାପଡ଼ିବା ପରେ ଆଦିମାତା କଲୋନୀ ଘର, ଅଫିସ୍ ରୁମ୍‌ରେ ଚଢାଉ କରାଯାଇଥିଲା । ଦୁଇଟି ସ୍ଥାନରେ ଚଢାଉ ପରେ କେତେକ କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରିଛି । ରାଜା ଓ ଇଜାଜ୍‌କୁ ଭିଜିଲାନ୍ସ ଗିରଫ କରିଥିବା ଗଣମାଧ୍ୟମକୁ କହିଛି ।

## ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ଏବଂ ଆଇଆଇଟି ରୁରକି ମଧ୍ୟରେ

# ଉତ୍ପାଦନ ଏବଂ ଇସ୍ପାତ ପ୍ରଯୁକ୍ତିବିଦ୍ୟାରେ ଶିକ୍ଷା, ଗବେଷଣାକୁ ପ୍ରୋତ୍ସାହନ ଦେବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, (ସବ୍ୟୁ): ଏଏମ୍/ ଏନଏସ୍‌ଇଣ୍ଡିଆ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରୁରକି ଶିକ୍ଷା, ଗବେଷଣା, ନବସୃଜନ ଏବଂ ଶିଳ୍ପକ୍ଷେତ୍ରରେ ସହଭାଗୀତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ସହଭାଗୀତା ଏଏମ୍/ଏନଏସ୍ ଇଣ୍ଡିଆର ଶିଳ୍ପ ବିଶେଷଜ୍ଞତା ଏବଂ ବିଶ୍ୱବ୍ୟାପୀ ଉତ୍ପାଦନ କ୍ଷମତା ଏବଂ ଆଇଆଇଟି ରୁରକିର ଶିକ୍ଷାଗତ ଏବଂ ଗବେଷଣା ଉତ୍କର୍ଷତାକୁ ଏକତ୍ରିତ କରି ପ୍ରତିଭା ବିକାଶ, ପ୍ରୟୋଗାତ୍ମକ ଗବେଷଣା, ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ନବସୃଜନ ଏବଂ ଶିଳ୍ପ କ୍ଷେତ୍ରରେ ପ୍ରତିସ୍ପର୍ଦ୍ଧାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ମଞ୍ଚ ପ୍ରଦାନ କରିବ।

ଏମଓୟୁଅଧୀନରେ, ସହଭାଗୀମାନେ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅନୁସନ୍ଧାନ କରିବେ। ଶିକ୍ଷାଗତ କାର୍ଯ୍ୟକ୍ରମ, କାର୍ଯ୍ୟନିର୍ବାହକ, ବୃତ୍ତିଗତ ବିକାଶ ପାଠ୍ୟକ୍ରମ, ଏବଂ କର୍ମଶକ୍ତି ରୂପାନ୍ତରଣ ପଦକ୍ଷେପକୁ ମିଳିତ ଭାବେ ବିକଶିତ ଓ କାର୍ଯ୍ୟକାରୀ କରିବେ। ଏହାସହିତ ଶିଳ୍ପ-କେନ୍ଦ୍ରିତ ପରାମର୍ଶ, ବୈଷୟିକ ପରାମର୍ଶ,ସମାଧାନ ମୂଳକ ଶିକ୍ଷା, ଏବଂ ପ୍ରଯୁକ୍ତିବିଦ୍ୟା ମୂଲ୍ୟାଙ୍କନ ସହଭାଗୀ ଗବେଷଣା, ନବସୃଜନ, ପ୍ରଯୁକ୍ତିବିଦ୍ୟା ବିକାଶ, ପ୍ରକାଶନ, ବୌଦ୍ଧିକ ସମ୍ପଳ ସୃଷ୍ଟି, ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ପଦକ୍ଷେପ ଅନ୍ତର୍ଭୁକ୍ତ।

ଏଏମ୍/ଏନଏସ୍‌ଇଣ୍ଡିଆପ୍ରତିଭା ବିକାଶ, ପ୍ରୟୋଗାତ୍ମକ ଗବେଷଣା, ନବସୃଜନ ଏବଂ ଶିଳ୍ପ ସମ୍ପୃକ୍ତିରେ ସହଭାଗୀତାର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଏହାର ଶିଳ୍ପ-ସମନ୍ୱିତ ଶିକ୍ଷା ପଦକ୍ଷେପ ନାମଟେକ(ନ୍ୟୁ ଏଜ୍ ମେକର୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)କୁ ଏକ ମଞ୍ଚ ଭାବରେ ବ୍ୟବହାର କରିବ ।ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ସ୍ଥାପିତ ନାମଟେକଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା ସୃଷ୍ଟି କରିବା ଏବଂ ଗବେଷଣାକୁ ଶିଳ୍ପ ପ୍ରଭାବରେ ରୂପାନ୍ତରଣ କରିବା ପାଇଁ ପ୍ରୟୋଗାତ୍ମକ ଶିକ୍ଷା, ଶିଳ୍ପ-ସଂଚାଳିତ ପାଠ୍ୟକ୍ରମ ଏବଂ ବାସ୍ତବିକ ଜୀବନର ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ । ଏହି ଅବସରରେ, ଏଏମ୍/ ଏନଏସ୍‌ଇଣ୍ଡିଆର ସିଇଓ ଦିଲୀପ ଉମେନ କହିଛନ୍ତି, "ଭାରତର ଶିଳ୍ପ କ୍ଷେତ୍ରରେ ରୂପାନ୍ତରଣ ପାଇଁ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ନିବିଡ଼ସହଯୋଗ ରହିବା ଆବଶ୍ୟକ। ଆଇଆଇଟି ରୁରକି ସହିତ ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗ ଏବଂ ନାମଟେକକୁ ଆମର ଶିଳ୍ପ-ସମନ୍ୱିତ ଶିକ୍ଷା,ଏବଂ ନବସୃଜନର ମଞ୍ଚ ଭାବରେ ବ୍ୟବହାର କରି, ଆମେ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା ସୃଷ୍ଟି, ପ୍ରୟୋଗାତ୍ମକ ଗବେଷଣାକୁ ତ୍ୱରାନ୍ୱିତ କରିବା ଏବଂ ଭାରତର ଉତ୍ପାଦନ ଏବଂ ଇସ୍ପାତ କ୍ଷେତ୍ରର ପ୍ରତିଦ୍ୱନ୍ଦିତା ଏବଂ ସ୍ଥାୟୀତ୍ୱକୁ ସୁଦୃଢ଼ କରୁଥିବା ପ୍ରଭାବଶାଳୀ ସମାଧାନ ବିକଶିତ କରିବା ଲକ୍ଷ୍ୟ ରଖିଛୁ।




## ୩ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଭତ୍ତା ପାଇ ନାହାନ୍ତି ହିତାଧିକାରୀ; ବଢୁଛି ଅସନ୍ତୋଷ

ଖୋର୍ଦ୍ଧା, (ସବ୍ୟୁ) : ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭତ୍ତା ପାଉଥିବା ଅନେକ ହିତାଧିକାରୀ ଦୀର୍ଘ ତିନି ମାସରୁ ଉର୍ଦ୍ଧ୍ୱ ସମୟ ଧରି ଭତା ପାଇ ନଥିବାରୁ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଦିବ୍ୟାଙ୍ଗ ଭତା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାର ଲାଭାର୍ଥୀମାନେ ନିୟମିତ ଭାବେ ଭତା ନ ପାଇବା ଯୋଗୁଁ ନିଜର ଦୈନନ୍ଦିନ ଜୀବନ ନିର୍ବାହ କରିବାରେ ନାନା ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଭତା ହେଉଛି ଅନେକ ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଜୀବନ ନିର୍ବାହର ଏକମାତ୍ର ଆର୍ଥିକ ସହାୟତା। ଏହି ଟଙ୍କା ଉପରେ ନିର୍ଭର କରି ସେମାନେ ଔଷଧ କିଣିବା, ଖାଦ୍ୟ ସାମଗ୍ରୀ ଯୋଗାଡ଼ କରିବା ସହ ଅନ୍ୟାନ୍ୟ ଆବଶ୍ୟକ ଖର୍ଚ୍ଚ ବହନ କରିଥାନ୍ତି। ମାତ୍ର ଗତ ୩ମାସ ଧରି ଭତା ନ ମିଳିବା ଫଳରେ ଅନେକ ହିତାଧିକାରୀ ଋଣ କରି ଚଳିବାକୁ ବାଧ୍ୟ ହୋଇଛନ୍ତି। କେତେକ ବୃଦ୍ଧ ଏବଂ ଅସହାୟ ବ୍ୟକ୍ତି ଔଷଧ କିଣିବାକୁ ସକ୍ଷମ ନ ହୋଇ ସ୍ୱାସ୍ଥ୍ୟଗତ ସମସ୍ୟାରେ ମଧ୍ୟ ପଡୁଛନ୍ତି।

ହିତାଧିକାରୀମାନଙ୍କ ଅଭିଯୋଗ ଅନୁସାରେ, ସେମାନେ ବାରମ୍ବାର ପଂଚାୟତ , ବ୍ଲକ ଓ ପୌର କାର୍ଯ୍ୟାଳୟର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଭତା ପ୍ରଦାନ ସମ୍ପର୍କରେ ସ୍ପଷ୍ଟ ସୂଚନା ପାଇପାରୁ ନାହାନ୍ତି। କେବଳ ଶୀଘ୍ର ସମାଧାନ ହେବ ବୋଲି ଆଶ୍ୱାସନା ମିଳୁଥିବାବେଳେ ବାସ୍ତବରେ କୌଣସି ପଦକ୍ଷେପ ଦୃଶ୍ୟମାନ ହେଉ ନାହିଁ। ଫଳରେ ଲୋକଙ୍କ ମଧ୍ୟରେ ପ୍ରଶାସନ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି।

ସ୍ଥାନୀୟ ଅଂଚଳର ଅନେକ ହିତାଧିକାରୀ କହିଛନ୍ତି ଯେ, ସରକାର ଗରିବ, ଅସହାୟ ଏବଂ ବୃଦ୍ଧ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ଏହାର ସଠିକ୍ କାର୍ଯ୍ୟକାରିତା ନ ହେବା ଦୁଃଖଦ ବିଷୟ। ନିୟମିତ ଭତା ପ୍ରଦାନ ହେଉନଥିବାରୁ ଯୋଜନାର ଉଦ୍ଦେଶ୍ୟ ହିଁ ବ୍ୟାହତ ହେଉଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ବିଭିନ୍ନ ସାମାଜିକ ସଂଗଠନ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି। ତୁରନ୍ତ ବକେୟା ଭତା ପ୍ରଦାନ କରିବା ସହ ଭବିଷ୍ୟତରେ ଏପରି ସମସ୍ୟାର ପୁନରାବୃତି ରୋକିବାକୁ ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ଭତା ପ୍ରଦାନରେ ବିଳମ୍ବ ପଛର କାରଣ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦେବାକୁ ମଧ୍ୟ ଦାବି ଉଠିଛି। ଅନ୍ୟପକ୍ଷରେ, ଯଦି ଖୁବଶୀଘ୍ର ଭତା ପ୍ରଦାନ କରାନଯାଏ, ତେବେ ହିତାଧିକାରୀମାନେ ଏକାଠି ହୋଇ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ବର୍ତମାନ ସମସ୍ତଙ୍କ ନଜର ପ୍ରଶାସନର ପରବର୍ତୀ ପଦକ୍ଷେପ ଉପରେ ରହିଛି ଏବଂ କେବେ ହିତାଧିକାରୀମାନେ ସେମାନଙ୍କ ପ୍ରାପ୍ୟ ଭତା ପାଇବେ ତାହାକୁ ନେଇ ଅପେକ୍ଷା ଜାରି ରହିଛି।

## ବେଦାନ୍ତ ଆଲୁମିନିୟମର ମିଶନ ଅଭିପ୍ସା

# ଝାରସୁଗୁଡ଼ାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସାମସିଙ୍ଘ କେଜି ବାଳିକା ଉଚ୍ଚ ବିଦ୍ୟାଳୟରେ ମିଶନ ଅଭିପ୍ସା ଅଧୀନରେ ଏକ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ଜିଲ୍ଲା ସାରା ସରକାରୀ ବିଦ୍ୟାଳୟର ୧୫୭ ଜଣ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ବୋର୍ଡ ପରୀକ୍ଷାରେ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡାର ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରାଧାକାନ୍ତ ଗର୍ଡିଆ; କୋଲାବିରାର ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଅନିଲ ପଟେଲ ଏବଂ କମ୍ପାନୀ ପରିଚାଳନା ସହିତ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଏବଂ ସମ୍ପ୍ରଦାୟର ସଦସ୍ୟମାନେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ସହିତ ସହଭାଗୀତାରେ କାର୍ଯ୍ୟକାରୀ ହୋଇଥିବା, ମିଶନ ଅଭିପ୍ସା ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧ୍ୟାନ କେନ୍ଦ୍ରିତ ପରାମର୍ଶ, ଶୈକ୍ଷିକ ସହାୟତା ଏବଂ ନିୟମିତ ମୂଲ୍ୟାଙ୍କନ ମାଧ୍ୟମରେ ଶୈକ୍ଷିକ ଫଳାଫଳକୁ ଉନ୍ନତ କରିବାକୁ ଚେଷ୍ଟା କରେ। ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ



ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାରେ ସାହାଯ୍ୟ କରିବା, ଶିକ୍ଷାଗତ ବ୍ୟବଧାନକୁ ପୂରଣ କରିବା ଏବଂ ଉଚ୍ଚଶିକ୍ଷା ଏବଂ ଭବିଷ୍ୟତର କ୍ୟାରିଅର ସୁଯୋଗ ହାସଲ କରିବା ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି।

ଏହି ଅବସରରେ, ଝାରସୁଗୁଡାର ବେଦାନ୍ତ ଆଲୁମିନିୟମର ସିଇଓ ସି.ଚନ୍ଦ୍ରୁ କହିଛନ୍ତି, "ଶିକ୍ଷା ହେଉଛି ସାମାଜିକ ପରିବର୍ତନର ସବୁଠାରୁ ଶକ୍ତିଶାଳୀ ସମର୍ଥକମାନଙ୍କ ମଧ୍ୟରୁ ଗୋଟିଏ। ମିଶନ ଅଭିପ୍ସା ମାଧ୍ୟମରେ, ଆମେ ଶିକ୍ଷଣ ବ୍ୟବଧାନକୁ ପୂରଣ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସମ୍ଭାବନାକୁ ହାସଲ କରିବାରେ ସକ୍ଷମ କରିବା ପାଇଁ କାର୍ଯ୍ୟ କରୁଛୁ। ଏହି ସଫଳତାଗୁଡ଼ିକ ନିରନ୍ତର ସମର୍ଥନ ଏବଂ ଶିକ୍ଷକ, ଅଭିଭାବକ ଏବଂ ସମ୍ପ୍ରଦାୟର ସାମୂହିକ ପ୍ରୟାସର ପ୍ରଭାବକୁ ପ୍ରତିଫଳିତ କରେ। ଆମେ ଓଡ଼ିଶା ଏବଂ ବାହାର ପାଇଁ ପରବର୍ତୀ ପିଢ଼ିକୁ ବିକଶିତ କରିବା ପାଇଁ ପ୍ରତିବଦ୍ଧ ଅଟୁ।" ସମାସିଙ୍ଗା ବ୍ଲକର ଏ୧-ଗ୍ରେଡ୍ ହାସଲକାରୀ ଅନନ୍ୟା ପ୍ରଧାନ ତାଙ୍କର କୃତଜ୍ଞତା ପ୍ରକାଶ କରି କହିଛନ୍ତି, "ମିଶନ ଅଭିପ୍ସା ମାଧ୍ୟମରେ ପ୍ରଦାନ କରାଯାଇଥିବା ମାର୍ଗଦର୍ଶନ ଏବଂ ପ୍ରେରଣା ମୋତେ ମୋର ପ୍ରସ୍ତୁତି ସମୟରେ ଧ୍ୟାନ କେନ୍ଦ୍ରିତ ଏବଂ ଆତ୍ମବିଶ୍ୱାସୀ ରହିବାରେ ସାହାଯ୍ୟ କରିଥିଲା। ଆଜି ସ୍ୱୀକୃତି ପାଇବା ମୋତେ ବଡ଼ ସ୍ୱପ୍ନ ଦେଖିବା ଏବଂ ମୋର ଲକ୍ଷ୍ୟ ପ୍ରତି କଠିନ ପରିଶ୍ରମ କରିବାକୁ ଉତ୍ସାହିତ କରିଛି।"

ଆର୍ଥିକ ବର୍ଷ ୨୬ ରେ, ବେଦାନ୍ତ ଆଲୁମିନିୟମର ଶିକ୍ଷା-କେନ୍ଦ୍ରିକ ହସ୍ତକ୍ଷେପ ୧୫,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିଥିଲା, ଯାହା ବିଦ୍ୟାଗ୍ରହ ଭଳି କାର୍ଯ୍ୟକ୍ରମ ଦ୍ୱାରା ସମର୍ଥିତ ଥିଲା, ଯାହା ୧୦୬ ଟି ସ୍କୁଲରେ ୧୧,୦୦୦ ରୁ ଅଧିକ ଛାତ୍ର ପଞ୍ଜିକରଣ କରିଥିଲା, କମ୍ପ୍ୟୁଟର ସାକ୍ଷରତା, ଭିତିଭୂମି ସହାୟତା, କ୍ୟାରିଅର ପରାମର୍ଶ ଏବଂ ଶିକ୍ଷକ କ୍ଷମତା ନିର୍ମାଣରେ ପଦକ୍ଷେପ ସହିତ। ମିଶନ ଅଭିପ୍ସା ଶିକ୍ଷଣ ସ୍ତରକୁ ସୁଦୃଢ଼ କରିବା ଏବଂ ବୋର୍ଡ ପରୀକ୍ଷା ପ୍ରଦର୍ଶନକୁ ଉନ୍ନତ କରିବା ପାଇଁ ସଂରଚିତ ଶୈକ୍ଷିକ ସହାୟତା, ପରାମର୍ଶ ଏବଂ ନିୟମିତ ମୂଲ୍ୟାଙ୍କନ ପ୍ରଦାନ କରି ଏହି ପଦ୍ଧତିର ଏକ ପ୍ରମୁଖ ଅଂଶ ଗଠନ କରେ, ଯେତେବେଳେ ଭେଦକ୍ଷତା ଦକ୍ଷତା କେନ୍ଦ୍ର ଭଳି ପଦକ୍ଷେପ ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରାସଙ୍ଗିକ ଦକ୍ଷତା ସହିତ ସକ୍ଷମ କରିଥାଏ, ଶିକ୍ଷାରୁ ନିଯୁକ୍ତି ପାଇଁ ଏକ ନିରନ୍ତରତା ସୃଷ୍ଟି କରିଥାଏ ଏବଂ ଝାରସୁଗୁଡାରେ ଦୀର୍ଘକାଳୀନ ସାମାଜିକ-ଆର୍ଥିକ ଫଳାଫଳକୁ ସୁଦୃଢ଼ କରିଥାଏ। ବେଦାନ୍ତ ଆଲୁମିନିୟମ ଅର୍ଥପୂର୍ଣ୍ଣ ଏବଂ ଦୀର୍ଘକାଳୀନ ପ୍ରଭାବ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ କର୍ତୃପକ୍ଷଙ୍କ ସହିତ ଘନିଷ୍ଠ ସହଭାଗୀତାରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ ଏବଂ ଗ୍ରାମୀଣ ଭିତିଭୂମି ସମ୍ବନ୍ଧୀୟ ଏକ ବ୍ୟାପକ ପଦକ୍ଷେପ ମାଧ୍ୟମରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରଗୁଡ଼ିକରେ ସମ୍ପ୍ରଦାୟ ବିକାଶକୁ ଆଗେଇ ନେଉଛି।

## ଭାରତ ବିକାଶ ପରିଷଦ ହୀରାକୁଦ ଶାଖାର ଶପଥପାଠ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ରବିବାର ଭାରତ ବିକାଶ ପରିଷଦ, ହୀରାକୁଦ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ/ବିଦ୍ୟା ମନ୍ଦିର ଠାରେ ହୀରାକୁଦ ଶାଖାର ଚଳିତ ବର୍ଷ ୨୦୨୬-୨୭ ର ପଦାଧିକାରୀ, ସଦସ୍ୟ/ସଦସ୍ୟା ମାନଙ୍କର ଶପଥ ଗ୍ରହଣ ମହାସମାରୋହ ରେ ଅନୁଷ୍ଠିତ ହୋଇ ଯାଇଅଛି ।ଶ୍ରୀ ବ୍ରହ୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିରେନ୍ଦ୍ର କୁମାର ପାଣିଗାହୀ ପରିଚାଳନା କରିଥିଲେ । ଭାରତ ବିକାଶ ପରିଷଦ, ପଶ୍ଚିମ ପ୍ରାନ୍ତର ଉପଦେଷ୍ଟା ଡ ରାଜକୁମାର ବଡ଼ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସଭାପତି ଶ୍ରୀ ବ୍ରହ୍ମାନନ୍ଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶାଖାର ବରିଷ୍ଠ ସଦସ୍ୟ ଶ୍ରୀ ସରୋଜ କୁମାର ଆଚାର୍ଯ୍ୟ ଅତିଥି ପରିଚୟ କରିଥିଲେ। ମୁଖ୍ୟ ଅତିଥି ଡ ବଡପଣ୍ଡା ଭାରତ ବିକାଶ ପରିଷଦର ୫ଟି ସ୍ତମ୍ଭ - ସମ୍ପର୍କ, ସହଯୋଗ ସଂସ୍କାର, ସେବା ଓ ସମର୍ପଣ, ତଥା ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ ସହ ସଦସ୍ୟ/ ସଦସ୍ୟାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ । ସେ ଦେଶ ଓ ଜାତି ପାଇଁ ଆମ ସମସ୍ତଙ୍କର ଆବଶ୍ୟକତା ବ୍ୟକ୍ତ କରିବାସହ ସମସ୍ତ ପଦାଧୀକାରୀ ଓ ସଭ୍ୟ/ ସଭ୍ୟା ମାନଙ୍କୁ ପଦ, ଗୋପନୀୟତା ଓ ଦାୟିତ୍ୱ ର ଶପଥ ପାଠ କରାଇଥିଲେ । ଶ୍ରୀ ଅନୁପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା



## ପିଓକେରେ ପାକ୍ ସେନାର ବର୍ବରକାଣ୍ଡ

# ଲଣ୍ଡନ ରାଜରାସ୍ତାରେ କାଶ୍ମୀରବାସୀଙ୍କ କ୍ରୋଧ

ଲଣ୍ଡନ : ପାକ୍ ଅଧିକୃତ ଜମ୍ମୁ ଏବଂ କାଶ୍ମୀର(ପିଓକେ)ରେ ଚାଲିଥିବା ଉତ୍ତେଜନା ଏବେ ସାତ ସମୁଦ୍ର ପାର ହୋଇ ବ୍ରିଟେନର ରାଜରାସ୍ତା ପର୍ଯ୍ୟନ୍ତ ପହଞ୍ଚିଛି। ୟୁକେରେ ରହୁଥିବା ଶହ ଶହ କାଶ୍ମୀର ପ୍ରବାସୀ ଏବଂ ମାନବାଧିକାର କର୍ମୀ ପାକିସ୍ତାନ ସରକାର ଏବଂ ସେନାର ବର୍ବର କାର୍ଯ୍ୟ, ଇଣ୍ଟରନେଟ୍ ବ୍ୟାନ୍ ଏବଂ ସାଧାରଣ ନାଗରିକଙ୍କ ହତ୍ୟା ବିରୋଧରେ ଏକ ମୋର୍ଚ୍ଚା ଖୋଲିଛନ୍ତି। ସଦ୍ୟତମ ସୂଚନା ଅନୁସାରେ, ଲଣ୍ଡନରେ ପାକିସ୍ତାନୀ ହାଇ କମିସନ ଏବଂ ବ୍ରିଟେନର ଅନେକ ପ୍ରମୁଖ ସହରରେ ପାକିସ୍ତାନୀ କୂଟନୈତିକ ମିଶନ ବାହାରେ ବିଶାଳ ପ୍ରତିବାଦ ଆରମ୍ଭ ହୋଇଛି।

ଜମ୍ମୁ ଏବଂ କାଶ୍ମୀର ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେଏଏସି) ସହ ମିଳିତ ହୋଇ ସ୍ଥାନୀୟ ଲୋକମାନେ ମାସ ମାସ ଧରି ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି, ଖାଦ୍ୟ ଅଭାବ ଏବଂ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ବିରୋଧରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିଆସୁଥିଲେ। ପାକିସ୍ତାନ ସରକାର ଆତଙ୍କବାଦ ବିରୋଧୀ ଆଇନ ଅନୁଯାୟୀ ଅଧିକାର ଗୋଷ୍ଠୀ




ଜେଏଏସିକୁ ଆନୁଷ୍ଠାନିକ ଭାବରେ ନିଷିଦ୍ଧ କରିବା ପରେ ପରିସ୍ଥିତି ଆହୁରି ଖରାପ ହୋଇଯାଇଥିଲା। ପ୍ରତିବାଦକୁ ଦମନ କରିବା ପାଇଁ, ରାୱାଲାକୋଟ ଏବଂ ଆଖପାଖ ସାଧାରଣ ନାଗରିକ ଅଞ୍ଚଳରେ ପାକିସ୍ତାନୀ ରେଞ୍ଜର୍ସ ଏବଂ ପଞ୍ଜାବ ପୁଲିସ ସମେତ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯାଇଥିଲା। ସୁରକ୍ଷା ବାହିନୀ ନିରସ୍ତ୍ର ଭିଡ଼ ଉପରେ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି, ଯାହା ଫଳରେ ଅନେକ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି ଏବଂ ବ୍ୟାପକ ଗିରଫଦାରୀ ହୋଇଛି। ଜମ୍ମୁ-କାଶ୍ମୀର ନ୍ୟାସନାଲ ଇଣ୍ଡିପେଣ୍ଡେନ୍ସ ଆଲାଏନ୍ସ ସଭାପତି ମହମୁଦ କାଶ୍ମୀରୀ ତାଙ୍କର ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ପାକିସ୍ତାନରୁ ବହୁ ସଂଖ୍ୟକ ଅସ୍ତ୍ରଶସ୍ତ୍ରଧାରୀ ବ୍ୟକ୍ତି ପିଓକେରେ ପ୍ରବେଶ କରିଛନ୍ତି। ସରକାର ବିରୋଧୀ ସ୍ଲୋଗାନ ଏବଂ ମୌଳିକ ମାନବାଧିକାର ଦାବି କରୁଥିବା ବ୍ୟାନର ଧରି ବିକ୍ଷୋଭକାରୀମାନେ ଲଣ୍ଡନ, ବ୍ରାଡଫୋର୍ଡ, ବର୍ମିଂହାମ ଏବଂ ମାଞ୍ଚେଷ୍ଟରର ରାସ୍ତା ଅବରୋଧ କରିଛନ୍ତି। ଏହି ପ୍ରବାସୀ କ୍ରୋଧର ମୁଖ୍ୟ କାରଣ ହେଉଛି ପିଓକେରେ ଲାଗୁ ହୋଇଥିବା ଇଣ୍ଟରନେଟ୍ ଏବଂ ମୋବାଇଲ୍ ବ୍ଲାକଆଉଟ୍। ଲୋକମାନେ କିଛି ଦିନ ଧରି ସେମାନଙ୍କ ପରିବାର ସହିତ ଯୋଗାଯୋଗ କରିପାରୁ ନାହାନ୍ତି। ପ୍ରସିଦ୍ଧ ରାଜନୈତିକ କର୍ମୀ ଅମଜାଦ ଆୟୁବ ମିର୍ଜା ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ନିବେଦନ କରି କହିଛନ୍ତି ଯେ, ଏହି ଅବରୋଧ ସରକାରୀ କଳର ଅମାନୁଷିକ କାର୍ଯ୍ୟ ଏବଂ ସାମରିକ ଅତ୍ୟାଚାରକୁ ବିଶ୍ୱଠାରୁ ଲୁଚାଇବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ପିଓକେର ଏହି ମାନବିକ ସଙ୍କଟ ଏବେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିଛି। ବ୍ରିଟିଶ ସାଂସଦମାନେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ରହୁଥିବା କାଶ୍ମୀର-ବଂଶଜାତ ଲୋକଙ୍କ ଦ୍ୱାରା ବ୍ରିଟିଶ ସଂସଦରେ ଏହି ପ୍ରସଙ୍ଗ ଉଠାଇବା ପାଇଁ ପ୍ରବଳ ଚାପ ପକାଉଛନ୍ତି। ଲଣ୍ଡନରେ ପାକିସ୍ତାନୀ ମିଶନ ବାହାରେ ବିକ୍ଷୋଭକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଇଣ୍ଟରନେଟ୍ ପୁନଃସ୍ଥାପିତ ନହେବା ପର୍ଯ୍ୟନ୍ତ, ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ ନ କରିବା ପର୍ଯ୍ୟନ୍ତ ଏବଂ ପାକିସ୍ତାନୀ ସେନା ନାଗରିକ ଅଞ୍ଚଳରୁ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଅବରୋଧ ଏବଂ ପ୍ରତିବାଦ ଜାରି ରହିବ। ଆୟୋଜକମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ରାୱାଲାକୋଟରେ ହିଂସା ତୁରନ୍ତ ବନ୍ଦ ନହୁଏ, ତେବେ ସେମାନେ ଜାତିସଂଘ ମୁଖ୍ୟାଳୟ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଦୂତାବାସରେ ପ୍ରତିବାଦ କରିବେ।

# ପକ୍ଷୀ ଧକ୍କା ଦେବାରୁ ବିମାନର ଜରୁରୀ ଅବତରଣ

## ୧୨୪ ଯାତ୍ରୀ ସୁରକ୍ଷିତ ଉଦ୍ଧାର

ରାଜକୋଟ: ରାଜକୋଟର ହିରାସର ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ଜୁନ୍ ୯ ତାରିଖ, ମଙ୍ଗଳବାର ଦିନ ସକାଳେ ରାଜକୋଟରୁ ଦିଲ୍ଲୀ ଯାଉଥିବା ଏକ ବିମାନରେ ପକ୍ଷୀ ଧକ୍କା ହୋଇଥିଲା, ଯାହା ଫଳରେ ବିମାନଟି ଜରୁରୀକାଳୀନ ଅବତରଣ କରିବାକୁ ବାଧ ହୋଇଥିଲା। ବିମାନଟି ପ୍ରାୟ ୧୨୪ ଜଣ ଯାତ୍ରୀଙ୍କୁ ନେଇଯାଉଥିଲା। ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ମଝି ଆକାଶରେ ପକ୍ଷୀ ସହ ଧକ୍କା ହୋଇଥିଲା। ରିପୋର୍ଟ ଅନୁସାରେ, ରାଜକୋଟର ହିରାସର ବିମାନବନ୍ଦରରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନରେ ପକ୍ଷୀ ଧକ୍କା ହୋଇଥିଲା, ଯାହା ଫଳରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିମାନଟି ବିମାନବନ୍ଦରକୁ ଫେରିବାକୁ ବାଧ ହୋଇଥିଲା।



ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ, ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ପକ୍ଷୀ ଧକ୍କା ପରେ, ପାଇଲଟ୍ ବିମାନର ଇଞ୍ଜିନ ଏବଂ ଅନ୍ୟାନ୍ୟ ବୈଷୟିକ ବ୍ୟବସ୍ଥାରେ ତ୍ରୁଟି ଥିବା ସନ୍ଦେହ କରିଥିଲେ, ଯାହା ଫଳରେ ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଅବତରଣ ପରେ ବିମାନବନ୍ଦରରେ ଏକ ବୈଷୟିକ ଦଳ ଯାଞ୍ଚ କରିଥିଲେ ଏବଂ ନିର୍ଣ୍ଣୟ କରିଥିଲେ ଯେ, ପକ୍ଷୀ ଧକ୍କା ଯୋଗୁଁ ବିମାନର ଇଞ୍ଜିନ ଫ୍ୟାନ୍ ବ୍ଲେଡ୍ କ୍ଷତିଗ୍ରସ୍ତ ହୋଇଛି। ବୈଷୟିକ ଦଳ କ୍ଷତିଗ୍ରସ୍ତ ଅଂଶଗୁଡ଼ିକର ମରାମତି ଆରମ୍ଭ କରାଯାଇଛି। ମରାମତି ପରେ, ଡିଜିସିଏ ଦଳ ଦ୍ୱାରା ଉଡ଼ାଣର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ। ଏହି ଯାଞ୍ଚ ଏବଂ ପରୀକ୍ଷଣ ପ୍ରକ୍ରିୟା ସମାପ୍ତ ହେବା ପରେ ହିଁ ଉଡ଼ାଣକୁ ପୁନର୍ବାର ଉଡ଼ାଣ ପାଇଁ ଅନୁମତି ଦିଆଯିବ।

## ଦିଲ୍ଲୀ ହୋଟେଲ ଅଗ୍ନିକାଣ୍ଡ

# ନିଶ୍ଚିହ୍ନ ହୋଇଗଲା ପୂରା ପରିବାର

ନୂଆଦିଲ୍ଲୀ : ଅଗ୍ରୱାଲ ପରିବାର ଏବେ ପୂରା ନିଶ୍ଚିହ୍ନ ହୋଇଯାଇଛି। ଦିଲ୍ଲୀ ହୋଟେଲ ଅଗ୍ନିକାଣ୍ଡ ସବୁ କିଛି ଛାରଖାର କରି ଦେଇଛି। ଦିଲ୍ଲୀର ମାଲବ୍ୟ ନଗରରେ ଘଟିଥିବା ଭୟଙ୍କର ହୋଟେଲ ଅଗ୍ନିକାଣ୍ଡ ଗୋଟିଏ ହୃଦୟବିଦାରକ କାହାଣୀର ମୁଖସାକ୍ଷୀ ବନିଛି। ଅଗ୍ନିକାଣ୍ଡ ଅଗ୍ରୱାଲ ପରିବାରର ୮ ଜଣ ସଦସ୍ୟଙ୍କୁ ଛଡ଼ାଇ ନେଇଥିଲା। ଆଜି ପରିବାରର ମୁଖ୍ୟ ତଥା ଶେଷ ସଦସ୍ୟ ୮୦ ବର୍ଷୀୟ ରାଧେ ଶ୍ୟାମ ଅଗ୍ରୱାଲ ମଧ୍ୟ ଆଖିବୁଜିଛନ୍ତି। ଆଉ ଏହାସହ ଗୋଟିଏ ସମ୍ପୂର୍ଣ୍ଣ ପରିବାର ନିଶ୍ଚିହ୍ନ ହୋଇଯାଇଛି। ସାକେତର ମାକ୍ସ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଥିଲେ ରାଧେ ଶ୍ୟାମ। ତାଙ୍କ ସେବା ପାଇଁ ପୁଅ ବିବେକ ଅଗ୍ରୱାଲ ନିଜ ପରିବାର ସହ ଦିଲ୍ଲୀ ଆସିଥିଲେ। ହସ୍ପିଟାଲ ନିକଟରେ ରହିବା ପାଇଁ ସେମାନେ ମାଲବ୍ୟ ନଗରର ଫ୍ଲୋରିଶ ଇନରେ ଦୁଇଟି ରୁମ ଭଡ଼ାରେ ନେଇଥିଲେ। କିନ୍ତୁ କିଏ ଜାଣିଥିଲା, ସେହି ହୋଟେଲ ହିଁ ସେମାନଙ୍କ ଜୀବନର ଶେଷ ଠିକଣା ହେବ। ବୁଧବାର ଏଠାରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ବିବେକ ଅଗ୍ରୱାଲ, ତାଙ୍କ ମା' ପ୍ରେମଲତା, ପତ୍ନୀ ତାରଜନି, ଦୁଇ ଝିଅ ଜିବିଶା ଓ ବାର୍ଯ୍ୟାଙ୍କ ସହ ୩ ଜଣ ସମ୍ପର୍କୀୟ ପ୍ରାଣ ହରାଇଥିଲେ। ମାତ୍ର କିଛି ମିନିଟ୍ରେ ହସଖୁସିରେ ବ୍ରେକଫାଷ୍ଟ କରୁଥିବା ପରିବାର ପୂରା ଛାରଖାର ହୋଇଯାଇଥିଲା। ଏପରି ଏକ ସ୍ଥିତିରେ ହସ୍ପିଟାଲ ବେଡରେ ଜୀବନ ସହ ସଂଗ୍ରାମ କରୁଥିବା ରାଧେ ଶ୍ୟାମଙ୍କୁ ଏହି ଭୟଙ୍କର ସତ୍ୟ ବିଷୟରେ ଜଣାଯାଇନଥିଲା। କିନ୍ତୁ ନିଜ ଲୋକମାନଙ୍କ ଅନୁପସ୍ଥିତି ତାଙ୍କୁ ଭିତରୁ ଭାଙ୍ଗି ଦେଇଥିଲା। ଯେଉଁ ପୁଅ ପ୍ରତିଦିନ ଖବର ନେଉଥିଲେ, ଯେଉଁ ପତ୍ନୀ ମୁଣ୍ଡକୁ ଆଉଁସି ଦେଉଥିଲା ଓ ଯେଉଁ ବୋହୂ ଗୋଡ଼ ମୋଡ଼ି ଦେଉଥିଲା ସେମାନଙ୍କୁ ସେ ମନେମନେ ବହୁତ ଖୋଜୁଥିଲେ। ହେଲେ ଆଇସିୟୁରେ ଥିବାରୁ ସେ କାହାକୁ କିଛି କହି ପାରୁ ନଥିଲେ। ଗୋଟିଏ ଘରୋଇ କମ୍ପାନୀର ନିର୍ଦ୍ଦେଶକ ହେଉଛନ୍ତି ବିବେକ ଅଗ୍ରୱାଲ। ସେ ଦିଲ୍ଲୀର ହଜୌ ରାଣୀରେ ଥିବା ମାକ୍ସ ହସ୍ପିଟାଲର ଆଇସିୟୁରେ ନିଜ ଅସୁସ୍ଥ ବାପାଙ୍କୁ ଭର୍ତ୍ତି କରିବାକୁ ଆଣିଥିଲେ। ହସ୍ପିଟାଲ ଠାରୁ ହୋଟେଲର ଦୂରତା ଓ ଟ୍ରାଫିକକୁ ଦୃଷ୍ଟିରେ ରଖି ବିବେକ ପରିବାର ସହ ଫ୍ଲୋରିଶ ଇନରେ ରହିଥିଲେ। ରାଧେ ଶ୍ୟାମଙ୍କ ଅବସ୍ଥା ଭଲ ନଥିଲା ଓ ଡାକ୍ତର ସବୁ କିଛି ସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ମଧ୍ୟ ପରିବାର ଲୋକଙ୍କୁ କହିଥିଲେ। ବୁଧବାର ସକାଳେ ବିବେକ ଓ ପରିବାର ସଦସ୍ୟଙ୍କୁ ଧରି ହସ୍ପିଟାଲରେ ରାଧେ ଶ୍ୟାମଙ୍କୁ ଦେଖିବେ ବୋଲି ଯୋଜନା କରିଥିଲେ।

## ବିଧାୟକଙ୍କ ଜାଲ ଦସ୍ତଖତ ମାମଲା

# ମମତା - ଅଭିଷେକଙ୍କ ଘରେ ସିଆଇଡିର ତନାଘନା

କୋଲକାତା : ବିଧାନସଭା ନିର୍ବାଚନରେ ହାରିବା ପରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କ ସହ ପୁତୁରା ଅଭିଷେକ ବାନାର୍ଜୀ ମଧ୍ୟ ଅଡୁଆରେ ପଡ଼ିଛନ୍ତି। ଟିଏମସିରେ ଦେଖାଯାଇଥିବା ବିଦ୍ରୋହର ସମାଧାନ କରିବାକୁ ମମତା ଦିଲ୍ଲୀରେ ଡେରା ପକାଇଥିବା ବେଳେ ଏବେ ବେଙ୍ଗଲରେ ତାଙ୍କୁ ଖୋଜିବା ଆରମ୍ଭ କରିଛି ସିଆଇଡି। ବିଧାୟକଙ୍କ ଜାଲ ଦସ୍ତଗତ ମାମଲାରେ ଆଜି ସର୍ଚ୍ଚ ୱାରେଣ୍ଟ ଧରି ମମତାଙ୍କ ଘରେ ପହଞ୍ଚିଛି ସିଆଇଡି ଟିମ। ସମାନ ସମୟରେ ଆଉ ଗୋଟିଏ ଟିମ ଅଭିଷେକ ବାନାର୍ଜୀଙ୍କ କାମାକ ଷ୍ଟ୍ରିଟ ସ୍ଥିତ ଅଫିସରେ ମଧ୍ୟ ତଦନ୍ତ କରିବାକୁ ଯାଇଛି। ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନରେ ଜାଲ ଦସ୍ତଖତ ମାମଲାରେ ସ୍ୱତନ୍ତ୍ର ସିଆଇଡି ଟିମ ମମତାଙ୍କ କୋଲାକାତା ସ୍ଥିତ ବାସଭବନରେ ପହଞ୍ଚି। ସିଆଇଡି ଟିମ ସହ କାଳୀଘାଟ ପୁଲିସ୍ ଷ୍ଟେସନର ଅଧିକାରୀ ଓ ମହିଳା ପୁଲିସ୍ ମଧ୍ୟ ରହିଛନ୍ତି। ୩୦ ବି ହରିଶ ଚାଟାର୍ଜୀ




ଷ୍ଟ୍ରିଟ ହେଉଛି ମମତାଙ୍କ ଘର ଓ ଟିଏମସିର କେନ୍ଦ୍ରୀୟ ଅଫିସ। ତେଣୁ ଏଠାରେ ଯାଞ୍ଚ କରିବାକୁ ସିଆଇଡି ଟିମ ପହଞ୍ଚିଛି। କିନ୍ତୁ ମମତା କିମ୍ବା ଅଭିଷେକ ବାନାର୍ଜୀ ଘରେ ନଥିବାରୁ ଟିଏମସି କର୍ମୀମାନେ ସିଆଇଡି ଟିମକୁ ଭିତରକୁ ଛାଡ଼ି ନାହାନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଫୋର୍ସକୁ ମଧ୍ୟ ମୁତୟନ କରାଯାଇଛି। ସିଆଇଡି ଅଧିକାରୀଙ୍କ କହିବା କଥା ଯେ ପୂର୍ବରୁ ଅଭିଷେକ ବାନାର୍ଜୀ ଦେଇଥିବା ଜବାବ ଆଧାରରେ ଅଧିକାରୀମାନେ ମମତାଙ୍କ ଘରେ ପହଞ୍ଚିଛନ୍ତି। ଅଭିଷେକ ତାଙ୍କ ଜବାବରେ କହିଥିଲେ ଯେ ବିଧାୟକମାନଙ୍କ ଦସ୍ତଖତ ୩୦ବି ହରିଶ ଚାଟାର୍ଜୀ ସ୍ଥିତ ଦଳର କେନ୍ଦ୍ରୀୟ ଅଫିସରେ ସଂଗ୍ରହ କରାଯାଇଥିଲା। ତେଣୁ ଏଠାରେ ଯାଞ୍ଚ କରିବାର ଆବଶ୍ୟକତା ରହିଥିବା ଜଣେ ଅଧିକାରୀ କହିଛନ୍ତି। ବର୍ତ୍ତମାନ ଘଟଣାର ତଦନ୍ତ ୩ଟି ସିଆଇଡି ଟିମ କରୁଛନ୍ତି। ଗୋଟିଏ ଟିମ ମମତାଙ୍କ ଘରେ ପହଞ୍ଚିଥିବା ବେଳେ ଆଉ ଗୋଟିଏ ଟିମ ଅଭିଷେକ ବାନାର୍ଜୀଙ୍କ ଅଫିସରେ ରହିଛି। ସେହିପରି ତୃତୀୟ ଟିମଟି ଅଭିଷେକ ବାନାର୍ଜୀଙ୍କ ଘରେ ସର୍ଚ୍ଚ ଅପରେସନ ପାଇଁ ଯାଇଛି। ଟିଏମସି ପକ୍ଷରୁ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା କରାଯାଇଥିଲା। ଏନେଇ ବିଧାୟକଙ୍କ ଦସ୍ତଖତ ଥିବା ଗୋଟିଏ ଦାବିପତ୍ର ବାଚସ୍ପତିଙ୍କୁ ଦିଆଯାଇଥିଲା। କିନ୍ତୁ ଟିଏମସି ବିଧାୟକ ରତବ୍ରତ ବାନାର୍ଜୀ ଓ ସନ୍ଦିପନ ସାହା ବାଚସ୍ପତିଙ୍କୁ ଭେଟି ସେମାନେ କୌଣସି ଦାବିପତ୍ରରେ ଦସ୍ତଖତ କରି ନଥିବା କହିଥିଲେ। ସେହିପରି ୭୦ଟି ଦସ୍ତଖତ ମଧ୍ୟରୁ ୧୪ଟି କ୍ୟାପିଟାଲ ଲେଟରରେ ଲେଖା ଯାଇଥିଲା। ବିଧାୟକଙ୍କ ଦସ୍ତଖତରେ ଜାଲିଆତି ହୋଇଥିବା ଅଭିଯୋଗ ପରେ ଏଫଆଇଆର ରୁଜୁ ହୋଇଥିଲା ଓ ସିଆଇଡି ଏହାର ତଦନ୍ତ କରୁଛି।

# ଜୟପୁର ବାଣ କାରଖାନାରେ ଅଗ୍ନିକାଣ୍ଡ ; ଶିଶୁ ସମେତ ୭ ମୃତ

ଜୟପୁର: ରାଜସ୍ଥାନ ଜୟପୁରର କୋହ ନାଗୋରିଆନ ଥାନା ଅନ୍ତର୍ଗତ ଆୟଶା ନଗର ତଲାଇଠାରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ବେଆଇନ ବାଣ କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ଜଣେ ଶିଶୁ ସମେତ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହାସହ ବହୁ ସଂଖ୍ୟାରେ ଲୋକ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୫ ଜଣଙ୍କୁ ଅବଦୁଲ ୱାହିଦ୍ (୫୦), ବିଲାଲ (୩୦), ସମୀର (୨୦), ଅଜିମ ଏବଂ ରବିଲ ଭାବେ ଚିହ୍ନଟ କରାଯାଇଛି। ଅନ୍ୟ ଦୁଇ ଜଣଙ୍କ ମୃତଦେହ ଏପର୍ଯ୍ୟନ୍ତ ଚିହ୍ନଟ ହୋଇପାରି ନାହିଁ। ଆହତମାନଙ୍କୁ ଜୟପୁରର ଏସ୍ଏମ୍ଏସ୍ ମେଡିକାଲ ଏବଂ ଜେଏନ୍ୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ନାସିର ନାମକ ଜଣେ ବ୍ୟକ୍ତି ୯୫% ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସଂକୀର୍ଣ୍ଣ ଗଳି ଯୋଗୁଁ ନିଆଁ ଲିଭାଇବା ପ୍ରକ୍ରିୟାରେ ଅଗ୍ନିଶମ ବାହିନୀକୁ ବେଶ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲ୍ଲୀର ବାସିନ୍ଦା ଫିରୋଜ ଏବଂ ତାଙ୍କ ସହଯୋଗୀ ୱାସିମ ମିଶି ୟାକୁବ ନାମକ ଜଣେ ବ୍ୟକ୍ତିଙ୍କ ଘର ଭଡ଼ା ନେଇ ଏହି ବେଆଇନ ବାଣ କାରଖାନା ଚଳାଉଥିଲେ। କୋହ ନାଗୋରିଆନ ଥାନା ଅଧିକାରୀ କହିଛନ୍ତି ଯେ ଅଭିଯୁକ୍ତ ମାଲିକ ଓ ଘର ମାଲିକଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତ କରାଯାଉଛି। ଜନବସତି ଅଞ୍ଚଳରେ ଏଭଳି ବିପଜ୍ଜନକ ବାଣ ଗୋଦାମ କିପରି ଚାଲୁଥିଲା, ସେ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

# ଜେପି ଦାସଙ୍କ ସ୍ମୃତିରେ ଅନଲାଇନ ଶୋକସଭା




ନୂଆଦିଲ୍ଲୀ: ଓଡ଼ିଆ ସାହିତ୍ୟର ଦିଗଦର୍ଶକ, ପୂର୍ବତନ ଆଇଏଏସ୍ ଅଧିକାରୀ, ବିଶିଷ୍ଟ କବି, ନାଟ୍ୟକାର ଓ କଳା ଇତିହାସବିତ୍ ଡ. ଜଗନ୍ନାଥ ପ୍ରସାଦ ଦାସଙ୍କ ବିୟୋଗରେ ଦିଲ୍ଲୀ ଉତ୍କଳ ଅସ୍ମିତା ଏବଂ ଦିଲ୍ଲୀ ଓଡ଼ିଆ ଲେଖିକା ସାମାଜ ପକ୍ଷରୁ ୭ ଜୁନ ୨୦୨୬ ସନ୍ଧ୍ୟା ୭ ଘଟିକାରେ ଗୁଗଲ ମିଟ୍ ମାଧ୍ୟମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୋଟ ୨୩ ଜଣ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ। ସଭାରେ ଡା. ଅନିତା ପଣ୍ଡା ସଭାପତିତ୍ୱ କରିଥିଲେ। ସଚିବ ନିବେଦିତା ଗିରି ସଂଯୋଜନା କରିଥିଲେ। ଶ୍ଳୋକ ପାଠ ମାଧ୍ୟମରେ ସଭା ଆରମ୍ଭ ହୋଇଥିଲା ଏବଂ ସ୍ୱର୍ଗତ ଜେ.ପି. ଦାସଙ୍କ ଅମର ଆତ୍ମାର ସଦ୍ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିଚାରଣ କାର୍ଯ୍ୟକ୍ରମରେ "ଜେ.ପି. ଦାସ: ସାହିତ୍ୟ, ପ୍ରଶାସନ, ଜୀବନଦର୍ଶନ ଓ ମାନବିକତା" ଶୀର୍ଷକରେ ବକ୍ତାମାନେ ମତ ସ୍ଥାପନ କରିଥିଲେ। ପ୍ରାକ୍ତନ ପ୍ରଶାସକ ଅମୂଲ୍ୟ ରତ୍ନ ନନ୍ଦ ଓ ରମାରାଣୀ ହୋତା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅନିମେଶ ମହାପାତ୍ର, ସାହିତ୍ୟ ସଂସ୍କୃତି ସମାରୋହର ସଭାପତି ଗୌର ଚନ୍ଦ୍ର ମହାପାତ୍ର, ଟରୋଣ୍ଟୋରୁ ସୁନନ୍ଦା ମିଶ୍ର ଏବଂ ଇଉ.କେ.ରୁ ଡା. ସବିତା ପରିଡ଼ା ପ୍ରମୁଖ ଜେ.ପି. ଦାସଙ୍କ ସାହିତ୍ୟ କୃତି, ପ୍ରଶାସନିକ ଅବଦାନ ଓ ମାନବିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଶେଷରେ ସଭାପତି ଡା. ଅନିତା ପଣ୍ଡା ସ୍ୱର୍ଗତ ଜେ.ପି. ଦାସଙ୍କ ରଚିତ କବିତା ପାଠ କରି ଶାନ୍ତିପାଠ ମାଧ୍ୟମରେ ସଭା ସମାପ୍ତ କରିଥିଲେ।

# ରୁଷର ଭୟଙ୍କର ବୋମାମାଡ଼: ୪ ମୃତ

ଖାରକିଭ୍: ୟୁକ୍ରେନର ଉତ୍ତର-ପୂର୍ବ ଖାରକିଭ୍ ଅଞ୍ଚଳରେ ମଙ୍ଗଳବାର ସକାଳେ ରୁଷ ସେନା ପକ୍ଷରୁ ପୁଣି ବୋମା ମାଡ଼ କରାଯାଇଛି, ଯେଉଁଥିରେ ଜଣେ ୨୨ ବର୍ଷୀୟା ମହିଳାଙ୍କ ସମେତ ଚାରି ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଖାରକିଭ ରାଜ୍ୟପାଳ ଓଲେଗ ସିନେଗୁବୋଭ ଓ ମେୟର ଇଗୋର ଟେରେଖୋଭଙ୍କ ସୂଚନା ଅନୁଯାୟୀ, ରୁଷ ସେନା ବିଶେଷ କରି ଚୁଗୁଇଭ ସହରର ଜନବସତିପୂର୍ଣ୍ଣ ଆବାସିକ ଅଞ୍ଚଳକୁ ଟାର୍ଗେଟ୍ କରିଥିଲା, ଯାହା ଫଳରେ ସେଠାରେ ଭୟଙ୍କର ଅଗ୍ନିକାଣ୍ଡ ସୃଷ୍ଟି ହେବା ସହ ବହୁମହଲା ବିଶିଷ୍ଟ କୋଠାଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି ଏବଂ ଅତି କମରେ ୧୮ଟି ଯାନବାହନ ସମ୍ପୂର୍ଣ୍ଣ ଧ୍ୱଂସାବଶେଷରେ ପରିଣତ ହୋଇଛି। ଗତ କିଛି ମାସ ମଧ୍ୟରେ ସାଧାରଣ ନାଗରିକଙ୍କ ଉପରେ ରୁଷର ଏଭଳି ଆକ୍ରମଣ ବହୁ ଗୁଣ ବୃଦ୍ଧି ପାଇଛି, ଯାହା ବିଶ୍ୱ ସ୍ତରରେ ତୀବ୍ର ଚିନ୍ତାର କାରଣ ପାଲଟିଛି। ଜାତିସଂଘ ପକ୍ଷରୁ ପ୍ରକାଶିତ ସାମ୍ପ୍ରତିକ ଆକଳନ ଅନୁଯାୟୀ, ଫେବୃଆରୀ ୨୦୨୨ ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ୟୁକ୍ରେନୀୟ ଅଞ୍ଚଳରେ ଅତି କମରେ ୧୫,୮୫୦ ନିରୀହ ସାଧାରଣ ନାଗରିକଙ୍କ ଜୀବନ ଗଲାଣି।

# ଆପାଚେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ : ଦୁଇ ପାଇଲଟ ସୁରକ୍ଷିତ ଉଦ୍ଧାର

ୱାସିଂଟନ : ହର୍ମୁଜ୍ ପ୍ରଣାଳୀ ନିକଟରେ ଆମେରିକୀୟ ସେନାର ଏକ ଆପାଚେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ଉଭୟ ପାଇଲଟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ହେଲିକପ୍ଟରଟି ଇରାନୀ ଆକ୍ରମଣର ଶିକାର ହୋଇଥିଲା ଅବା କୌଣସି ଯାନ୍ତ୍ରିକ ତ୍ରୁଟିର ଶିକାର ହୋଇଥିଲା କି ଅନ୍ୟ କୌଣସି କାରଣ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ତାହା ବର୍ତ୍ତମାନ ସ୍ପଷ୍ଟ ହୋଇନାହିଁ। ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଦୁର୍ଘଟଣା ସମ୍ପର୍କରେ ଦୁଇଜଣ ଅଧିକାରୀ ନିଶ୍ଚିତ କରିଛନ୍ତି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ସରକାରୀ ବିବୃତି ଜାରି କରାଯାଇନାହିଁ। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ଏହି ଘଟଣା ଉପରେ କୌଣସି ମନ୍ତବ୍ୟ ଦେଇନାହିଁ। ଯୁଦ୍ଧ ଆରମ୍ଭ ହେବା ପରଠାରୁ, କିଛି ଆମେରିକା କିଛି ବିମାନ ଶତ୍ରୁପକ୍ଷର କାର୍ଯ୍ୟକଳାପ କିମ୍ବା ଦୁର୍ଘଟଣାବଶତଃ ହରାଇଛି। ତଥାପି, ଏହି ସଂଘର୍ଷରେ ପ୍ରଥମ ଥର ପାଇଁ ଆପାଚେ ହେଲିକପ୍ଟର ଖସିପଡ଼ିଥିବା ରିପୋର୍ଟ ହୋଇଛି। ଆମେରିକା ସେନା ଏହି ଅଞ୍ଚଳରେ ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ଏବଂ ବିମାନ ବ୍ୟବହାର କରୁଛି। ସେସବୁ ମଧ୍ୟରେ ଆପାଚେ ହେଲିକପ୍ଟର, ଏମକ୍ୟୁ-୯ ରିପର ଡ୍ରୋନ ଏବଂ ଏଫ/ଏ-୧୮ ଏବଂ ଏଫ୍-୩୫ ଲଢୁଆ ବିମାନ ଅନ୍ତର୍ଭୁକ୍ତ। ଏଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀରେ ଇରାନର କାର୍ଯ୍ୟକଳାପ ଏବଂ ପ୍ରଭାବକୁ ପ୍ରତିହତ କରିବା ପାଇଁ ବ୍ୟବହାର କରାଯାଉଛି। ରିପୋର୍ଟ ଅନୁଯାୟୀ, ଇରାନ ଏପର୍ଯ୍ୟନ୍ତ ପ୍ରାୟ ୩୦ ରିପର ଡ୍ରୋନ୍କୁ ଖସାଇ ଦେଇଛି। ଏଏଚ୍-୬୪ ଆପାଚେ ହେଲିକପ୍ଟରକୁ ବିଶ୍ୱର ସବୁଠାରୁ ଘାତକ ଏବଂ ଶକ୍ତିଶାଳୀ ଯୁଦ୍ଧ ହେଲିକପ୍ଟର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହା ହେଲଫାୟାର ମିସାଇଲରେ ସଜ୍ଜିତ ଏବଂ ଡ୍ରୋନ୍କୁ ଖସାଇବା, ଛୋଟ ଡଙ୍ଗା ଆକ୍ରମଣରୁ ରକ୍ଷା କରିବା ପାଇଁ ବ୍ୟବହୃତ ହୋଇଥାଏ। ସାମ୍ପ୍ରତିକ ମାସଗୁଡ଼ିକରେ, ଏହି ହେଲିକପ୍ଟରଗୁଡ଼ିକ ଇରାନ ଏବଂ ଉପସାଗରୀୟ ଅଞ୍ଚଳ ନିକଟବର୍ତ୍ତୀ ଅଞ୍ଚଳରେ ଅଧିକ ସକ୍ରିୟ ହୋଇଛନ୍ତି। ଏପ୍ରିଲରେ, ଇରାନ ଏକ ଆମେରିକୀୟ ଏଫ-୧୫-ଏ ଷ୍ଟ୍ରାଇକ୍ ଇଗଲ୍ ବିମାନକୁ ଗୁଳି କରି ଖସାଇ ଦେଇଥିଲା। ଇରାନରୁ ଆମେରିକା ନିଜର ଦୁଇ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିଥିଲା।

## ମନି ଲଣ୍ଡରିଂ ମାମଲା

# ପିନାରାଇ ବିଜୟନଙ୍କ ଝିଅ ବୀଣାଙ୍କୁ ଇଡି ସମନ

ତିରୁବନନ୍ତପୁରମ୍: ଆର୍ଥିକ କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ କେରଳ ବିଧାନସଭାରେ ବିରୋଧୀ ଦଳ ନେତା ପିନାରାଇ ବିଜୟନଙ୍କ ଝିଅ ବୀଣା ବିଜୟନଙ୍କୁ ସମନ ଜାରି କରିଛି। ସୂତ୍ର ଅନୁସାରେ ମନି ଲଣ୍ଡରିଂ ମାମଲାରେ ଏଜେନ୍ସି ଶୁକ୍ରବାର ଦିନ ବୀଣା ବିଜୟନଙ୍କୁ ପଚରାଉଚରା ପାଇଁ ଏହାର କୋଚି କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି। ସୂତ୍ର ଅନୁସାରେ, ବୀଣା ଏବଂ କୋଚିନ୍ ମିନେରାଲ୍ସ ଆଣ୍ଡ ରୁଟାଇଲ୍ ଲିମିଟେଡ୍ (ସିଏମଆର୍ଏଲ୍) ସହିତ ଜଡିତ ଅଧିକାରୀମାନଙ୍କ ସମେତ ନଅ ଜଣଙ୍କୁ ସମନ ଜାରି କରାଯାଇଛି। ଏହି ମାମଲା ବୀଣାଙ୍କ ମାଲିକାନାରେ ଥିବା ଏକ୍ସାଲୋଜିକ୍, ଖଣିଜ କମ୍ପାନି କୋଚିନ୍ ମିନେରାଲ୍ସ ଏବଂ ରୁଟାଇଲ୍ ଲିମିଟେଡ୍ ଦ୍ୱାରା ନିଯୁକ୍ତ ଏକ ଆଇଟି ଫାର୍ମ ମଧ୍ୟରେ ହୋଇଥିବା କଥିତ ଠକେଇ କାରବାର ସହିତ ଜଡିତଥିବା ଅଭିଯୋଗ ହୋଇଛି। ବୀଣା ବିଜୟନ, ଏକ୍ସାଲୋଜିକ୍ ଏବଂ ଅନ୍ୟ ମାମଲା ସହିତ ଜଡିତ ହୋଇଥିବା ଅଭିଯୋଗ ଆଧାରରେ ଅନେକ ସ୍ଥାନରେ ଇଡି ପକ୍ଷରୁ ତଲାସି କରାଯିବାର କିଛି ଦିନ ପରେ ଏବେ ସବନ ଜାରି କରାଯାଇଛି। ସୂତ୍ର ଅନୁଯାୟୀ ତଦନ୍ତର ଅଂଶ ସ୍ୱରୂପ ଇଡି ପୂର୍ବରୁ ଯଥେଷ୍ଟ ଡକ୍ୟୁମେଣ୍ଟାରୀ, ଡିଜିଟାଲ୍ ଏବଂ ଆର୍ଥିକ ପ୍ରମାଣ ସଂଗ୍ରହ କରିସାରିଛି। ଚଢାଉ ସମୟରେ ଜବତ ହୋଇଥିବା ଡକ୍ୟୁମେଣ୍ଟ ଏବଂ ଡିଜିଟାଲ୍ ପ୍ରମାଣ ସହିତ ସମନ ଜାରି ହୋଇଥିବା ଲୋକଙ୍କୁ ପଚରାଉଚରା କରାଯିବାର ସମ୍ଭାବନା ରହିଛି। ଏହାକୁ ନେଇ ରାଜ୍ୟର ବାମପନ୍ଥୀ ଦଳ ଅଭିଯୋଗ କରିଛି ଯେ, ବୀଣା ବିଜୟନଙ୍କ ବିରୋଧରେ ମାମଲା ରାଜନୈତିକ ପ୍ରତିଶୋଧ ଆଧାରରେ ନିଆଯାଉଛି।

# ଲୋକସଭାରେ ଦୁଇ-ତୃତୀୟାଂଶ ବହୁମତ ହାସଲ ଏନଡିଏର ଲକ୍ଷ୍ୟ

ନୂଆଦିଲ୍ଲୀ: ତୃଣମୂଳ କଂଗ୍ରେସ(ଟିଏମସି)ର ୨୦ ଜଣ ସାଂସଦଙ୍କ ବିଦ୍ରୋହୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପାଇଁ ଏକ ବଡ଼ ପ୍ରତିବନ୍ଧକ ହଟାଇବାର ଆଶା ସୃଷ୍ଟି କରିଛନ୍ତି। ଲୋକସଭାରେ ଏନଡିଏ ଦୁଇ-ତୃତୀୟାଂଶ ବହୁମତରୁ ବଞ୍ଚିତ ରହିଛି। ଫଳସ୍ୱରୂପ ଏପ୍ରିଲରେ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ ହୋଇପାରିଲା ନାହିଁ। ତେବେ ଟିଏମସି ୨୦ ଜଣ ସାଂସଦ ଏନଡିଏକୁ ସମର୍ଥନ ଘୋଷଣା କରିବା ସହିତ ଚଳିତ ଲୋକସଭାରେ ପ୍ରଥମ ଥର ପାଇଁ ଏନଡିଏର ସଂଖ୍ୟା ୩୦୦ ଅତିକ୍ରମ କରିବାକୁ ଯାଉଛି। ଏନଡିଏ ଡିଏମକେରୁ ସର୍ତ୍ତମୂଳକ ସମର୍ଥନ ପାଇବା ପାଇଁ ମଧ୍ୟ ଆଲୋଚନା କରୁଛି, ଯାହା ମେଣ୍ଟକୁ ଦୁଇ-ତୃତୀୟାଂଶ ବହୁମତ ପାଖକୁ ନେଇଯିବ। ସରକାର ଜୁଲାଇ ତୃତୀୟ ସପ୍ତାହରେ ଆରମ୍ଭ ହେଉଥିବା ମୌସୁମୀ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିରେ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ୩୩ ପ୍ରତିଶତ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ବିଲ୍ ଏବଂ ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ ଅନ୍ତର୍ଭୁକ୍ତ। ଏନଡିଏ ଦୁଇ-ତୃତୀୟାଂଶ ବହୁମତ ପାଇବାକୁ ଅପେକ୍ଷା କରିଛି। ସରକାର ଏହା ହାସଲ



କରିବା ମାତ୍ରେ ବିଲ୍ ଆଗତ କରିବେ। ଏପ୍ରିଲରେ ସମ୍ବିଧାନ ସଂଶୋଧନ ବିଲ୍ ପରାଜୟ ପରେ, ମୋଦୀ ସରକାର ଦୁଇ-ତୃତୀୟାଂଶ ବହୁମତ ହାସଲ କରିବା ପାଇଁ ପ୍ରୟାସ କରିଆସୁଛନ୍ତି। ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ପରେ ସାମ୍ପ୍ରତିକ ଘଟଣାକ୍ରମ ଏନଡିଏର ସ୍ଥିତିକୁ ମଜବୁତ କରିଛି। ତାମିଲନାଡୁରେ ଡିଏମକେର ପରାଜୟ ଏବଂ କଂଗ୍ରେସ ସହିତ ମେଣ୍ଟ ଭାଙ୍ଗିବା ପରେ ଏହାର ୨୨ ସାଂସଦଙ୍କଠାରୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ ପାଇବାର ସମ୍ଭାବନା ବୃଦ୍ଧି ପାଇଛି। ଏହି ସମୟରେ, ପଶ୍ଚିମବଙ୍ଗରେ ପରାଜୟ ପରେ ତୃଣମୂଳ କଂଗ୍ରେସର ପତନ ଏନଡିଏର ସ୍ଥିତିକୁ ଆହୁରି ମଜବୁତ କରିଛି। ସଂଖ୍ୟା ଦୃଷ୍ଟିରୁ, ୫୪୩ ସଦସ୍ୟ ବିଶିଷ୍ଟ ଲୋକସଭାରେ ଦୁଇ-ତୃତୀୟାଂଶ ବହୁମତ ହେଉଛି ୩୬୨। ବର୍ତ୍ତମାନ ବସିରହାଟ, ଶିଲଂ ଏବଂ ନାଗାଓଁ ଆଦି ତିନୋଟି ଆସନ ଖାଲି ଅଛି। ଏହି ଆସନଗୁଡ଼ିକ ସେମାନଙ୍କର ସାଂସଦଙ୍କ ମୃତ୍ୟୁ ଯୋଗୁଁ ଖାଲି ପଡ଼ିଛି। ଫଳସ୍ୱରୂପ, ଲୋକସଭାରେ ଦୁଇ-ତୃତୀୟାଂଶ ବହୁମତ ହେଉଛି ୩୬୦। ଏନଡିଏର ବର୍ତ୍ତମାନର ସଂଖ୍ୟା ୨୯୩। ଯଦି ଟିଏମସିର ୨୦ ସାଂସଦ ସମର୍ଥନ କରନ୍ତି, ତେବେ ଏହି ସଂଖ୍ୟା ୩୧୩ କୁ ବୃଦ୍ଧି ପାଇବ। ଯଦି ଡିଏମକେର ୨୨ ସାଂସଦ ପ୍ରସଙ୍ଗ-ଭିତ୍ତିକ ପ୍ରସଙ୍ଗରେ ସମର୍ଥନ କରନ୍ତି, ତେବେ ଏହି ସଂଖ୍ୟା ୩୩୫ କୁ ବୃଦ୍ଧି ପାଇବ। ସରକାର ଶିବସେନା (ୟୁବିଟି) ର ନଅ ଜଣ ସାଂସଦଙ୍କ ଉପରେ ମଧ୍ୟ ନଜର ରଖିଛନ୍ତି। ଯଦି ସେମାନଙ୍କ ମଧ୍ୟରେ ବିଭାଜନ ହୁଏ, ତେବେ ଆହୁରି ଛଅ ଜଣ ସାଂସଦଙ୍କ ସମର୍ଥନ ସୁରକ୍ଷିତ ହୋଇପାରିବ, ଯାହା ଫଳରେ ସଂଖ୍ୟା ୩୪୧ କୁ ବୃଦ୍ଧି ପାଇବ। ଏପ୍ରିଲରେ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଭୋଟ୍ ସମୟରେ, ଏନଡିଏ ୨୯୮ ସାଂସଦଙ୍କ ସମର୍ଥନ ପାଇଥିଲା, ଅର୍ଥାତ୍ ମେଣ୍ଟ କିଛି ଅତିରିକ୍ତ ଭୋଟ୍ ପାଇଥିଲା। ଏହି ପାଞ୍ଚଟି ଭୋଟ୍ ଯୋଡ଼ିଲେ ଏନଡିଏର ସଂଖ୍ୟା ୩୪୬ରେ ପହଞ୍ଚିପାରିବ, ଯାହା ଦୁଇ-ତୃତୀୟାଂଶ ବହୁମତଠାରୁ ମାତ୍ର ୧୪ କମ୍। ଅନ୍ୟ ଛୋଟ ଦଳ, ସ୍ୱାଧୀନ ପ୍ରାର୍ଥୀ ଏବଂ କ୍ରସ୍-ଭୋଟିଂର ସମର୍ଥନ ସହିତ ସରକାର ଏହି ସଂଖ୍ୟା ହାସଲ କରିବାକୁ ଆଶା କରୁଛନ୍ତି। ସେଥିପାଇଁ ସରକାର ସ୍ୱାଧୀନ ସାଂସଦମାନଙ୍କ ଉପରେ ମଧ୍ୟ ନଜର ରଖିଛନ୍ତି। ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରିବା ପାଇଁ ଏକ ବିଶେଷ ବହୁମତ ଆବଶ୍ୟକ। ଏହାର ଅର୍ଥ ହେଉଛି ଗୃହରେ ମୋଟ ସଦସ୍ୟ ସଂଖ୍ୟାର ଅତି କମରେ ଅଧା ଉପସ୍ଥିତ ରହିବା ଆବଶ୍ୟକ, ଏବଂ ବିଲ୍ ପାସ୍ ହେବା ପାଇଁ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ। ଏପ୍ରିଲରେ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଭୋଟ୍ ଦେବା ସମୟରେ, ୫୨୮ ଜଣ ସାଂସଦ ଉପସ୍ଥିତ ଥିଲେ, ଏବଂ ଦୁଇ-ତୃତୀୟାଂଶ ବହୁମତ ପାଇଁ ୩୫୨ ସାଂସଦଙ୍କ ଆବଶ୍ୟକ ଥିଲା। ସରକାରଙ୍କୁ ୨୯୮ ଭୋଟ୍ ମିଳିଥିଲା, ଯେତେବେଳେ ବିଲ୍ ୨୩୦ ଭୋଟ୍ରେ ପରାସ୍ତ ହୋଇଥିଲା। ଏହାର ଅର୍ଥ ହେଉଛି ବିଲ୍ ୫୪ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ବର୍ତ୍ତମାନ, ସରକାର ଏହି ବ୍ୟବଧାନକୁ ବହୁ ପରିମାଣରେ ପୂରଣ କରିଛନ୍ତି।

ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା

# ଭାରତ -ଏ କୁ ଜିତାଇଲେ ଋତୁରାଜ

ଦାମ୍ବୁଲା, ୯।୬(ଏଜେନ୍ସି) : ଶ୍ରୀଲଙ୍କାରେ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଆରମ୍ଭ ହୋଇଛି । ଦାମ୍ବୁଲାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ - ଏ ଦଳ ୮ ରନ ବ୍ୟବଧାନରେ ଶ୍ରୀଲଙ୍କା -ଏ କୁ ପରାଜିତ କରିଛି । ବହୁ ଚର୍ଚ୍ଚିତ ଆଇପିଏଲ ତାରକା ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ବିଫଳହୋଇଥିବା ବେଳେ ଋତୁରାଜ ଗାଏକ୍ୱାର୍ଡ ଓ ତିଲକ ବର୍ମାଙ୍କ ଜମାଣିଆ ଇନିଂସ ଭାରତ ପାଇଁ ସଞ୍ଜିବନୀ ସାଜିଥିଲା । ଏହି ମ୍ୟାଚରେ ଭାରତ -ଏ ୫୦ ଓଭରରେ ୬ ୱିକେଟ ହରାଇ ୨୭୭ ରନ କରିଥିଲା । ଜବାବ୍‌ରେ ଶ୍ରୀଲଙ୍କା -ଏ ୪୮.୫ ଓଭରରେ ୨୬୯ ରନ କରି ଅଲ ଆଉଟ ହୋଇଥିଲା । ବିଜୟ ସହ ଭାରତ -ଏ କୁ ୨ ପଏଣ୍ଟ ମିଳିଛି ।

ଟସ୍ ଜିତି ଅଧିନାୟକ ତିଲକ ବର୍ମା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ପ୍ରଭସିମରନର ସିଂଙ୍କ ସହ ବୈଭବ ଇନିଂସ ଓପନ କରିଥିଲେ । ୧୧ ବଲର ସମ୍ମୁଖୀନ ହୋଇ ମାତ୍ର ୨ ରନ କରି ପ୍ରଭସିମରନ ପାଭିଲିୟନ ଫେରିଥିବା ବେଳେ ବୈଭବ ୧୨ ବଲରୁ ୩ ଚୌକା ମାରି ୧୪ ରନ କରି ଆଉଟ୍ ହୋଇଥିଲେ । ଭାରତୀୟ ଟି -୨୦ ଦଳରେ ସ୍ଥାନ ପାଇଥିବା ବୈଭବଙ୍କ ଲାଗି ଶ୍ରୀଲଙ୍କା ଗସ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି । ସମସ୍ତଙ୍କ ଆଶା ବୈଭବ ବିସ୍ଫୋରକ ବ୍ୟାଟିଂ କରି ନିଜ କ୍ରିକେଟ କ୍ୟାରିୟରକୁ ଆଗେଇ ନେବେ । ତେବେ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ବୈଭବ ସଫଳ ହୋଇପାରିନାହାଁନ୍ତି । ପ୍ରିୟାଂଶ ଆର୍ଯ୍ୟ ୩୨, ଋତୁରାଜ ଗାଏକ୍ୱାର୍ଡ ୧୧୪ ବଲରୁ ୬ ଟି ଚୌକା ଓ ୩ ଟି ଛକା ସହାୟତାରେ ୧୦୧ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ଅଧିନାୟକ ତିଲକ ବର୍ମା ୯୭ ବଲରୁ ୬୦ ରନ କରିଥିଲେ । ଶେଷ ଭାଗରେ ଆୟୁଷ ବଦୋନୀ ୧୮ ବଲରୁ ୨୪ ଏବଂ ସୂର୍ଯ୍ୟାଂଶ ସେଗଡେ ଅପରାଜିତ ୨୬ ରନ କରିଥିଲେ । ତେଣୁ ଭାରତ -ଏ ସ୍କୋର ୫୦ ଓଭରରେ ୨୭୭/୬ ରନରେ ପହଞ୍ଚିଥିଲା ।

୨୭୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ଭଲ ଆରମ୍ଭ କରିଥିଲା । ପ୍ରଥମ ୱିକେଟ୍ ପାଇଁ ନିରୋଶାନ ଡିକୱେଲା ଓ ଅଭିଶଙ୍କା ଫର୍ଣ୍ଣାଣ୍ଡୋଙ୍କ ମଧ୍ୟରେ ୯୩ ରନର ପାର୍ଟନରସିପ୍ ହୋଇଥିଲା । ଅଭିଶଙ୍କା ୫୯ ବଲରୁ ୫୬ ରନର ଇନିଂସ ଖେଳିଥିଲେ । ନିରୋଶାନ ୪୫ ବଲରୁ ୪୭ ରନ କରିଥିଲେ । ଓପନିଂ ଯୋଡି ଭାଙ୍ଗିବା ପରେ ଶ୍ରୀଲଙ୍କା ୧୦୯ ରନ ମଧ୍ୟରେ ଆଉ ୨ ୱିକେଟ ହରାଇଥିଲା । ନୁୱାନିନ୍ଦୁ ଫର୍ଣ୍ଣାଣ୍ଡୋ ୮ ରନ କରି ଆଉଟ୍ ହୋଇଥିଲେ । ସାଦେରା ସମରବିକ୍ରମା ଅଧିନାୟକ ସାହାନ ଆରଚାଚିଗେ ସ୍ଥିତି ସମ୍ଭାଳିଥିଲେ । ସାଦେରା ୫୧ ବଲରୁ ୪୬ ଓ ସାହାନ ୭୨ ବଲରୁ ୭୪ ରନ କରିଥିଲେ । ସାଦେରାଙ୍କ ୱିକେଟ୍ ପତନ ବେଳକୁ ଶ୍ରୀଲଙ୍କା -ଏ ର ସ୍କୋର ୩୪ ଓଭରରେ ୧୮୭/୪ ରନରେ ପହଞ୍ଚିଥିଲା । ଦଳ ବିଜୟ ଠାରୁ ଆଉ ୧୦୧ ରନ ପଛରେ ଥିଲା । ଏହାପରେ ରବିନ୍ଦୁ ଫର୍ଣ୍ଣାଣ୍ଡୋ ୧, ଚାମିକା କରୁଣାରତ୍ନେ ୯, ୱାନୁଜା ସାହାନ ୨୩ ରନ, ବିଜୟକାନ୍ତ ୫ ରନ କରି ଆଉଟ୍ ହୋଇଥିଲେ । ତେଣୁ ଶ୍ରୀଲଙ୍କା - ଏ ୪୮.୫ ଓଭରରେ ୨୬୯ ରନ କରିବାକୁ ସକ୍ଷମ ହୋଇଥିଲା । ଭାରତର ଅର୍ଶଦ ଖାନ୍, ଅନୁକୂଳ ରୟ, ଆୟୁଷ ବଦୋନୀ ଓ ବିପ୍ରଜ ନିଗମ ଦୁଇଟି ଲେଖାଏଁ ତଥା ଅଂଶୁଲ କାମ୍ବୋଜଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା ।



ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ୍ କ୍ରିକେଟ୍

# କ୍ୱାର୍ଟରରେ ମନୋଜ କ୍ରିକେଟ୍ ଏକାଡେମୀ

ଭୁବନେଶ୍ୱର, ୯।୬(ସବ୍ୟୁ) : ପାରାମାଉଣ୍ଟ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ପାରାମାଉଣ୍ଟ କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲରେ ମନୋଜ କ୍ରିକେଟ୍ ଏକାଡେମୀ ବିଜୟୀ ହୋଇଛି । ଏହି ମ୍ୟାଚରେ ଚନ୍ଦନପୁରର ମା' ଉଗ୍ରତାରା କ୍ରିକେଟ୍ ଏକାଡେମୀ ଓ କଟକର ମନୋଜ କ୍ରିକେଟ୍ ଏକାଡେମୀ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମା' ଉଗ୍ରତାରା କ୍ରିକେଟ୍ ଏକାଡେମୀ ସମସ୍ତ ୱିକେଟ୍ ହରାଇ ୭୦ ରନ କରିବାକୁ ସକ୍ଷମ ହୋଇଥିଲା । ଶୁଭଙ୍କର ସ୍ୱାଇଁ ସର୍ବାଧିକ ୨୪ ରନ କରିଥିଲେ । ମନୋଜ କ୍ରିକେଟ୍ ଏକାଡେମୀର ଏହସାନ କମଲ ୬ ଓଭର ବୋଲିଂ କରି ୩ ୱିକେଟ୍ ଅକ୍ତିଆର କରିଥିଲେ । ୭୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ମନୋଜ କ୍ରିକେଟ୍ ଏକାଡେମୀ ୯ ଓଭରରେ ୩ ୱିକେଟ ହରାଇ ୭୨ ରନ ସଂଗ୍ରହ କରି ଲକ୍ଷ୍ୟ ହାସଲ କରିନେଇଥିଲା । ପ୍ରିତମ ମିଶ୍ର ସର୍ବାଧିକ ୨୨ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମିତ ପ୍ରଧାନ ୧୦ ଏବଂ ଭବତୋଷ ବାରିକ ୧୧ ରନ କରି ଅପରାଜିତ ରହିଥିଲେ । ମା' ଉଗ୍ରତାରା କ୍ରିକେଟ୍ ଏକାଡେମୀ ତରଫରୁ ଶ୍ରେୟାଂଶ ସାମନ୍ତରାୟ ୨ ଟି ୱିକେଟ ଅକ୍ତିଆର କରିଥିଲେ । ମନୋଜ କ୍ରିକେଟ୍ ଏକାଡେମୀର ଏହାସନ କମଲଙ୍କୁ ପାରାମାଉଣ୍ଟ ସ୍ପୋର୍ଟ୍ସର ବରିଷ୍ଠ ଖେଳାଳି ଲକ୍ଷ୍ମୀନାରାୟଣ କ୍ଷତ୍ରୀ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।




# ଇଂଲଣ୍ଡ , ଆୟର୍ଲାଣ୍ଡର ଶୃଙ୍ଖଳାରୁ ସିରାଜ ଆଉଟ୍

ନୂଆଦିଲ୍ଲୀ, ୯।୬(ଏଜେନ୍ସି) : ଆଗାମୀ ଆୟରଲ୍ୟାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି -୨୦ ଶୃଙ୍ଖଳାରେ ବିସିସିଆଇ ପରିବର୍ତ୍ତନ କରିଛି । ଭାରତୀୟ ଦଳରୁ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ବାଦ ଦିଆଯାଇଛି । ଚାପ କମାଇବା ପାଇଁ ସିରାଜଙ୍କୁ ବିଶ୍ରାମ ଦିଆଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି । ସିରାଜଙ୍କ ସ୍ଥାନରେ କର୍ଣ୍ଣାଟକ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରୀଷ୍ଣାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି । ଶ୍ରେୟାସ ଆୟରଙ୍କ ନେତୃତ୍ୱରେ ଭାରତୀୟ ଦଳ ଆୟରଲ୍ୟାଣ୍ଡ ଓ ଇଂଲଣ୍ଡ ଗସ୍ତ କରିବ । ଆୟରଲ୍ୟାଣ୍ଡ ଓ ଇଂଲଣ୍ଡ ଗସ୍ତ ପରେ ଭାରତୀୟ ଦଳର ବ୍ୟସ୍ତ ବହୁଳ ମ୍ୟାଚ ସୂଚୀ ଆରମ୍ଭ ହେବ । ଏଥିପାଇଁ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି । ବିସିସିଆଇର ମେଡିକାଲ ଟିମ୍ ଓ ମ୍ୟାନେଜମେଣ୍ଟଙ୍କ ଆଲୋଚନା ପରେ ସିରାଜଙ୍କୁ ବିଶ୍ରାମ ଦିଆଯିବାକୁ ନିଷ୍ପତ୍ତି ହୋଇଛି ।

ପ୍ରସିଦ୍ଧ କ୍ରୀଷ୍ଣା ଆୟରଲ୍ୟାଣ୍ଡ ଓ ଇଂଲଣ୍ଡ ଶୃଙ୍ଖଳାରେ ସାମିଲ ହୋଇଛନ୍ତି । ଟି -୨୦ ଶୃଙ୍ଖଳା ପରେ ଦିନିକିଆ ଖେଳାଯିବ । ସେତେବେଳକୁ ସିରାଜ ଆବଶ୍ୟକ ବିଶ୍ରାମ ପାଇସାରିଥିଲେ । ନିକଟରେ ସିରାଜ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟରେ ନଜର ଆସିଥିଲେ । ସେ ଏହି ମ୍ୟାଚରେ ଗୋଟିଏ ୱିକେଟ୍ ନେବା ସହ ୨୨ ରନ ମଧ୍ୟ କରିଥିଲେ । ଏହି ମ୍ୟାଚରେ ମଧ୍ୟ ପ୍ରସିଦ୍ଧ କ୍ରୀଷ୍ଣା ଖେଳୁଥିଲେ । ସେ ୩ ୱିକେଟ ନେଇଛନ୍ତି । ସୋମବାର ଭାରତ ମ୍ୟାଚ ଜିତିବା ପରେ ମଙ୍ଗଳବାର ବିସିସିଆଇ ସିରାଜଙ୍କୁ ବିଶ୍ରାମ ଦିଆଯାଇଥିବା ଘୋଷଣା କରିଛି ।



# ଆରମ୍ଭ ପୂର୍ବରୁ ଫିଫା ବିଶ୍ୱକପ୍‌ରେ ବିବାଦ

ନୂଆଦିଲ୍ଲୀ, ୯।୬(ଏଜେନ୍ସି) : ଆଉ ଗୋଟିଏ ଦିନ ପରେ ଫିଫା ବିଶ୍ୱକପ୍ ବିଗୁଲ ବାଜିବ । ଆମେରିକା ଆୟୋଜନ କରୁଥିବା ଏହି ବିଶ୍ୱକପ୍‌ରେ ପ୍ରଥମ ଥର ୪୮ ଟି ଦଳ ଭାଗ ନେବେ । ଫିଫା ବିଶ୍ୱକପ୍ ସବୁଠାରୁ ଲମ୍ବା ଟୁର୍ଣ୍ଣାମେଣ୍ଟର ମାନ୍ୟତା ମଧ୍ୟ ମିଳିଛି । କିନ୍ତୁ ଫିଫା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଏହାକୁ ନେଇ ବିବାଦ ଦେଖାଦେଇଛି । ପ୍ରଥମେ ଟିକେଟ୍ ଓ ପରିବହନ ବ୍ୟବସ୍ଥାକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ଏହି ବିବାଦ ଆହୁରି ତୀବ୍ର ହୋଇଛି । ଫୁଟବଲର ଓ କର୍ମଚାରୀଙ୍କ ଦୀର୍ଘ ଘଣ୍ଟା ଧରି ଏୟାରପୋର୍ଟରେ ଅଟକ ରହିବାକୁ ପଡିଛି । ଜଣେ ମ୍ୟାଚ୍ ଅଧିକାରୀଙ୍କୁ ଆମେରିକାରେ ପ୍ରବେଶ ପାଇଁ ମଧ୍ୟ ଅନୁମତି ମିଳିନି । ଆଫ୍ରିକାର ଶ୍ରେଷ୍ଠ ଫୁଟବଲ ରେଫରୀ ଓମାର ଅବଦୁଲ କାଦ୍ରିଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ତୀବ୍ର ରୂପ ଧାରଣ କରିଛି । ମିଆଁମି ଅନ୍ତର୍ଜାତୀୟ ଏୟାରପୋର୍ଟରେ ଅଧିକାରୀମାନେ ଓମାରଙ୍କୁ ଅଟକ ରଖିଥିଲେ । ଏହାପରେ ତାଙ୍କୁ ସେଠାରୁ ସିଧା ଇସ୍ତାନବୁଲ ବିମାନରେ ବସାଇ ବିଦା କରିଦିଆଯାଇଛି । ଏହାକୁ ନେଇ ପୂରା ଫୁଟବଲ ଜଗତ ଆମେରିକା ଉପରେ କ୍ଷୁବ୍ଧ ହୋଇଛି ।

ଜଣେ ରେଫରୀଙ୍କୁ ଏଭଳି ବ୍ୟବହାର କରଯିବାକୁ ନେଇ ବିଶ୍ୱରେ ଚହଳ ପଡିଛି । ଓମାର କୂଟନୀତିକ ପାସ୍‌ପୋର୍ଟରେ ଗସ୍ତ କରିଥିଲେ ହେଁ ତାଙ୍କ ସହ ଏପରି କାହିଁକି ବ୍ୟବହାର କରାଗଲା । ନାୟୁରୋବିରେ ଥିବା ସୋମାଲିଆ ଦୂତାବାସ ମ୍ୟାଚ ରେଫରୀ ଓମାରଙ୍କୁ ଭିସା ପାଇବାରେ ସହାୟତା କରିଥିଲା । କିନ୍ତୁ ଆମେରିକା ବୋର୍ଡ ଅଫ କଣ୍ଟ୍ରୋଲ ପକ୍ଷରୁ ତାଙ୍କୁ ୱାଶିଂଟନରେ ପ୍ରବେଶ ପାଇଁ ଅନୁମତି ଦିଆଯାଇନାହିଁ । ଏହାକୁ ନେଇ ସୋମାନିଆ ପ୍ରଧାନମନ୍ତ୍ରୀ ହାସଲ ଅଲି ଖୈରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପଶ୍ଚିମ ଏସିଆ ସହ ଆମେରିକା ବିବାଦ ଫିଫା ବିଶ୍ୱକପ୍ ପୂର୍ବରୁ ଏକାଧିକ ସମସ୍ୟା ସୃଷ୍ଟି କରୁଛି । ଦୁଇଦିନ ପୂର୍ବରୁ ଅର୍ଥାତ ଜୁନ୍ ୭ରେ ଇରାକ୍ ଦଳର ଉପଅଧିନାୟକ ଆୟମେନ ହୁସେନଙ୍କୁ ବିମାନ ବନ୍ଦରରେ ୭ ଘଣ୍ଟା ଅଟକ ରଖି ଜେରା କରାଯାଇଥିଲା । କେବଳ ହୁସେନ ନୁହଁନ୍ତି, ଦଳର ଆଉ ଜଣେ ପ୍ରମୁଖ ସଦସ୍ୟ ଓ ଫଟୋ ଗ୍ରାଫରଙ୍କୁ ମଧ୍ୟ ବିମାନ ବନ୍ଦରରେ ହଟହଟା ହେବାକୁ ପଡିଥିଲା । ହୁସେନ ଦଳର ଅନ୍ୟ ଜଣେ ଖେଳାଳିଙ୍କୁ ୭ ଘଣ୍ଟା ପରେ ଆମେରିକାରେ ପ୍ରବେଶ ଅନୁମତି ମିଳିଥିଲା । କିନ୍ତୁ ଇରାକ୍ ଦଳର ଫଟୋ ଗ୍ରାଫରଙ୍କୁ ଅନୁମତି ମିଳିନଥିଲା । ଫିଫା ବିଶ୍ୱକପକୁ ନେଇ ବିବାଦ ମାର୍ଚ୍ଚ ୧୨ ରୁ ଆରମ୍ଭ ହୋଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଲାଗି ରହିଥିବା ବିବାଦକୁ ଦୃଷ୍ଟିରେ ରଖି କହିଥିଲେ ଇରାନ ଜାତୀୟ ଫୁଟବଲ ଦଳକୁ ବିଶ୍ୱକପ୍‌ରେ ଖେଳିବାକୁ ଅନୁମତି ଦିଅଯିବା ଉଚିତ କି ନୁହେଁ । ଇରାନ ଜାତୀୟ ଫୁଟବଲ ଦଳକୁ ବିଶ୍ୱକପ୍ ପାଇଁ ସ୍ୱାଗତ ବୋଲି ଟ୍ରମ୍ପ କହିଥିଲେ । କିନ୍ତୁ ମୋର ମନେ ହୁଏ ନାହିଁ ଯେ, ସେମାନେ ନିଜ ସୁରକ୍ଷା ଓ ଜୀବନକୁ ଧ୍ୟାନରେ ରଖି ଆମେରିକାରେ ରହିବା ଉଚିତ । ଇରାନ ଏହାକୁ ନେଇ ଚିନ୍ତା ପ୍ରକଟ କରିଥିଲା । କିନ୍ତୁ ଫିଫା ଦଳର ମ୍ୟାଚ ଗୁଡିକୁ ଆମେରିକା ବାହାରକୁ ସ୍ଥାନାନ୍ତର କରିବା ପାଇଁ ହୋଇଥିବା ଅନୁରୋଧକୁ ଗୁରୁତ୍ୱ ଦେଇନଥିଲା । ଭିସା ସମ୍ପର୍କିତ ବିବାଦର ପ୍ରଭାବ ମଧ୍ୟ ଇରାନ ଫୁଟବଲ ଦଳ ଉପରେ ପଡିଛି । ଖେଳାଳିମାନଙ୍କୁ ସେମାନଙ୍କର ପ୍ରଥମ ମ୍ୟାଚର ମାତ୍ର ୧୦ ଦିନ ଆଗରୁ ଭିସା ମିଳିଥିଲା । ଯାହା ଦଳକୁ ପରିବେଶ ସହ ଖାପ ଖୁଆଇବା ଓ ଯଥେଷ୍ଟ ପ୍ରସ୍ତୁତିରୁ ବଞ୍ଚିତ କରିଛି । ଏହା ସହିତ ଇରାନ ଦଳର କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଓ ପରିଚାଳନା ସଦସ୍ୟଙ୍କୁ ଭିସା ଦିଆଯାଇନାହିଁ । ପୂର୍ବ ବିଶ୍ୱକପ୍ ତୁଳନାରେ ଏଥର ଟିକେଟ୍ ଦାମ ଯଥେଷ୍ଟ ଅଧିକ ରହିଛି । ତେଣୁ ଟିକେଟକୁ ନେଇ ପ୍ରଶଂସକ ଅସନ୍ତୋଷ ପ୍ରକାଶ କରିଛନ୍ତି ।



ଡିଫା କପ ଫୁଟବଲ

# ସେମିରେ ପପୁଲାର କ୍ଲବ ଢେଙ୍କାନାଳ



ଧର୍ମଶାଳା, ୯।୬(ସବ୍ୟୁ) : ଧର୍ମଶାଳା ଫୁଟବଲ ଆସସିଏସନ ପକ୍ଷରୁ ବାଣୀପୀଠ ପଡିଆରେ ଚାଲିଥିବା ୨୮ ତମ ଓ ଅଷ୍ଟମ ରଂଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଚତୁର୍ଥ କ୍ୱାର୍ଟର ଫାନାଲରେ ପପୁଲାର କ୍ଲବ ଢେଙ୍କାନାଳ ୨/୧ ଗୋଲରେ ବିଜୟୀ ହୋଇଛି। ଆଜି ପପୁଲାର କ୍ଲବ ଢେଙ୍କାନାଳ ଓ କେସିସି କଲିକତା ମଧ୍ୟରେ ମଯାଚ ଅନୁଷ୍ଠିତ ହୋଇଥିବା ବେଳେ ପପୁଲାର କ୍ଲବ ୨/୧ ଗୋଲରେ କେସିସିକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ଢେଙ୍କାନାଳ ଟିମର ବୁଦ୍ଧିଆ ସୋରେନ ପ୍ରଥମ ଗୋଲ ଦେଇଥିଲା ବେଳେ ପ୍ରର୍ଥମାର୍ଦ୍ଧରେ କଲିକତାର ଜୟ ଚାଟାର୍ଜୀ ଗୋଟିଏ ଗୋଲ ଦେଇ ଖେଳକୁ ସମାନ ସ୍ତରକୁ ନେଇ ଅସିଥିଲେ। ହେଲେ ଖେଳର ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ଟିମର ଟିକି ହେମବ୍ରମ ଗୋଟିଏ ଗୋଲ କରି ଟିମକୁ ବିଜୟୀ କରାଇଥିଲେ। ଢେଙ୍କାନାଳ ଟିମର ଜଳଧର ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିବା ବେଳେ ଆଜିର ମ୍ୟାଚରେ ଓଡିଶା ଷ୍ଟେଟ ବିଗ୍ରେଡେ ଧର୍ମଶାଳା ସ୍କୁଲର ପ୍ରତିଷ୍ଠାତା ଇତିଶ୍ରୀ ବେହେରା ଅତିଥି ଭାବେ ଯୋଗଦେଇ ମଯାନ ଅଫଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଚିତ ରଞ୍ଜନ ଓଝା ରେଫରି ଭାବେ ପରିଚାଳନା କରିଥିବା ବେଳେ ସେକ ସଲିମ ଅହମଦ ଓ ପ୍ରବୋଧ ପାତ୍ର ଲାଇନମ୍ୟାନ ଭାବେ ସହାୟତା କରିଥିଲେ । ଚତୁର୍ଥ ରେଫରି ଭାବେ ବସିର ଅହମ୍ମଦ ଉପସ୍ଥିତ ରହିଥିଲେ । ଆସନ୍ତା କାଲି ପ୍ରଥମ ସେମିଫାଇନାଲ ମ୍ୟାଚୟଙ୍ଗ ଉତ୍କଳ କ୍ଲବ କଟକ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ଡିଫାର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି ।

ରାଜ୍ୟ ସିନିୟର ଆଥଲେଟିକ୍ ଚାମ୍ପିଅନସିପ୍

# ୬ ମିଟ୍ ରେକର୍ଡ ସହ ବାଳିକା ବର୍ଗରେ କିଟ୍ ଚାମ୍ପିଅନ

ଭୁବନେଶ୍ୱର, ୯।୬(ସବ୍ୟୁ) : କଟକରେ ଅନୁଷ୍ଠିତ ୭୨ତମ ରାଜ୍ୟ ସିନିୟର ଆଥଲେଟିକ୍ ଚାମ୍ପିଅନସିପ୍‌ରେ କିଟ୍ ଖେଳାଳି ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇଛନ୍ତି । ଏହି ପ୍ରତିଯୋଗିତାରେ କିଟ୍ କ୍ରୀଡାବିତ୍ ୬ ଟି ନୂଆ ମିଟ୍ ରେକର୍ଡ ସହ ମୋଟ ୩୩ ପଦକ ଜିତି ୨୦ ଓ ୨୩ ବର୍ଷରୁ କମ୍ ବାଳିକା ବର୍ଗରେ ଚାମ୍ପିଅନ ହୋଇଛି । ୧୬ ଟି ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୭ ବ୍ରୋଞ୍ଜ୍ ପଦକ କିଟ୍ କ୍ରୀଡାବିତ୍ ଜିତିଛନ୍ତି । ଲାଲୁ ପ୍ରସାଦ ଭୋଇ ୨୩ ବର୍ଷରୁ କମ୍ ବାଳକ ୧୦୦ ମିଟର, ଅର୍ପିତା ଅର୍ଚ୍ଚନା ସାହୁ ୨୩ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ, ମହକ ନସରିନ ଦୟାନ ଖାନ ୨୩ ବର୍ଷରୁ କମ୍ ବାଳିକା ହାଇଜମ୍ପ, ଜସବିର ନାୟକ ପୁରୁଷ ଡେକାଥଲନ, ବାପି ହାଂସଦା ୨୦ ବର୍ଷରୁ କମ୍ ବାଳକ ୪ ଶହ ମିଟର ଏବଂ ଦୁର୍ଗାଚରଣ କିସ୍କୁ ୨୩ ବର୍ଷରୁ କମ୍ ବାଳକ ପୋଲଭଲ୍ଟରେ ନୂଆ ମିଟ୍ ରେକର୍ଡ କରିଛନ୍ତି । କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ ।

# ମୁମ୍ବାଇ ଟି -୨୦ ଲିଗରେ ଅର୍ଜୁନ ତେନ୍ଦୁଲକରଙ୍କ କମାଲ

ମୁମ୍ବାଇ, ୯।୬ (ଏଜେନ୍ସି) : କ୍ରିକେଟ ଭଗବାନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ନିଜର ଦମଦାର ପ୍ରଦର୍ଶନ ଦେଖାଇଛନ୍ତି । ଚାଲିଥିବା ମୁମ୍ବାଇ ଟି -୨୦ ଲିଗର ଏକ ମ୍ୟାଚରେ ସେ ପ୍ରଥମେ ବୋଲିଂରେ ୩ ୱିକେଟ ଅକ୍ତିଆର କରିଥିଲେ । ଏହାପରେ ବ୍ୟାଟିଂରେ ମଧ୍ୟ ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଥିଲେ । ତାଙ୍କର ଏହି ଚମତ୍କାର ପ୍ରଦର୍ଶନ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ବାନ୍ଦ୍ରା ବ୍ଲାଷ୍ଟର୍ସ ଏବଂ ଏଆରସିଏସ୍ ଅନ୍ଧେରୀ ମ୍ୟାଚ ଖେଳାଯାଇଥିଲା । ଅନ୍ଧେରୀ ପକ୍ଷରୁ ଖେଳିଥିବା ଅର୍ଜୁନ ପ୍ରଥମେ ବୋଲିଂ କରି ୩ ୱିକେଟ ହାସଲ କରିଥିଲେ । ତାଙ୍କର ଏହି ଚମତ୍କାର ବୋଲିଂ ଯୋଗୁଁ ବାନ୍ଦ୍ରା ବ୍ଲାଷ୍ଟର୍ସ ବଡ ସ୍କୋର କରିପାରିନଥିଲା । ଏହାପରେ ସେ ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଚୌକା ଛକା ବର୍ଷା କରି ଅର୍ଜୁନ ଦଳକୁ ବିଜୟୀ କରିଥିଲେ । ପୂର୍ବରୁ ଅର୍ଜୁନ ଆଇପିଏଲ ଏବଂ ବିଭିନ୍ନ ଘରୋଇ କ୍ରିକେଟ ପ୍ରତିଯୋଗିତାରେ ପ୍ରତିଭା ଦେଖାଇସାରିଛନ୍ତି । ମୁମ୍ବାଇ ଲିଗ୍‌ରେ ତାଙ୍କର ଏହି ଫର୍ମ ଆଗାମୀ ବଡ ମ୍ୟାଚ ପାଇଁ ସଙ୍କେତ ଦେଇଛି । ଯଦି ଏହି ପ୍ରଦର୍ଶନ ଜାରି ରୁହେ । ତେବେ ଆଗାମୀ ଦିନରେ ସେ ଏକ ପରିପକ୍ୱ ଅଲରାଉଣ୍ଡର ହୋଇପାରିବେ ।



# ସିଏମ୍ ଟ୍ରଫି –

## ବାଳକରେ ଯାଜପୁର -ବରଗଡ, ବାଳିକାରେ ଭୁବନେଶ୍ୱର -କେନ୍ଦୁଝର ଫାଇନାଲ

ଭୁବନେଶ୍ୱର, ୯।୬(ସବ୍ୟୁ) : ପଡିଆରୁ ପୋଡିୟମ ଲକ୍ଷ୍ୟ ନେଇ ଜାରି ରହିଥିବା ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣ ୧୪ ବର୍ଷରୁ କମ୍ ଆନ୍ତଃଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନସିପ୍‌ର ଫାଇନାଲ ଲଢେଇ ସ୍ପଷ୍ଟ ହୋଇଛି । ରାଉରକେଲାର ବିର୍ଷାମୁଣ୍ଡା ଷ୍ଟାଡିୟମରେ ବୁଧବାର ଉଭୟ ବାଳକ ଓ ବାଳିକା ବର୍ଗର ଫାଇନାଲ ମ୍ୟାଚ ଖେଳାଯିବ । ବାଳିକା ବର୍ଗର ଫାଇନାଲ ଭୁବନେଶ୍ୱର -କେନ୍ଦୁଝର ଏବଂ ବାଳକ ବର୍ଗର ଫାଇନାଲ ଯାଜପୁର -ବରଗଡ ମଧ୍ୟରେ ଖେଳାଯିବ । ବାଳକ ବର୍ଗର ପ୍ରଥମ ସେମିଫାଇନାଲରେ ଯାଜପୁର ୨-୧ ଗୋଲରେ ନବରଙ୍ଗପୁରକୁ ଏବଂ ବରଗଡ ୫-୧ ଗୋଲରେ ରାଉରକେଲାକୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛି । ସେହିଭଳି ବାଳିକା ବର୍ଗର ଦୁଇଟି ସେମିଫାଇନାଲରେ ଭୁବନେଶ୍ୱର ୬-୦ ଗୋଲରେ ନବରଙ୍ଗପୁରକୁ ଏବଂ କେନ୍ଦୁଝର ୮-୧ ଗୋଲରେ ବରଗଡକୁ ପରାଜିତ କରି ଫାଇନାଲକୁ ଉର୍ତ୍ତୀର୍ଣ୍ଣ ହୋଇଛି ।

# ଅନିମେଶଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡା ଯୋଗ୍ୟତା

ଭୁବନେଶ୍ୱର, ୯।୬(ସବ୍ୟୁ) : ଓଡିଶାର ତାରକା ଧାବକ ଅନିମେଶ କୁଜୁର ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ସେ ଉଭୟ ୧୦୦ ଓ ୨୦୦ ମିଟର ଦୌଡ ପାଇଁ ଭାରତର ପ୍ରତିନିଧିତ୍ୱ କରିବେ । ୨୩ ବର୍ଷୀୟ ଏହି ଆଥଲେଟ୍ ଗତମାସରେ ରାଞ୍ଚିରେ ଅନୁଷ୍ଠିତ ଫେଡେରେସନ୍ କପ୍‌ରେ ୧୦୦ ମିଟର ପାଇଁ ଆବଶ୍ୟକ କଟ୍‌ଅଫ୍ ମାର୍କ ହାସଲ କରିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ୧୦.୧୫ ସେକେଣ୍ଡ ଟାଇମ ଥିଲା । ୨୦୦ ମିଟରରେ ୨୦.୪୭ ସେକେଣ୍ଡେ ନେଇ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଅନିମେଶ ଯୋଗ୍ୟତା ହାସଲ କରିଥିଲେ । ସେ ଅକ୍ଟକେ ନିଜ ଜାତୀୟ ରେକର୍ଡ ଭଙ୍ଗ କରିପାରିନଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡାର ୨୩ତମ ସଂସ୍କରଣ ଜୁଲାଇ ୨୩ ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଆୟୋଜିତ ହେବ । ଏହି ଇଭେଣ୍ଟରେ ଅନିମେଶ ପ୍ରଭାବୀ ପ୍ରଦର୍ଶନ କରି ଦେଶ ଜାତିର ସମ୍ମାନ ବଢାଇବାକୁ ଆଶା କରିଛନ୍ତି ।




Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି